JULY 15, 2026
WEDNESDAY, BHUBANESWAR

ଜୁଲାଇ ୧୫, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 310 ବର୍ଷ- ୧ ● ସଂଖ୍ୟା- ୩୧୦ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

### କ୍ୟାବିନେଟ୍‌ରେ ୧୩ଟି ବଡ଼ ପ୍ରସ୍ତାବକୁ ମଞ୍ଜୁରୀ

# ଗାଁ ଗାଁକୁ ଯୋଡ଼ିବ ସଡ଼କ ଓ ସେତୁ



ଭୁବନେଶ୍ୱର, ୧୪ ।୭ :ଲୋକସେବା ଭବନର ପରିବେଶ ବେଶ୍ ଚଳଚଞ୍ଚଳ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିଲା ରାଜ୍ୟ କ୍ୟାବିନେଟର ୪୪ ତମ ଗୁରୁତ୍ୱପୂର୍ଣ୍ଣ ବୈଠକ। ଓଡ଼ିଶାର ବିକାଶ ଧାରାକୁ ଆହୁରି ତେଜିଲା କରିବା ପାଇଁ ସରକାର ଏକ ବଡ଼ ସଂକଳ୍ପ ନେଇଛନ୍ତି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଜଣାଇଥିଲେ ଯେ, ସରକାର ୭ଟି ପ୍ରମୁଖ ବିଭାଗର ମୋଟ ୧୩ଟି ବଡ଼ ପ୍ରସ୍ତାବ ଉପରେ ସରକାରୀ ମୋହର ମାରିଛନ୍ତି।

ଏହି ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ସବୁଠାରୁ ବଡ଼ ଫୋକସ୍ ରହିଛି ଓଡ଼ିଶାର ଗ୍ରାମାଞ୍ଚଳ ଉପରେ। ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବାଧିକ ୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି, ଯାହା ଗ୍ରାମୀଣ ଓଡ଼ିଶାର ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ବଦଳାଇ ଦେବାର କ୍ଷମତା ରଖେ ।ଜଳ ସମ୍ପଦ ବିଭାଗର ୧ଟି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧ଟି, ସମବାୟ ୧ଟି, କୃଷି ଓ କୃଷକ ସଶକ୍ତିକରଣ ୧, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ୧, ରାଜସ୍ୱ ୧ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭ଟି ଏହିପରି ମୋଟ ୭ଟି ବିଭାଗର ମୋଟ ୧୩ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବାଧିକ ୭ଟି ପ୍ରସ୍ତାବ ପାରିତ ହୋଇଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତାଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ କରାଯାଉଛି। ଏହି ଯୋଜନା ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହି ଯୋଜନା କାର୍ଯ୍ୟକାରି କରିବା ପାଇଁ ୧୯୧୭ କୋଟି ଟଙ୍କା ବ୍ୟୟବରାଦରେ

- ◆ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଅବଧି ଆଉ ୫ ବର୍ଷ ବୃଦ୍ଧି
- ◆ ସୁଦୃଢ଼ ହେବ ଗ୍ରାମାଞ୍ଚଳ ଭିତ୍ତିଭୂମି
- ◆ ବଦଳିବ ଓଡ଼ିଶାର ଚେହେରା

୩୮୫୦ କି.ମି ନୂତନ ରାସ୍ତା ତଥା ସେତୁ ନିର୍ମାଣ ଏବଂ ଚାଲୁ ରହିଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅନୁମୋଦିତ ହୋଇଛି ।ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଗ୍ରାମ୍ୟ ଉନ୍ନୟନ ଅଧୀନସ୍ଥ ରାସ୍ତାଗୁଡିକର ଉନ୍ନତିକରଣ ଯୋଜନା ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳରେ ଥିବା ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର , ପର୍ଯ୍ୟଟନସ୍ଥଳ ପ୍ରମୁଖକୁ ସଡକ ସୁବିଧା ଯୋଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ରହିଛି। ଏହି ଯୋଜନାରେ ୫ ବର୍ଷ କାର୍ଯ୍ୟକାରୀ କରିବା ପାଇଁ ୫୭୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରାୟ ୧୭୫୦୦ କିମି ନୂତନ ରାସ୍ତା ନିର୍ମାଣ କରିବା ପାଇଁ ଅନୁମୋଦିତ କରାଯାଇଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ହସ୍ତାନ୍ତରିତ ହୋଇଥିବା ରାସ୍ତାଗୁଡିକର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ମଧ୍ୟ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଚାଲୁ ରହିଥିବା ୧୧୫ କିମି ସଡକ ପ୍ରକଳ୍ପ ସମାପ୍ତ କରିବା ସହିତ ପ୍ରାୟ ୪୬୦୭.୨୧ କିମି ଦୈର୍ଘ୍ୟର ନୂତନ ସଡକ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୪୦୦୦ କୋଟିର ବ୍ୟୟବରାଦ କରାଯାଇଛି ।ରାଜ୍ୟ ସରକାରଙ୍କ ଦ୍ୱାରା ବ୍ରିଜ କମ୍ ୱେୟାର ଯୋଜନା ଆରମ୍ଭ କରାଯାଇଛି। ନଦୀଗର୍ଭ ଏବଂ ସେତୁର ଉପର ମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ କରି ଜଳ ଯୋଗାଣ କରାଯିବ। ଏହି ଯୋଜନାର ୫ ବର୍ଷର ଅବଧି ପାଇଁ ମୋଟ ୬୦୦ କୋଟିର ବ୍ୟୟବରାଦ କରାଯାଇଛି। ଏହା ସହ ୫୦୮ଟି ନୂତନ ପ୍ରକଳ୍ପର ନିର୍ମାଣ ଓ ୧୬୨ ଟି ଅଧୁରା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇ ☞ପୃଷ୍ଠା-୨

### ଓଏଏସ୍ ଅଫିସରଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା

## ଗ୍ରୀନ୍ ଏନର୍ଜି ଆପଣାଇବାକୁ ଦେଲେ ପରାମର୍ଶ



ଭୁବନେଶ୍ୱର: ୧୪/୦୭ : ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ଭଲଭାବେ ଅବଗତ ହେବା ଜରୁରୀ। ଏହାଦ୍ୱାରା ସାଧାରଣ ଲୋକଙ୍କ ନିକଟରେ ସରକାରୀ ସେବା ସୁଗମ ଓ ଶୃଙ୍ଖଳିତ ଭାବେ ପହଞ୍ଚିପାରିବ ବୋଲି ୨୦୨୩ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ଭୁବନେଶ୍ୱର ଲୋକଭବନସ୍ଥିତ ଅଭିଷେକ ହଲ୍ ଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ରରେ ଯୋଗଦେଇ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ଏଭଳି ଦିଗ୍‌ଦର୍ଶନ ଦେଇଛନ୍ତି।

**ଯୋଗ୍ୟ ହିତାଧିକାରୀଙ୍କୁ ମିଳୁ ସରକାରୀ ସେବା**

ମଙ୍ଗଳବାର ଲୋକଭବନ ଭୁବନେଶ୍ୱରସ୍ଥିତ ଅଭିଷେକ ହଲ୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି, ଅଧିକାରୀମାନେ ତୃଣମୂଳସ୍ତରର ବାସ୍ତବତା ବିଷୟରେ ସ୍ପଷ୍ଟ ଧାରଣା ରଖିବା ଉଚିତ। କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସଠିକ ରୂପାୟନ ଓ ଏଥିରେ ଯୋଗ୍ୟ ହିତାଧିକାରୀଙ୍କ ସମ୍ପୃକ୍ତିକୁ ସୁନିଶ୍ଚିତ କରିବା ପାଇଁ ଏହି ଜ୍ଞାନ ଅତ୍ୟନ୍ତ ଜରୁରୀ। ଏଥି ସହ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ନିଜକୁ ପଞ୍ଜିକୃତ କରାଇବା ସହିତ ଏହି ଯୋଜନାଗୁଡ଼ିକର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।ସମ୍ପ୍ରତି ବିଶ୍ୱ ଅର୍ଥନୈତିକ ପ୍ରତିବନ୍ଧକଗୁଡ଼ିକ ଉପରେ ଉଲ୍ଲେଖ କରି ରାଜ୍ୟପାଳ ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ଦେଶର ଅଶୋଧିତ ତୈଳ ଆମଦାନି କ୍ଷେତ୍ରରେ ମାତ୍ରାଧିକ ନିର୍ଭରଶୀଳତାରୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡିଥିବା ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ବ୍ୟକ୍ତିଗତ ସ୍ତରରେ ଆଚରଣ ପରିବର୍ତ୍ତନ, ବିଶେଷ କରି ପେଟ୍ରୋଲ ଏବଂ ଡିଜେଲ ଯାନ ବଦଳରେ କ୍ରମଶଃ ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ଉତ୍ସାହିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସ୍ୱଚ୍ଛ ଗତିଶୀଳତାକୁ ନବୀକରଣଯୋଗ୍ୟ ଶକ୍ତି ସହ ଯୋଡ଼ି ରାଜ୍ୟପାଳ ପିଏମ୍ ସୂର୍ଯ୍ୟ ଘର ଯୋଜନାର ଗୁରୁତ୍ୱ ଏବଂ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ ସହ ଇଭି ଚାର୍ଜିଙ୍ଗ୍ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଲୋକ ଭବନ 'ସବୁଜ ପ୍ରମାଣପତ୍ର' (ଗ୍ରୀନ ସାର୍ଟିଫିକେସନ) ହାସଲ ଦିଗରେ ଅଗ୍ରସର ହେଉଥିବାର ପ୍ରସଙ୍ଗ ରାଜ୍ୟପାଳ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁ ଏକାଡେମୀ ଅଫ ଆଡମିନିଷ୍ଟ୍ରେସନର ଉପ ମହାନିର୍ଦ୍ଦେଶକ ଡଃ ମୋନାଲିସା ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରଶିକ୍ଷାର୍ଥୀଙ୍କ ତାଲିମ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

## ନେତ୍ରୋତ୍ସବରେ ଶ୍ରୀଜୀଉଙ୍କ ଶ୍ରୀମୁଖ ଦର୍ଶନ

### ଝିପିଝିପି ବର୍ଷାରେ ଭାବବିହ୍ୱଳ ହେଲେ ଲକ୍ଷ ଲକ୍ଷ ଭକ୍ତ



ପୁରୀ,୧୪/୭-ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିଛି। ମହାପ୍ରଭୁଙ୍କ ନବଯୌବନ ଓ ନେତ୍ରୋତ୍ସବ ଦର୍ଶନ ପାଇଁ ଶ୍ରୀମନ୍ଦିର ସମେତ ସମଗ୍ର ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଦୀର୍ଘ ୧୫ ଦିନ କାଳ ଅଣସର ଘରେ ରହି ସୁସ୍ଥ ହେବା ପରେ ଅଣସର ତାଟି ଫିଟିଛି ଏବଂ ମହାପ୍ରଭୁଙ୍କ ନବଯୌବନ ରୂପ ଦେଖି ଧନ୍ୟ ହୋଇଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଝିପି ଝିପି ବର୍ଷା ଓ କୋହଲା ପାଗ ମଧ୍ୟରେ କାଳିଆ ସାଆନ୍ତଙ୍କ ଆଖିର ଦର୍ଶନ ପାଇ ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଶ୍ରୀମନ୍ଦିର ପରିସର 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହେଉଥିବା ବେଳେ ଭକ୍ତଙ୍କ ଆଖିରୁ ଭାବାଶ୍ରୁ ବହିଯାଇଛି। ଭାବ ଭକ୍ତିର ସହ ସମର୍ପିତ ହୋଇ ଭକ୍ତ ଦର୍ଶନ କରିଛି କାଳିଆକୁ । ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପୂର୍ବରୁ ଅଣସର ତାଟିରେ ପୂଜିତ ପଟଦିଅଁମାନଙ୍କୁ ବିସର୍ଜନ କରି ଦିଆଯାଇଛି । ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ ରୂପରେ ଦର୍ଶନ କରିଛନ୍ତି । ଏହା ହେଉଛି ନବଯୌବନ ଦର୍ଶନ। ପରେ ହୁଏ ମହାପ୍ରଭୁଙ୍କ ନେତ୍ରୋତ୍ସବ ନୀତି ।ଏହି ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପୂର୍ବର ବନକଲାଗି କରାଯାଇ ଶ୍ରୀମୁଖ-ଶିଙ୍ଗାରୀ ଦତ୍ତ ମହାପାତ୍ର ସେବକ ମାନେ ଶ୍ରୀଜଗନ୍ନାଥାଦି ଦେବତାମାନଙ୍କର ନେତ୍ର ଅଙ୍କନ କରିଛନ୍ତି । ସେଥିରେ ନେତ୍ର ପିତୁଳା ବା ପୁଅଡୋଳା ବି ଅଙ୍କନ କରିଥିଲେ। କିନ୍ତୁ ତାହା ସଂପୂର୍ଣ୍ଣ ହୋଇ ନଥାଏ। ନେତ୍ରୋତ୍ସବ ଦିନ ଦତ୍ତ ମହାପାତ୍ର ସେବକ ତିନିଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ଦେବା ପରେ, ପୂଜାପଣ୍ଡା ସେବକ ସେହି ନେତ୍ର ପିତୁଳା ଅଙ୍କନକୁ ସଂପୂର୍ଣ୍ଣ କରିବା ପାଇଁ ତିନି ଖଣ୍ଡି ତୁଳସୀ କାଠିରେ ଅଙ୍କନ କରିଥିଲେ । ମହାପ୍ରଭୁଙ୍କ ଏହି ଦୁର୍ଲଭ ରୂପ ଦର୍ଶନ ପାଇଁ ☞ପୃଷ୍ଠା-୨

- ◆ ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ
- ◆ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ବଡ଼ଦାଣ୍ଡ
- ◆ ଶୃଙ୍ଖଳିତ ଦର୍ଶନ ପାଇଁ କଡ଼ା ସୁରକ୍ଷା

## ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୧୪/୦୭ : ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିଛନ୍ତି। ଏ ସମ୍ପର୍କରେ ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ

**ସ୍ୱାସ୍ଥ୍ୟ ବିଭାଗର ବଡ଼ ବୈଠକ**
**ଭୟ ନୁହେଁ ସଚେତନତା ଜରୁରୀ**

ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ସ୍ୱାସ୍ଥ୍ୟ ପ୍ରସ୍ତୁତି ଏବଂ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ବର୍ତ୍ତମାନ ଏ ବାବଦରେ କୌଣସି ବ୍ୟସ୍ତ ନ ହେବାକୁ ସେ କହିଛନ୍ତି । ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି । ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ☞ପୃଷ୍ଠା-୨

## କଟକରେ ଜ୍ଞାନର ନୂଆ ଆଲୋକ

## ଲୋକାର୍ପିତ ହେଲା ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର



କଟକ, ୧୪/୦୭:ସାଂସ୍କୃତିକ ସହର କଟକର ବିକାଶ ଧାରାରେ ଏକ ଐତିହାସିକ ଫର୍ଦ୍ଦ ଯୋଡ଼ିହୋଇଛି। ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମିରେ ୪୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ବହୁପ୍ରତୀକ୍ଷିତ 'ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର' ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ୩ ମହଲା ବିଶିଷ୍ଟ ପାଠାଗାରର ଶୁଭ ଉଦଘାଟନ କରିଛନ୍ତି ।ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପ୍ରକଳ୍ପ ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସହରର ବୌଦ୍ଧିକ ଓ ଭିତ୍ତିଭୂମି ବିକାଶକୁ ସରକାର ସର୍ବଦା ପ୍ରାଥମିକତା ଦେବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଏ ସହରକୁ ଆହୁରି ସରସ ସୁନ୍ଦର କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଆମେ ସୁବବେଳେ ବିକାଶର ରାସ୍ତାରେ ଯିବାକୁ ଚେଷ୍ଟା କରୁଛୁ। ଯେତେବେଳେ ସବୁ ଅଞ୍ଚଳ ବିକଶିତ ହେବ ସେତେବେଳେ ଆମର ଲକ୍ଷ୍ୟ ମଧ୍ୟ ପୂରଣ ହେବ ବୋଲି ମନ୍ତ୍ରୀ କହିଥିଲେ। କଟକ ସହର ପାଇଁ ଯାହା ଆବଶ୍ୟକ ଥିବ ତାହାକୁ ଆମେ ପ୍ରାଥମିକତା ଭିତ୍ତିରେ ପୂରଣ କରିବୁ ବୋଲି ଆଶ୍ୱାସନା ଦେଇଥିଲେ ମୁଖ୍ୟଅତିଥି । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ☞ପୃଷ୍ଠା-୨

- ❖ ୪୨ କୋଟିରେ ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀ
- ❖ ଉଦ୍‌ଘାଟନ ସମାରୋହରେ ସାମିଲ ହେଲେ କଟକର ୩ ବିଧାୟକ, ମେୟର, ଜିଲ୍ଲାପାଳ, ଡିସିପି ଓ କମିଶନର
- ❖ ଗୁରୁଡିଝାଟିଆଠାରେ ୫ ଏକର ଜମିରେ ହେବାକୁ ଥିବା ଗୋଶାଳାର ହେଲା ଭିତ୍ତିପ୍ରସ୍ତର ସ୍ଥାପନ



ଅକ୍ଷର
AKHYARA ODISHA | ଓଡ଼ିଶା

**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

କୋଭିଡ ବଢୁଛି କୋଭିଡ ବଢୁଛି
ମନ୍ତ୍ରୀ, ଅଫିସର ଛାନିଆ
ଡାକ୍ତର କୁହନ୍ତି ଆମେ ରେଡି ଅଛୁ
ଛୁଞ୍ଚିକୁ କରିକି ମୁନିଆ
ସବୁତ ଟଙ୍କାର ମାନିଆ
ମେଡିକାଲ ରାମ୍ପେ ଗରିବଙ୍କୁ ଦେଖ
ଲଗାଇ ଶୋଷଣ ପନିଆ

# ଏଆଇ ଆଖିରେ ରଥଯାତ୍ରା ଟ୍ରାଫିକ

### ଭକ୍ତଙ୍କ ସୁବିଧା ପାଇଁ ପୁରୀ ପୋଲିସର ହାଇଟେକ୍ ବ୍ୟବସ୍ଥା




ପୁରୀ,୧୪ ।୭(ଅକ୍ଷର ଓଡ଼ିଶା)ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗମନା ଗମନ ସୁଗମ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୋଲିସ ଟ୍ରାଫିକ କଣ୍ଟ୍ରୋଲ ସେଣ୍ଟର ପକ୍ଷରୁ ଜାରି ସୂଚନା ଅନୁଯାୟୀ ୩୦ଟି ନିର୍ଦ୍ଧାରିତ ପାର୍କିଂ ସ୍ଥଳ, ଏଆଇ ଭିତ୍ତିକ ଟ୍ରାଫିକ ନିରୀକ୍ଷଣ, ଡ୍ରୋନ ସର୍ଭେଲାନ୍ସ,ଏଲଇଡି ସୂଚନା ବୋର୍ଡ ଏବଂ ବଡ଼ଦାଣ୍ଡ ଚାରିପାଖରେ ୨୪ ଘଣ୍ଟିଆ 'ନୋ-ଭେହିକିଲ ଜୋନ୍' ଘୋଷଣା କରାଯାଇଛି ।ପାର୍କିଂ ପାଇଁ ବିଭିନ୍ନ ବର୍ଗର ଯାନବାହନ ରଖିବାକୁ ୩୦ଟି ପାର୍କିଂ ସ୍ଥଳ ଚିହ୍ନଟ କରାଯାଇଛି। ସେଥିରେ ୭,୭୩୦ଟି ଚାରିଚକିଆ ଯାନ ପାଇଁ ୨୨ଟି ପାର୍କିଂ ସ୍ଥଳ, ୧୫,୦୦୦ ଦୁଇଚକିଆ ଯାନ ପାଇଁ ୪ଟି ପାର୍କିଂ ସ୍ଥଳ ଏବଂ ୭୫୦ଟି ବସ୍ ପାଇଁ ୪ଟି ପାର୍କିଂ ସ୍ଥଳ ରହିଛି ।ଚଳିତ ବର୍ଷ ଅଧିକ ଯାନବାହନ ପାଇଁ ସ୍ଥାନ ଉପଲବ୍ଧ କରିବାକୁ ଭୂଦାନ, ସେଣ୍ଟ୍ରାଲ ସ୍କୁଲ, ସେଣ୍ଟ୍ରାଲ ସ୍କୁଲ ପଛପଟ, ତାଜ୍, ସମଙ୍ଗ ଏବଂ ଶ୍ରୀସେତୁ ଠାରେ ୬ଟି ନୂଆ ପାର୍କିଂ ସ୍ଥଳ କରା ଯାଇଛି। ଏହି ନୂତନ ପାର୍କିଂ ସ୍ଥଳ ଯୋଗୁ ଚଳିତ ବର୍ଷ ପାର୍କିଂ କ୍ଷମତା ବୃଦ୍ଧି ପାଇଛି ।ପାସ୍ ଧାରୀଙ୍କ ପାଇଁ ଜେବିପିସି , ଯାତ୍ରିକା,ଲୋକନାଥ ଓ ଜେଲ୍ ରୋଡ୍ ସମ୍ମୁଖ ନେଲ୍ ଫିଲ୍ଡରେ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ବ୍ୟବସ୍ଥା କରାଯାଇଛି ।ସେହିପରି ପାସ ନଥିବା ବ୍ୟକ୍ତିଙ୍କ ପାଇଁ ୧୮ଟି ପାର୍କିଂ ସ୍ଥଳ ଚିହ୍ନଟ କରାଯାଇଛି। ଏହା ସହିତ ଜେଲ୍ ରୋଡ୍‌ରେ ଅତିରିକ୍ତ ଜରୁରୀକାଳୀନ ପାର୍କିଂ ବ୍ୟବସ୍ଥା ମଧ୍ୟ ହୋଇଛି ।ପୁରୀକୁ ଆସୁଥିବା ଗାଡ଼ିଗୁଡ଼ିକ ନଜର ରଖିବା ପାଇଁ ପ୍ରଶାସନ ୨୪୪ଟି ସିସିଟିଭି କ୍ୟାମେରା ଲଗାଇଛି । ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୩ଟି ଡ୍ରୋନ୍ ମୁତୟନ କରିଛି ।ଗାଡ଼ି ଚାଳକମାନଙ୍କ ମାର୍ଗଦର୍ଶନ ପାଇଁ ସମଗ୍ର ଜିଲ୍ଲାରେ ୫୯୫ଟି ସ୍ଥାୟୀ ଓ ୧,୦୫୦ଟି ଅସ୍ଥାୟୀ ସାଇନବୋର୍ଡ ଲଗାଯାଇଛି ।ଟ୍ରାଫିକ ଜାମ୍ ସମ୍ପର୍କରେ ତତ୍କାଳ ଅପଡେଟ୍ ପ୍ରଦାନ କରିବାକୁ ଜାତୀୟ ରାଜପଥଗୁଡ଼ିକରେ ଏଲଇଡି ଡିସପ୍ଲେ ବୋର୍ଡ ଲଗାଯାଇଛି ।ଦୁଇଟି ମୋବାଇଲ୍ ଏଲଇଡି ଡିସପ୍ଲେ ୟୁନିଟ୍ ଉତ୍ତରା-ଲିଙ୍ଗିପୁର କରିଡର ଏବଂ ଭୁବନେଶ୍ୱର ମଧ୍ୟରେ କାର୍ଯ୍ୟ କରିବ। ଏହା ମାଳତୀପାଟପୁର ରୁଟ୍ ପାଇଁ ଲାଇଭ୍ ଟ୍ରାଫିକ ସ୍ଥିତି ଓ ☞ପୃଷ୍ଠା-୨

- ▲ ୩୦ଟି ପାର୍କିଂ ସ୍ପଟ୍, ୨୪୪ ସିସିଟିଭି ଓ ଡ୍ରୋନ୍ ନଜର
- ▲ ରଥଯାତ୍ରା ପାଇଁ ବଡ଼ଦାଣ୍ଡ ସାଜିବ 'ନୋ-ଭେହିକିଲ୍ ଜୋନ୍'

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ପଡ଼ିଲା ମହଙ୍ଗା

ଭୁବନେଶ୍ୱର,୧୪ ।୭ :ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନରେ ହୋଇଥିବା ଗୁରୁତର ତ୍ରୁଟି ଏବଂ ଅନିୟମିତତା ମାମଲାରେ କ୍ରାଇମବ୍ରାଞ୍ଚ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ସମ୍ବେଦନଶୀଳ ଘଟଣାରେ କ୍ରାଇମବ୍ରାଞ୍ଚ SCERTର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ଆନୁଷ୍ଠାନିକ ଭାବେ ଗିରଫ କରିଛି ।ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ସମ୍ପର୍କରେ ସୋମବାର ସନ୍ଧ୍ୟାରେ ଏସସିଇଆରଟି (SCERT) ନିର୍ଦ୍ଦେଶିକା ମଧୁସ୍ମିତା ସାହୁ କ୍ରାଇମବ୍ରାଞ୍ଚରେ ଏକ ଲିଖିତ ଏତଲା ଦାୟର କରିଥିଲେ। ଏହି ଏତଲାରେ ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କ ସମେତ ଅନ୍ୟ ୫ ଜଣ ଅଧିକାରୀଙ୍କ ନାଁ ରହିଛି। ଅଭିଯୋଗ ଅନୁସାରେ, ଏହି ୬ ଜଣ ବ୍ୟକ୍ତି ହିଁ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନରେ ହୋଇଥିବା ଅନିୟମିତତା ତଥା ତ୍ରୁଟି ପାଇଁ ସମ୍ପୂର୍ଣ୍ଣ ଦାୟୀ ଏବଂ ଏହା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ଏହି ଏତଲାକୁ ଆଧାର କରି କ୍ରାଇମବ୍ରାଞ୍ଚ ☞ପୃଷ୍ଠା-୨

**ପାଠ୍ୟପୁସ୍ତକ ଷଡ଼ଯନ୍ତ୍ର ମାମଲାରେ ଏସ୍‌ସିଇଆର୍‌ଟି ପୂର୍ବତନ ନିର୍ଦ୍ଦେଶକ ଗିରଫ**



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗାଁ ଗାଁକୁ ଯୋଡ଼ିବ...

ଅନୁମୋଦନ କରିଛନ୍ତି। ସେତୁ ବନ୍ଧନ ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏଥିରେ ବର୍ତ୍ତମାନ ୧୪୧୭ ଚାଲୁ ରହିଥିବା ସେତୁ ସମ୍ପୂର୍ଣ୍ଣ କରିବା ସହିତ ୧୭୫୦ ନୂତନ ସେତୁ ହାତକୁ ନେବା ପାଇଁ ୧୧,୮୦୦ କୋଟି ମଞ୍ଜୁରୀ ଦେଇଛନ୍ତି। ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସଡକ ସଂଯୋଗୀକରଣ ପାଇଁ ରାଜ୍ୟ ସରକାର ଏମଏମଏସୱାଇ ଦୁର୍ଗମ ଅଞ୍ଚଳରେ ଅସଂଯୋଗିତ ଗ୍ରାମଗୁଡିକର ସଂଯୋଗୀକରଣ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୧୩୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ମଞ୍ଜୁରୀ ପ୍ରଦାନ କରିଛନ୍ତି।ଏହି ସମସ୍ତ ପ୍ରକଳ୍ପ କେବଳ ଯେ ଗ୍ରାମାଞ୍ଚଳକୁ ସହର ସହ ଯୋଡ଼ିବ ତାହା ନୁହେଁ, ବରଂ ଓଡ଼ିଶାର ଚାଷୀ, ଖାଉଟି, ମତ୍ସ୍ୟଜୀବୀ ଓ ସାଧାରଣ ଜନତାଙ୍କ ଜୀବନଶୈଳୀରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ଆଣିବ। କ୍ୟାବିନେଟର ଏହି ସୁଦୂରପ୍ରସାରୀ ନିଷ୍ପତ୍ତି ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

### ନେତ୍ରୋତ୍ସବରେ ଶ୍ରୀଜୀଉଙ୍କ...

ଶ୍ରୀମନ୍ଦିରରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାରିମାଣିକ ଦର୍ଶନ ଓ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ କରାଯାଇଛି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ପାଇଁ ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯେପରି ଶ୍ରଦ୍ଧାଳୁମାନେ ବିନା କୌଣସି ଅସୁବିଧାରେ ମହାପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରିପାରିବେ।

### ଯେକୌଣସି ପରିସ୍ଥିତିର...

ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି। ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡ଼ିଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଲୋକାର୍ପିତ ହେଲା ଓଡ଼ିଶାର...

ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। ଜ୍ଞାନର ଦୀପ ଜଳିଲେ, ପ୍ରଗତିର ପଥ ଆପେ ଆପେ ଆଲୋକିତ ହୁଏ ତେଣୁ ପୁସ୍ତକ ସହ ବନ୍ଧୁତା ହିଁ ଜୀବନର ସର୍ବଶ୍ରେଷ୍ଠ ବିନିଯୋଗ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦଘାଟନ ଉତ୍ସବ ଅବସରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମର ଉଦଘାଟନ କରାଯାଇଥିଲା। ପାଠାଗାର ଉଦଘାଟନ ଅବସରରେ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥି। କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ ଉନ୍ମୋଚନ କରାଯାଇଥିଲା। ଗୁରୁଡିଝାଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମନ୍ତ୍ରୀ ଏହାକୁ ଭରଚୁଆଲି ଶୁଭାରମ୍ଭ କରିଥିଲେ।ଏହି ଅତ୍ୟାଧୁନିକ କେନ୍ଦ୍ରୀୟ ପାଠାଗାର କଟକ ସହର ସହିତ ସମଗ୍ର ରାଜ୍ୟର ଗବେଷକ, ଛାତ୍ରଛାତ୍ରୀ ଓ ପାଠକପାଠିକାଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ସାବ୍ୟସ୍ତ ହେବା ସହ ଜ୍ଞାନ, ଗବେଷଣା ଓ ବୌଦ୍ଧିକ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେବ ବୋଲି କହିଥିଲେ କଟକ ମହାନଗର ନିଗନର କମିଶନର ସୁଶ୍ରୀ କୀରଣଦୀପ କୌର ସହୋତା ଏବଂ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ। ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ଏକ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ପୁରା ଲାଇବ୍ରେରୀରେ ଇଣ୍ଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି। ଇ-ଲାଇବ୍ରେରୀ, ଶିଶୁ ପଠନ କ୍ଷେତ୍ର, ଗବେଷଣା ସୁବିଧା, କେନ୍ଦ୍ରୀୟ ଏସି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ରହିଛି। ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର। ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍ ଲିମିଟେଡ୍ ଏହାକୁ ନିର୍ମାଣ କରିଛନ୍ତି। ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟର ଅଡିଟୋରିଅମ୍, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି। ପାର୍କିଂ ପାଖରୁ ଦୁଇଟି ଲିଫ୍ଟ ସହିତ ସିସିଟିଭି ନିରୀକ୍ଷଣ, ୨୪ସ୭ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସୌର ଶକ୍ତି, ପର୍ଯ୍ୟାପ୍ତ ପାର୍କିଂ, ଆକର୍ଷଣୀୟ ସବୁଜ ପରିବେଶ ଓ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ମଧ ଏଥିରେ ଉପଲବ୍ଧ ରହିଛି। କାର୍ଯ୍ୟକ୍ରମରେ କେଏମସିର ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଓ ଅଧକ୍ଷାଙ୍କ ସହ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଏଆଇ ଆଖିରେ...

ଜାମ୍ ଆଲର୍ଟ ପ୍ରଦର୍ଶନ କରିବ। ପ୍ରଥମ ଥର ପାଇଁ, ଗାଡ଼ି ଚାଳକ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିଶେଷ ଭାବେ ମାଳତୀପାଟପୁର ଏବଂ ବାଟଗାଁ ରୁଟ୍‌ର ଟ୍ରାଫିକ ସ୍ଥିତି ଜଣାଇବା ପାଇଁ 'ବ୍ଲକ ଏସଏମଏସ' ଆଲର୍ଟ ସେବା ଆରମ୍ଭ କରାଯାଇଛି। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତାଳବଣିଆ ଓ ମାଳତୀପାଟପୁରରେ ଦୁଇଟି 'ମଡେଲ ଟ୍ରାଫିକ ଏଡ୍ ପୋଷ୍ଟ' ସ୍ଥାପନ କରାଯାଇଛି। ଏତଦ୍ ବ୍ୟତୀତ ଜିଲ୍ଲାରେ ୭୩ଟି ଟ୍ରାଫିକ ଏଡ୍ ପୋଷ୍ଟ ପ୍ରତିଷ୍ଠା କରାଯାଇଛି। ନୋ ଭେହିକିଲ୍ ଜୋନଞ୍ଆସନ୍ତା ଜୁଲାଇ ୧୫ ତାରିଖ ରାତି ୧୨ରୁ ଜୁଲାଇ ୧୬ ରାତି ୧୨ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବଡ଼ଦାଣ୍ଡ ସମେତ ଝାଡ଼େଶ୍ୱରୀ ଛକରୁ ହସ୍ପିଟାଲ କ୍ରସିଂ ,ଜେଲ୍ ରୋଡ୍ ପାର୍କିଂରୁ ହସ୍ପିଟାଲ କ୍ରସିଂ, ଝାଡ଼େଶ୍ୱରୀ ଛକରୁ ଶ୍ରୀମନ୍ଦିର, ବୃଷଭ ଛକରୁଶ୍ରୀମନ୍ଦିର,ସୋଲଖିଆ ବରଗଛ ଠାରୁ ଶ୍ରୀମନ୍ଦିର,ମୋଚିସାହି ଛକରୁ ଶ୍ରୀମନ୍ଦିର ଓଯାତ୍ରିକା ପାର୍କିଂରୁ ଦିଗବାରେଣୀ ଛକ ପର୍ଯ୍ୟନ୍ତ ରାସ୍ତାକୁ ନୋ ଭେହିକିଲ ଜୋନ୍ ଘୋଷଣା କରାଯାଇଛି।

### ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ...

ତଦନ୍ତ ଆରମ୍ଭ କରି ପ୍ରଥମେ ମନୋଜ ପାଢୀଙ୍କୁ ଅଟକ ରଖିଥିଲା ଏବଂ ପରେ ତାଙ୍କୁ ଗିରଫ କରିଛି। ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହୋଇଥିବା ଏହି ତ୍ରୁଟିକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ବହି ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତି ଓ ଅବହେଳାର ପର୍ଦ୍ଦାଫାଶ କରିବା ପାଇଁ ସରକାର ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସପି ନରେନ୍ଦ୍ର କୁମାର ବେହେରା ଏହି ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ (IO) ଭାବେ ନିଯୁକ୍ତ ହୋଇ ଘଟଣାର ଖୋଳତାଡ଼ କରୁଛନ୍ତି। ଆଗାମୀ ଦିନରେ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ମଧ କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ରହିଛି।

## ଡାବୁଗାଁ ଜଗନ୍ନାଥ ମନ୍ଦିରରେ ନବ ଯୌବନ ବେଶ ଓ ନେତ୍ରୋତ୍ସବ ପାଳିତ

ଡାବୁଗାଁ, ୧୪/୦୭ (ଅକ୍ଷର ଓଡିଶା) : ଡାବୁଗାଁ ସଦର ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ନବ ଯୌବନ ଦର୍ଶନ ଓ ନେତ୍ରୋତ୍ସବ ଉଛବ ପାଳିତ ହୋଇଯାଇଛି। ସ୍ନାନ ବେଦୀରୁ ଅଣସର ଘରେ ୧୫ ଦିନ ଅଣସର ଘରେ ଜ୍ୱରରେ ପୀଡ଼ିତ ହୋଇ ରହିବା ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ନବ ଯୌବନ ବେଶ ସହ ନେତ୍ରୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଥିଲା। ଜଗନ୍ନାଥ ମନ୍ଦିର ପୂଜକ ନବୀନ ଚନ୍ଦ୍ର ପାଢ଼ୀ, ଗୋବିନ୍ଦ ପଣ୍ଡା ଓ କାଳିଆ ପାଢ଼ୀଙ୍କ ଦ୍ୱାରା ସ୍ୱତନ୍ତ୍ର ନୀତି ରୀତି ଅନୁଯାଇ ପୂଜାକାର୍ଯ୍ୟ ସମ୍ପନ୍ନ ସହ ହୋମ ଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଉପସଭାପତି ଜି ଭେଙ୍କେଟେଶ୍ୱର ରାଓ ଓ ତାଙ୍କ ସହ ଧର୍ମିଣି ଜି ନାଗା ଜ୍ୟୋତି ପୂଜାକାର୍ଯ୍ୟ କରିଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ କୀର୍ତ୍ତନ ପରିବେଶ ସହ ଭକ୍ତଙ୍କ ନିମନ୍ତେ ଅନ୍ନ ଭୋଗ କରାଯାଇଥିଲା। ଜଗନ୍ନାଥ ମନ୍ଦିର ରେ ନବଯୌବନ ଓ ନେତ୍ରୋତ୍ସବ ଉତ୍ସବ ଦେଖିବାକୁ ଶତାଧିକ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଆସନ୍ତା ଗୁରୁବାର ଦିନ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ କମିଟି ତରଫରୁ ରଥ ନିର୍ମାଣ କାର୍ଯ୍ୟ ସହ ସମ୍ପୂର୍ଣ ପ୍ରସ୍ତୁତି କାର୍ଯ୍ୟ ସମାପ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଗୀତା ମୁର୍ମୁ, ସମ୍ପାଦକ ଜି ସାଇ ରାଜୁ, କୋଷାଧକ୍ଷ ଭଗବାନ ମହାନ୍ତି, ସୁରେନ୍ଦ୍ର ମିଶ୍ର, ମଲେ ବିଶୋଇ, ପ୍ରକାଶ ପଣ୍ଡା, ବାବି ଜେନା, ସୂର୍ଯ୍ୟ ସୁବୁଦ୍ଧି, ସପନ ଦେ, ଲକ୍ଷ୍ମୀକାନ୍ତ ରଥ, ରାଜେନ୍ଦ୍ର ମିଶ୍ର, ଫୁଲ ସିଂ ଜାନି, ତଥା ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଟ୍ରେନ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ: ଚିହ୍ନଟ ପାଇଁ ଅପିଲ୍

ଯାଜପୁର, ୧୪/୦୭ (ଅକ୍ଷର ଓଡ଼ିଶା): ଯାଜପୁର-ସୁକିନ୍ଦା ବାଇପାସ୍ (ମାଣତିରା) ନିକଟରେ ଟ୍ରେନ୍ ଧକ୍କାରେ ଜଣେ ଆନୁମାନିକ ୬୦ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ। ଏ ନେଇ ଭଦ୍ରକ ରେଳବାଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ସଂଖ୍ୟା- ୪୬ରୁଜୁ କରାଯାଇଛି। ଯାଜପୁର ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବର ପଞ୍ଚନାମା କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତ ବୃଦ୍ଧାଙ୍କ ଚିହ୍ନଟ ପ୍ରକ୍ରିୟା ପାଇଁ ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ୯୬ ଘଣ୍ଟା ପାଇଁ ସଂରକ୍ଷିତ କରି ରଖାଯାଇଛି। ଯଦି କୌଣସି ବ୍ୟକ୍ତି ଏହି ବୃଦ୍ଧା ମହିଳାଙ୍କ ସମ୍ପର୍କରେ କିଛି ସୂଚନା ପାଆନ୍ତି କିମ୍ବା ତାଙ୍କୁ ଚିହ୍ନିପାରନ୍ତି, ତେବେ ଯାଜପୁର ରେଳବାଇ ପୋଲିସର ମୋବାଇଲ୍ ନମ୍ବର ୯୩୪୮୬୧୨୧୦୪ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ଧାରଣା

ନୟାଗଡ଼, ୧୪/୦୭ (ଅକ୍ଷର ଓଡ଼ିଶା) : 'ନୟାଗଡ଼ ଜିଲ୍ଲା ଟ୍ରେଡ଼ ୟୁନିଅନ ସମନ୍ୱୟ କମିଟି'ର ନେତୃବୃନ୍ଦ ଏବଂ ନିର୍ମାଣ ଶ୍ରମିକ ତଥା ଅଣସଂଗଠିତ ଶ୍ରମିକଙ୍କ ଆହ୍ୱାନରେ ପୂର୍ବାହ୍ନ ୧୧ ଟାରୁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ଅନଶନ ଆରମ୍ଭ କରାଯାଇଛି । ନୟାଗଡ଼ ଶ୍ରମ କାର୍ଯ୍ୟାଳୟରେ ସହକାରୀ ଶ୍ରମ ଅଧିକାରୀ ଅବଦୁଲ କାଦିର ଖାଁ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଗାଦି ମଡ଼ା ଭାବେ ରହି ନୟାଗଡର ଆଦିବାସୀ, ହରିଜନ ଶ୍ରମିକଙ୍କୁ ବହୁ ହଇରାଣ କରିବା ସହିତ ଅଫିସରେ ରାଜନୀତି କରିବା, ବିଭିନ୍ନ ନିର୍ବାଚନ ସମୟରେ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାପାଇଁ ଶ୍ରମିକଙ୍କ ଉପରେ ଚାପ ପ୍ରୟୋଗ କରିବା, ଅଫିସର ଅନ୍ୟ ଅଧିକାରୀମାନଙ୍କୁ ଶ୍ରମିକ ବିରୋଧୀ କାର୍ଯ୍ୟ କରିବାପାଇଁ ଉସକାଇବା ଆଦି କାର୍ଯ୍ୟ କରିଆସୁଛନ୍ତି ବୋଲି କମିଟି ତଥା ଶହେରୁ ଉର୍ଦ୍ଧ୍ୱ ଶ୍ରମିକ ଅଭିଯୋଗ କରିଛନ୍ତି । ୩ ବର୍ଷରୁ ଅଧିକ ସମୟ ଗାଦିମାଡି ରହିଥିବା କର୍ମଚାରୀଙ୍କୁ ତୁରନ୍ତ ବଦଳି କରିବାର ସରକାରୀ ନିର୍ଦ୍ଦେଶ ରହିଥିବାବେଳେ, ନୟାଗଡ଼ କାର୍ଯ୍ୟାଳୟରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଗାଦି ମଡ଼ାହୋଇ ରହିଥିବା ସହକାରୀ ଶ୍ରମ ଅଧିକାରୀ ଅବଦୁଲ କାଦିର ଖାଁଙ୍କୁ ତୁରନ୍ତ ବଦଳି କରାଯିବାର ଦାବି ନେଇ କମିଟିର ଅଧକ୍ଷ୍ୟ ଶୂନ୍ୟଜୟୀ ମିଶ୍ର, ମହାସଚିବ




ବସୁଦେବ ମହାନ୍ତି, ଉପାଧକ୍ଷ୍ୟ ଶ୍ରୀକାନ୍ତ ପଟ୍ଟନାୟକ, ବରିଷ୍ଠ ନେତା ସଞ୍ଜୟ ଦାସ, ରଘୁନାଥ ମହାରଣା, ବରିଷ୍ଠ ବିଜେପି. ନେତା ସନ୍ତୋଷ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଅମିତ ସାହୁ,ଯୁବରାଜ ନାୟକ,ଅଶୋକ କୁମାର ନାୟକ, ଶ୍ରମିକ ଗୋପୀନାଥ ଜେନା, ରାଜେନ୍ଦ୍ର ଯାନୀ, ପ୍ରକାଶ କହଁର ପ୍ରମୁଖ ଯୋଗଦାନ କରିଥିଲେ ।

## ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସେବା ଓ ସଂକଳ୍ପ ଲକ୍ଷ

ଧର୍ମଶାଳା, ୧୪/୦୭ (ରାଜେଶ କୁମାର ପରିଡା) ଯାଜପୁର ଜିଲ୍ଲାର ରାଜନୈତିକ ମାନଚିତ୍ରରେ ଧର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ନିକଟ ଅତୀତରେ ଏହି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପରିବର୍ତ୍ତନର ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ଲାଭ କରି ନିର୍ବାଚିତ ହୋଇଥିବା ବିଧାୟକ ହିମାଂଶୁ ଶେଖର ସାହୁ ବର୍ତ୍ତମାନ ଧର୍ମଶାଳାର ବିକାଶ ଓ ସେବା କ୍ଷେତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ବିଧାୟକ ହିମାଂଶୁ ଶେଖର ସାହୁଙ୍କ କାର୍ଯ୍ୟଶୈଳୀ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ସେ କେବଳ ରାଜନୈତିକ ନେତା ଭାବେ ନୁହେଁ, ବରଂ ଜଣେ ସାଧାରଣ ବ୍ୟକ୍ତି ଭାବେ ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ ପସନ୍ଦ କରନ୍ତି। 'ସେବା ହିଁ ଧର୍ମ' ଏହି ମନ୍ତ୍ରକୁ ପାଥେୟ କରି ସେ ଦିନରାତି ଧର୍ମଶାଳାବାସୀଙ୍କ ସେବାରେ



ନିଜକୁ ନିୟୋଜିତ କରିଛନ୍ତି।ଧର୍ମଶାଳାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ସ୍ଥାନୀୟ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ପାଇଁ ସେ ଗୁରୁତ୍ୱ ଦେଉଛନ୍ତି। ରାସ୍ତାଘାଟ, ସେତୁ, ଏବଂ ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ଦ୍ରୁତ ପଦକ୍ଷେପ ନିଆଯାଉଛି।ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଖେଳ ପଡ଼ିଆର ଉନ୍ନତିକରଣ ଏବଂ କ୍ରୀଡ଼ା ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ କରିବା ତାଙ୍କର ଏକ ପ୍ରମୁଖ ଲକ୍ଷ୍ୟ। ନିକଟରେ ଧର୍ମଶାଳା ଷ୍ଟାଡିୟମ ପରିସରରେ କ୍ରୀଡା ଛାତ୍ରାବାସ ଉଦଘାଟନ ଏହାର ସେ ଜନସାଧାରଣଙ୍କ ସମସ୍ୟା ଶୁଣିବା ପାଇଁ ଏକ ବ୍ୟବସ୍ଥିତ 'ଗ୍ରୀଭାନ୍ସ ରିଡ୍ରେସାଲ ସିଷ୍ଟମ' ଆରମ୍ଭ କରିଛନ୍ତି, ଯାହା ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଉଦ୍ଦିଷ୍ଟ। ହିମାଂଶୁ ଶେଖର ସାହୁଙ୍କ ସଫଳତାର ମୂଳ ରହସ୍ୟ ହେଲା ଲୋକଙ୍କ ସହିତ ତାଙ୍କର ସିଧାସଳଖ ସମ୍ପର୍କ। କୌଣସି ଜଟିଳ ସମସ୍ୟା ହେଉ କିମ୍ବା ସାଧାରଣ ଆବଶ୍ୟକତା, ବିଧାୟକ ନିଜେ ଉପସ୍ଥିତ ରହି ତା'ର ସମାଧାନ କରିବାରେ ବିଶ୍ୱାସ ରଖନ୍ତି। ଧର୍ମଶାଳାର ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତରେ ପହଞ୍ଚି ଲୋକଙ୍କ ମୌଳିକ ସମସ୍ୟା ବୁଝିବା ତାଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମର ଅଂଶବିଶେଷ। ଧର୍ମଶାଳାର ବିକାଶ ପଥରେ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱ ଏକ ନୂତନ ଆଶାର ସଞ୍ଚାର କରିଛି। ତାଙ୍କର ସ୍ୱଚ୍ଛତା, କାର୍ଯ୍ୟଦକ୍ଷତା ଏବଂ ଜନସେବା ମନୋଭାବ ଧର୍ମଶାଳାକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ। ଲୋକଙ୍କର ବିଶ୍ୱାସ ଓ ବିଧାୟକଙ୍କ ନିଷ୍ଠାପର ପ୍ରୟାସ ହିଁ ଧର୍ମଶାଳାର ଉଜ୍ଜ୍ୱଳ ଭବିଷ୍ୟତର ଆଧାର।

## କୁଚିଣ୍ଡା ମତ୍ସ୍ୟ ଚାଷୀ ଈଶ୍ୱର ମାଝୀ ପାଇଲେ ଜାତୀୟ ପୁରସ୍କାର

କୁଚିଣ୍ଡା, ୧୩।୦୭ (ଚତୁର୍ଭୁଜ ଜୟପୁରିଆ) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁନ୍ତରା ଗ୍ରାମ ପଞ୍ଚାୟତ ଖାରମାଲ ଗ୍ରାମର ଈଶ୍ୱର ମୁଣ୍ଡା ସିଫା ଭୁବନେଶ୍ୱର ଠାରେ ଆୟୋଜିତ ୨ଦିବସୀୟ କର୍ମଶାଳାରେ ଯୋଗଦାନ କରିବା ସହ ଗତ ୧୦ତାରିଖରେ ଆୟୋଜିତ ଜାତୀୟ ମତ୍ସ୍ୟ ଚାଷୀ ଦିବସ ୨୦୨୬ ପାଳନ ଅବସରରେ ପୁରସ୍କୃତ ହୋଇଛନ୍ତି। ବୈଜ୍ଞାନୀକ ପଦ୍ଧତିରେ ଉନ୍ନତ ମାଛ ଚାଷ କରି ଉଦାହରଣ ସୃଷ୍ଟି କରି ଅନ୍ୟ ମାଛ ଚାଷୀଙ୍କୁ ଅନୁପ୍ରାଣିତ କରିଥିବାରୁ ସିଫା ପ୍ରମୁଖ ବୈଜ୍ଞାନୀକ ପ୍ରେମ କୁମାର ମେହେରଙ୍କ ସୁପାରିସ କ୍ରମେ ଏହି ସମ୍ମାନ ଜନକ ପୁରସ୍କାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆପିକଲ ତଥା ମୁଖ୍ୟମନ୍ତ୍ରୀଙ୍କ ସଚିବ ଶୁଭ୍ରାଂଶୁ ମିଶ୍ର, ଓ. ଏ .ଏସ, ଡା .ଏଚ. କେ. ଡେ, ଡ଼ା ନିରଞ୍ଜନ ପଣ୍ଡା, ଡ଼ା.ପି.କେ ସାହୁ , ଡ଼ା. ବି.ପି ମହାନ୍ତି ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ଡ଼ା. କୃଷ୍ଣ ଚନ୍ଦ୍ର ଦାଶ ଏବଂ ଅନ୍ୟ ସମସ୍ତ ମତ୍ସ୍ୟ ଗବେଷକ ବୈଜ୍ଞାନିକ ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ କୁଚିଣ୍ଡା ଅଞ୍ଚଳରୁ ୫ଜଣ ମହିଳା ମତ୍ସ୍ୟ ଚାଷୀ ମଧ ଏହି ସମାବେଶରେ ଯୋଗଦାନ କରିଥିଲେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ଅନ୍ଧାରରେ ଗ୍ରାମବାସୀ, କୁମ୍ଭକର୍ଣ୍ଣ ନିଦ୍ରାରେ ବିଦ୍ୟୁତ ବିଭାଗ

କଳମପୁର, ୧୩/୭/(ଟଙ୍କଧରବିହାରୀ ) ଗ୍ରୀଷ୍ମର ତାତିକୁ ଦୃଷ୍ଟିରେ ରଖି କଟା ଜିବନାହିଁ ବୋଲି ଘୋଷଣା କରିଛନ୍ତି, ହେଲେ ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଅପାରଗତ ଯୋଗୁ ଏହିପରି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବାନେର ପଞ୍ଚାୟତ ଶିବରାମ ପଡା ଗ୍ରାମ ବାସୀ ତିନି ଦିନ ଅନ୍ଧାର ରେ। ଅସହ୍ୟ ଗରମ ଗୁଳୁ ଗୁଳି ସଙ୍ଗକୁ ବିଦ୍ୟୁତ ନ ଥିବା ଯୋଗୁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ସଙ୍ଗ ଜୀବନ ଯାପନ ଅସହାୟ ହେଇ ପଡୁଛି ଆଗରୁ ଏ ବିଷୟ ରେ ବିଭାଗିୟ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇ ଥିଲେ ମଧ କୋନସି ସୁ ପଦକ୍ଷେପ ଗ୍ରହଣ କରି ନ ଥିବା ରୁ ଆଜି କଷ୍ଟ ରେ ସମୟ ଅତିବାହିତ କରୁଛନ୍ତି। ଜେଇ



ସାର ଙ୍କୁ ଫୋନ୍ ଯୋଗା ଯୋଗ କଲେ ମଧ୍ୟ ଫୋନ୍ ଉଠାଉ ନ ଥିବାରୁ ଶିବରାମ ଗ୍ରାମ ବାସୀ ବଡକୁଟ୍ଟୁ ଥିତ କକ୍ଷର୍ଯ୍ୟ ଲୟ କୁ ଆସି ଥିଲେ। ହେଲେ କାର୍ଯ୍ୟାଳୟ ରେ ତାଲା ବନ୍ଦ୍ ଥିବା ସହ ଜଣେ ହେଲେ କର୍ମଚାରୀ ଉପସ୍ଥିତି ରହି ନ ଥିବା ରୁ ନିରାଶ ହୋଇ ପୁଣି ଫେରି ଯାଇଥିଲେ। ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ ସାଧାରଣ ଜନତାଙ୍କୁ ବିଦ୍ୟୁତ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଆସିକା ଓ ଧରାକୋଟରେ ତିନି ଠାକୁରଙ୍କ ନେତ୍ର ଉତ୍ସବ ପାଳନ

ଆସିକା /ଧରାକୋଟ, ୧୪/୭ (ଅକ୍ଷର ଓଡିଶା) ଆସିକା ଓ ଧରାକୋଟ ଗଡରେ ତିନି ଠାକୁରଙ୍କ ନେତ୍ର ଉତ୍ସବ କାର୍ଯ୍ୟକ୍ରମ ପାରମ୍ପରିକ ରୀତି ନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ସ୍ନାନ ବେଦୀରୁ ଯାଇ ଅଣସର ଘରେ ଠାକୁର ମାନେ ଚଉଦ ଦିନ ଜ୍ୱରରେ ପୀଡିତ ହୋଇ ଚିକିତ୍ସିତ ହେବାପରେ ମଙ୍ଗଳବାର ଦିନ ସୁସ୍ଥ ହୋଇଛନ୍ତି । ସୋମବାର ରାତ୍ରିରେ ଠାକୁର ମାନଙ୍କ ଚକା ବିଜେ ପରେ ଅଣସର ଭୋଗ ଅର୍ପଣ କରାଯାଇଥିଲା। ମଙ୍ଗଳବାର ଚିତ୍ରକାର କିଶୋର ଚନ୍ଦ୍ର ମହାପାତ୍ର,କାଳିଆ ମହାପାତ୍ର ତିନି ଠାକୁରଙ୍କ ଚିତ୍ରଣ ପରେ ନେତ୍ରର ଶେଷ ସ୍ପର୍ଶ ଦେଇଥିଲେ। ରାଜ ପୁରୋହିତ କୈଳାସ ଚନ୍ଦ୍ର ମିଶ୍ର ତିନି ଠାକୁରଙ୍କ ଭୋଗନୀତି ସମ୍ପାଦନ କରିଥିଲେ । ରାଜା ସୁଲକ୍ଷଣା ଗୀତାଞ୍ଜଳି ଓ ତ୍ରିନାଥ ବଡ଼ପଣ୍ଡାଙ୍କ ଉପସ୍ଥିତିରେ ଚାରି ଆଳତି ପ୍ରଦାନ କରାଯିବା ପରେ ଠାକୁର ମାନଙ୍କ ନବ ଯୌବନର ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ବୁଧବାର ଉଭା ଯାତ୍ରା ପରେ ଗୁରୁବାର ଠାକୁର ମାନଙ୍କ ପହଣ୍ଡି ଓ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ହାତୀ ଆକ୍ରମଣରୁ ବର୍ତ୍ତିଲେ ବାପ ପୁଅ

ବନ୍ତଳା, ୧୪/୭ (ଅକ୍ଷର ଓଡିଶା ): ଅନୁଗୋଳ ବନଖଣ୍ଡରେ ଥିବା ବିଭିନ୍ନ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ି ଚାଲିଛି। ଅନୁଗୋଳ ବ୍ଲକର ପ୍ରତ୍ୟେକ ଗାଁ ଗାଁରେ ହାତୀ ଭୟ। ସହରରେ ମଧ ହାତୀ ଭୟ। ଘରୁ ରାସ୍ତାକୁ ବାହାରିଲେ ଘରକୁ ଫେରିବା ବାଟକୁ ଚାହିଁ ବସୁଛନ୍ତି



ପରିବାର ଲୋକ। ରାସ୍ତା ଘାଟ, ଘର ଭିତରେ ହେଉ କି ବାହାରେ ହେଉ ସବୁଠି ଏବେ ହାତୀ ଭୟ ରହୁଛି।କିଏ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣ କରୁଛି ତ ଆଉ କିଏ ଗାଧୋଇ ଯାଇଥିବା ବେଳେ ହାତୀ ଆକ୍ରମଣ କରୁଛି। ଯାହା ଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବାରଗୌଣିଆ ପଞ୍ଚାୟତର ବିଭିନ୍ନ ଗାଁ ସହିତ ଅନ୍ୟ କେତେକ ଅଞ୍ଚଳରେ ହାତୀ ଉପଦ୍ରବ ପ୍ରତ୍ୟେକ ଦିନ ଲାଗି ରହୁଛି। ଯାହା ଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସେହିପରି ସୋମବାର ଅପରାହ୍ନ ସାଢେ ତିନିଟା ସମୟରେ ମାଗୁରାଖାଲ ଗ୍ରାମର ପ୍ରଦୀପ ସାହୁ (୪୦) ଓ ତାଙ୍କର ଦୁଇ ପୁଅ ଘରକୁ ଯାଉଥିବା ବେଳେ ଘର ନିକଟରେ ହାତୀ ସେମାନଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇ ଥିଲା। ଏନେଇ ଖବର ପାଇ ଫରେଷ୍ଟ ଗାର୍ଡ, ଲିପକ ବେହେରା, ଗଜସାଥି ସୁଶୀଲ ବେହେରା, ନିରଞ୍ଜନ ସାହୁ, ବିପିନ୍ ବେହେରା, ଅଭିଷେକ ସାହୁ ପହଞ୍ଚି ଥିଲେ। ବନ ବିଭାଗ କର୍ମଚାରି ଗ୍ରାମବାସୀଙ୍କ ଦାବିକୁ ସାତ ଦିନ ମଧରେ ପୂରଣ କରିବା ପାଇଁ ପ୍ରତିଶୃତି ଦେବା ପରେ ବନ ବିଭାଗର କର୍ମଚାରୀ ମାନଙ୍କୁ ଛାଡିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ଧରାକୋଟ, ୨୪/୦୭ (ଅକ୍ଷର ଓଡିଶା )ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ବାହାରପୁର କ୍ଲଷ୍ଟରର ସରପଡ଼ା ପ୍ରାଥମିକ ବିଦ୍ୟାଳୟରୁ ସଂପ୍ରତି ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପାଢ଼ୀଙ୍କୁ ବାହାରପୁର ସି. ଆର୍.ସି.ସି କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ଗୁଣାତ୍ମକ ଶିକ୍ଷାଦାନ, ମେଳାପି, ସରଳତା, ସହଭାଗିତା, ସମୟାନୁବର୍ତ୍ତିତା, ନିର୍ଭୀକତା, ଛାତ୍ର ବତ୍ସଳ ଆଦି ସୁଗୁଣ ଗାନ କରିବା ସହିତ ବିଦାୟୀ ଶିକ୍ଷକ ଶ୍ରୀ ପାଢ଼ୀଙ୍କୁ ପ୍ରଶଂସା ପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଶ୍ରୀ ପାଢ଼ୀ ତାଙ୍କ ଉଦବୋଧନରେ ସମସ୍ତଙ୍କୁ ଅନେକ ଶୁଭାଶୀର୍ବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦାୟୀ ଶିକ୍ଷକଙ୍କ ସମେତ ବାହାରପୁର ସି.ଆର୍.ସି.ସି ଅଜିତ କୁମାର ସାହୁ ଓ ଓଳମ୍ବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବେହେରା ମଞ୍ଚାସୀନ ହୋଇଥିବା ବେଳେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ୪୧ତମ ବାର୍ଷିକ ଉତ୍ସବ

ବାଲିଗୁଡା, ୧୪/୭(ଅକ୍ଷର ଓଡିଶା):- ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ୪୧ତମ ବାର୍ଷିକ ଉତ୍ସବ, ଆଲୋଚନା ଚକ୍ର, ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସମ୍ବର୍ଦ୍ଧନା ହୋଇଛି । ଏହି କାର୍ଯ୍ୟକ୍ରମ ଟି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଡ ଅରୁପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ବାର୍ଷିକ ଉତ୍ସବର ଉଦଘାଟନୀ ଅଧିବେଶନ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନବିକ ଅଧିକାରର ଉପ ଆରକ୍ଷୀ ଅଧିକ୍ଷକ ଗୋବିନ୍ଦ ଚନ୍ଦ୍ର ବୁରୁହା , ମୁଖ୍ୟବକ୍ତା ଭାବେ କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ରାଜ କିଶୋର ସାଇଁ ଓ ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି ସନ୍ତୋଷ ଦିଗାଲ ଓ ପ୍ରକାଶ ନାୟକ ଓ ରାଜ୍ୟ ସଂଘର ଉପସଭାପତି ସୌରଭ ପଟ୍ଟନାୟକ ପ୍ରମୁଖ ପ୍ରଦୀପ ଜାଳି ଆନୁଷ୍ଠାନିକ ଭାବେ ସମାବେଶକୁ



ଉଦଘାଟନ କରିଥିଲେ। ଜିଲା ସାମ୍ବାଦିକ ସଙ୍ଘ କାର୍ଯ୍ୟକାରୀ ସଭାପତି ସୁନିଲ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରି ଥିଲେ। ଡ ଅରୁପ ଜେନା ଜିଲା ସଂଘ ଗଠନ, ସମ୍ବାଦିକ ଓ ସମ୍ବାଦପତ୍ର ଉପରେ ବିଭିନ୍ନ ପ୍ରତିବନ୍ଧକ ସମ୍ପର୍କରେ ସୂଚନା ଦେଇଥିଲେ। ସାମ୍ବାଦିକମାନେ ସମାଜ ଘଟଣାବଳୀକୁ ଲୋକ ଲୋଚନକୁ ଆଣୁଥିବା ବେଳେ ଏକ ତରଫା ସମ୍ବାଦ ପରିବେଷଣ ନକରି ମତାମତ ନେବା ଆବଶ୍ୟକ ବୋଲି ଫୁଲବାଣୀ ବିଧାୟକ ତଥା ମୁଖ୍ୟ ଅତିଥି ମତ ଦେଇଥିଲେ। କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଅଶୋକ ପରିଡା ଜିଲ୍ଲା ସଂଘର ବିବରଣୀ ପାଠ କରିବା ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ସଂଘର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶର ଉଦଯାପନୀ ଉତ୍ସବରେ ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ସାମ୍ବାଦିକର ଭୂମିକା, ତଥ୍ୟ ଭିତିକ ଖବର ପରିବେଷଣ ସମ୍ପର୍କରେ ସୂଚନା ଦେବା ସହ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ସମ୍ପର୍କ ରେ ବିଧାନ ସଭାରେ ପ୍ରସ୍ତାବ ଦେବାକୁ କହିଥିଲେ। ଆଇନଜୀବୀ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଚନ୍ଦ୍ର ଶେଖର ପରିଡା ସମ୍ମାନୀତ ଅତିଥି ଭାବେ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ସୂଚନା ଦେଇଥିଲେ।ଭୁବନେଶ୍ୱର ଏସିଆନ ଏଜ ଖବର କାଗଜ ର ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ନିର୍ଭୀକ ସାମ୍ବାଦିକତା, ସାମ୍ବାଦିକଙ୍କ ଉପରେ ବ୍ରିଟିଶ ଶାସନ ସମୟରୁ କେବେ କିପରି ପ୍ରତିବନ୍ଧକ ଲଗାଯାଇଥିଲା,ସାମ୍ବାଦିକଙ୍କ ସୁରକ୍ଷା ଓ ସମ୍ବାଦପତ୍ର ଉପରେ ବହୁ ତଥ୍ୟ ଭିତିକ ସୂଚନା ଦେଇଥିଲେ। ଏହି ଅବସରରେ କଟକ ପୁରୀ ଭୁବନେଶ୍ୱର, ନୟାଗଡ, ଗଜପତି କୋରାପୁଟ, ନୂଆପଡା, ମୟୁରଭଞ୍ଜ, କେଉଁଝର, ଅନୁଗୁଳ, ଯାଯପୁର, ବୌଦ୍ଧ, ରାୟଗଡା, ଖୋର୍ଦ୍ଧା ଇତ୍ୟାଦିର ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଆଲୋଚନାରେ ଭାଗନେଇଥିଲେ। ଜିଲ୍ଲା ସାମ୍ବାଦିକ ସଙ୍ଘର ସମସ୍ତ ସଦସ୍ୟ ସହଯୋଗ କରି ଥିଲେ ।



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# କୃତ୍ରିମ ବୁଦ୍ଧିମତା

ଇଣ୍ଡିଆ-ଏଆଇ ଇମ୍ପେକ୍ଟ ସମିଟ ୨୦୨୬ ପାଇଁ ଭାରତ ବର୍ତ୍ତମାନ ଜୋରଦାର ପ୍ରସ୍ତୁତିରେ ନିମଗ୍ନ। ଏହି ସମ୍ମେଳନରେ ବିଶ୍ୱର କୋଣ ଅନୁକୋଣରୁ ଏଆଇ କ୍ଷେତ୍ରର ଧୂରନ୍ଧର ବିଶେଷଜ୍ଞମାନେ ଯୋଗଦେବେ। ଏହି ବୈଶ୍ୱିକ ମଞ୍ଚ ଭାରତର ଯୁବପିଢ଼ିଙ୍କ ପାଇଁ ମଧ୍ୟ ଏକ ବିଶେଷ ସୁଯୋଗ, ଯେଉଁଠାରେ ସେମାନେ ନିଜର ନବଚିନ୍ତନ, ସୃଜନଶୀଳତା ଓ ପ୍ରଯୁକ୍ତିଗତ ସାମର୍ଥ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିପାରିବେ।

ଏଆଇ ବା କୃତ୍ରିମ ବୁଦ୍ଧିମତା କେବଳ ଯନ୍ତ୍ରପାତି, ଆଲଗୋରିଦମ କିମ୍ବା ଅଟୋମେସନରେ ସୀମିତ ନାହିଁ। ଆଲୋଚନାର କେନ୍ଦ୍ରବିନ୍ଦୁ ହେଉଛି-ସମସ୍ତ ବର୍ଗର ଲୋକଙ୍କ ପାଖରେ ଏଆଇକୁ କିପରି ସୁଲଭ, ଉପଯୋଗୀ ଓ ସମାବେଶୀ କରାଯାଇପାରିବ। ବିଶେଷକରି ମହିଳା ଓ ଯୁବବର୍ଗ, ଯେଉଁମାନେ ଏପର୍ଯ୍ୟନ୍ତ ଔପଚାରିକ ଅର୍ଥବ୍ୟବସ୍ଥାରୁ ଦୂରେ ରହିଆସିଛନ୍ତି, ସେମାନଙ୍କୁ ଏଆଇ ମାଧ୍ୟମରେ ସୁଯୋଗ, ଦକ୍ଷତା ଓ ସଶକ୍ତିକରଣ ସହ ଯୋଡ଼ିବା- ଏହା ହିଁ ଭାରତର ଏଆଇ ଦୃଷ୍ଟିକୋଣର ମୂଳ ଉଦ୍ଦେଶ୍ୟ।

ମାନବ ସମ୍ବଳର ବିକଳ୍ପ ହେବା ଭଳି ଏଆଇର କ୍ଷମତା ନାହିଁ। ବରଂ ଏହା ମଣିଷର ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ସଠିକ୍ ଭାବେ ବ୍ୟବହୃତ ହେଲେ, ଏଆଇ ମହିଳାମାନଙ୍କୁ ଆତ୍ମନିର୍ଭର ହୋଇପାରିବେ, ଯୁବକମାନେ ନୂଆ ନୂଆ କୌଶଳ ଶିକ୍ଷା ପାଇପାରିବେ। ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଅବସର ଓ ସୁରକ୍ଷା ଏଆଇ ଦେଇଥାଏ। ଏହି ଦୃଷ୍ଟିକୋଣକୁ ଆଧାର କରି ମାର୍ଚ୍ଚ ୨୦୨୪ରେ ସରକାର ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଏହି ମିଶନର ମୂଳ ଉଦ୍ଦେଶ୍ୟ ହେଉଛି-ଭାରତର ଆବଶ୍ୟକତା ଅନୁସାରେ ଏଆଇର ବିକାଶ ଏବଂ ପ୍ରୟୋଗ। ଏହା ଅନ୍ତର୍ଗତ କମ୍ପ୍ୟୁଟିଂ କ୍ଷମତା ବୃଦ୍ଧି, ଇନୋଭେସନ ସେଣ୍ଟର ସ୍ଥାପନ, ଭରସାଯୋଗ୍ୟ ଡାଟା ପ୍ଲାଟଫର୍ମ ଗଠନ, ଏଆଇ ଆଧାରିତ ଆପ୍ଲିକେସନ ବିକାଶ, ଯୁବପିଢ଼ିଙ୍କୁ ଭବିଷ୍ୟତମୁଖୀ ଦକ୍ଷତା ଶିକ୍ଷା ଏବଂ ଷ୍ଟାର୍ଟଅପ୍‌ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପରି ଏହି ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ସକାରାତ୍ମକ ପରିଣାମ ଆଜି ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, କୃଷି ଠାରୁ କଳା-ସଂସ୍କୃତି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦୃଶ୍ୟମାନ। ଏହି ମିଶନର ଏକ ମହତ୍ୱପୂର୍ଣ୍ଣ ଅଂଶ ହେଉଛି ଇଣ୍ଡିଆ ଏଆଇ ଇନୋଭେସନ ସେଣ୍ଟର ଯେଉଁଠି ବିଶେଷକରି ସମାବେଶୀ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଠାରେ ଏପରି ଏଆଇ ମଡେଲ ତିଆରି କରାଯାଉଛି ,ଯାହା ଭାରତର ଭାଷା ଓ ବିଭିନ୍ନ ବିବିଧତାକୁ ବୁଝିପାରିବ। କୃଷକ, ମହିଳା ଉଦ୍ୟୋଗୀ, ଅଣୁ ଅର୍ଥନୀତି ଉପରେ ନିର୍ଭରଶୀଳ ବ୍ୟକ୍ତି, କ୍ଷୁଦ୍ର ବ୍ୟବସାୟୀଙ୍କୁ ଲକ୍ଷ୍ୟ କରି ଏହି ମଡେଲ ପ୍ରସ୍ତୁତ କରାଯାଇଛି।

# ଦେଶରେ କର୍କଟ ନିୟନ୍ତ୍ରଣ ଲୋଡା



ସୌଭାଗ୍ୟ ରଞ୍ଜନ ମହାନ୍ତି
୭୯୭୮୬୬୬୪୦୩

ବିଶ୍ୱରେ ମାରାତ୍ମକ କର୍କଟ (କ୍ୟାନସର) ରୋଗର ପ୍ରାର୍ଦୁଭାବ ନେଇ ନିକଟରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ପ୍ରକାଶିତ ନୂତନ ବିଶ୍ଳେଷଣାତ୍ମକ ଆନ୍ତର୍ଜାତିକ ରିପୋର୍ଟରେ ଯେଉ ତଥ୍ୟ ପ୍ରକାଶ ପାଇଛି ତାହା ଯେତିକି ଆତଙ୍କ ସୃଷ୍ଟିକାରୀ ସେତିକି ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ସମ୍ପ୍ରତି ବିଶ୍ୱରେ ପ୍ରତି ୫ଜଣରେ ଜଣେ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଥିବାବଳେ ବିଶ୍ୱ ଜନସଂଖ୍ୟାର ମୋଟ ୯୨ ପ୍ରତିଶତ ଲୋକ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ପକ୍ଷେ ଥରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଏହି ରୋଗର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ପରିବାରର ଜଣେ ସଦସ୍ୟ ଏହି ରୋଗରେ ପିଡିତ ହେବା କାରଣରୁ ମୋଟ ୯୨ପ୍ରତିଶତ ଜନସଂଖ୍ୟା ଉଭୟ ମାନସିକ ଓ ଆର୍ଥୀକ ସଂକଟର ସମ୍ମୁଖୀନ ହେଉଛନ୍ତି। ଏହି ରୋଗରେ ବିଶ୍ୱରେ ପ୍ରତିଦିନ ୨୬ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଥିବାବଳେ ପ୍ରତିବର୍ଷ ପ୍ରାୟ ୨କୋଟିରୁ ଅଧିକ ନୂଆ କର୍କଟ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ହୃଦରୋଗ ପରେ ବିଶ୍ୱରେ ସବୁଠାରୁ ବଡ ଘାତକ ରୋଗ ଭାବେ କର୍କଟ ଉଭା ହୋଇଥିବାବଳେ ଏହାର ପ୍ରତିରୋଧ ଚିହ୍ନଟ ଏବଂ ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ତାରତମ୍ୟ ଦେଖାଦେଇଛି ଯାହାକି ଧନୀ-ଗରିବ ରାଷ୍ଟ୍ରଙ୍କ ମଧ୍ୟରେ ପାର୍ଥକ୍ୟକୁ ପ୍ରଦର୍ଶିତ କରେ। କହିବା ବାହୁଲ୍ୟ ଯେ, ଗରିବ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକରେ ଏହି ରୋଗ ପାଇଁ ଆବଶ୍ୟକ ପ୍ରାଥମିକ ଜୀବନ ରକ୍ଷାକାରୀ ଔଷଧ ମାତ୍ର ୯ରୁ ୫୪ ପ୍ରତିଶତ ମଧ୍ୟରେ ସୀମିତ ଉପଲବ୍ଧ ହେଉଥିବା ବେଳେ ଧନୀ ତଥା ଉଚ୍ଚ ଆୟକାରୀ ରାଷ୍ଟ୍ରଗୁଡିକରେ ୯୪ ପ୍ରତିଶତ ପର୍ଯ୍ୟନ୍ତ ସହଜରେ ମିଳିଥାଏ। ପରିଣତ ସ୍ୱରୁପ ଧନୀ ଦେଶଗୁଡିକରେ କର୍କଟ ଚିହ୍ନଟ ହେବାର ୫ବର୍ଷ ପର୍ଯ୍ୟନ୍ତ ୮୫ ପ୍ରତିଶତରୁ ଅଧିକ ଆକ୍ରାନ୍ତ ବଂଚିରହୁଥିବା ବେଳେ ଗରିବ ଦେଶଗୁଡିକରେ ଏହି ସଂଖ୍ୟା ମାତ୍ର ୩୦ପ୍ରତିଶତ ରହିଛି। ସେହିପରି ଧନୀ ଦେଶଗୁଡିକରେ ସ୍ତନ କର୍କଟରେ ପୀଡିତ ପ୍ରାୟ ୮୭ ପ୍ରତିଶତ ମହିଳା ଆକ୍ରାନ୍ତ ହେବାର ପାଂଚ ବର୍ଷ ପରେ ମଧ୍ୟ ସୁରକ୍ଷିତ ରହିପାରୁଥିବାବେଳ ଗରିବ ଦେଶଗୁଡିକରେ ଏହି ସଂଖ୍ୟା ୪୨ପ୍ରତିଶତ ରହିବା ଟ୍ୟୁମର ପାର୍ଥକ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପାର୍ଥ୍ୟକ ବୋଲି କୁହାଯିବ। ଏହା ନିସନ୍ଦେହ ଯେ, ବିଶ୍ୱରେ କର୍କଟ ପ୍ରତିରୋଧ ତଥା ଉପଯୁକ୍ତ ଚିକିତ୍ସା ଲାଗି ନୂତନ ଟିକା ଓ ଔଷଧ ଉଦ୍ଭାବନ ହେଉଛି। କିନ୍ତୁ ଏହାର ବ୍ୟବହାର ନେଇ ଅର୍ଥ ମେକାନିଜମ ପ୍ରତିବନ୍ଧକ ସାଜିଛି। ଗରିବଙ୍କ ପାଇଁ ଏହା ସାତସପନ ରହିଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ୮୨ଟି ଦେଶରେ ଏବେ ଜାତୀୟ କର୍କଟ ନିୟନ୍ତ୍ରଣ ଯୋଜନା ରହିଛି। କିନ୍ତୁ ୧୬ବର୍ଷ ତଳେ ଅର୍ଥାତ ୨୦୧୦ରେ ଏହି ସଂକ୍ୟା ମାତ୍ର ଅଧା ଥିଲା। ଦଶ ଜଣରେ ୪ଜଣଙ୍କ ଠାରୁ କମ୍ ଅର୍ଥାତ୍ ୪୦ପ୍ରତିଶତରୁ କମ୍ କର୍କଟ ସେବାଯନ୍ ପାଇଁ ୟୁନିଭରସାଲ ହେଲଥର ଅନ୍ତର୍ଭୁକ୍ତ ହୋଇଥିବାବଳେ ୨୦୩୦ ସୁଦ୍ଧା ହୁ'ର ମୃତ୍ୟୁ ସଂଖ୍ୟା ହ୍ରାସ ଲାଗି ମାତ୍ର ୧୨ଏବେ ସଠିକ୍ ମାର୍ଗରେ ରହିଛନ୍ତି। ସେହିପରି ୪୮ ପଛରେ ରହିଛନ୍ତି। ଏଚପିଭି ଟୀକା ଯାହାକି ଗର୍ଭାଶୟ କର୍କଟର ସବୁଠାରୁ ଶକ୍ତିଶାଳୀ ସୁରକ୍ଷାକାରୀ ଭାବେ ଜଣାଶୁଣା, ଏହି କାର୍ଯ୍ୟକ୍ରମରେ ୮୫ ପ୍ରତିଶତ ଅନ୍ତର୍ଭୁକ୍ତ ହୋଇଛନ୍ତି। କେବଳ ୩୧ ପ୍ରତିଶତ ବାଳିକା ଏହି ଟିକା ନେଇଛନ୍ତି ଭାରତରେ ଗତବର୍ଷ ୧୬ବର୍ଷରୁ କମ୍ ବାଳିକାଙ୍କୁ ମାଗଣାରେ ଏହି ଟୀକା ଦାନ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ୧୯୭୫ ମସିହାରୁ ଜାତୀୟ କର୍କଟ ନିୟନ୍ତ୍ରଣ ପ୍ରୋଗ୍ରାମ କାର୍ଯ୍ୟକାରୀ ହୋଇଛି। ଏହି ପ୍ରୋଗ୍ରାମ ଏବେ ବି ସମସ୍ତ ମୌଳିକ ଜିନିଷ ପ୍ରସ୍ତୁତି ଠାରୁ ବହୁ ଦୂରରେ ରହିଛି। ଗତ ଜାତୀୟ ପରିବାର ସର୍ଭେ ରିପୋର୍ଟ ଅନୁସାରେ ଗର୍ଭାଶୟ କର୍କଟ ପିଡିତା ୩୦ରୁ ୪୯ବର୍ଷ ବୟସ୍କା ମହିଳା ମାତ୍ର ୨ପ୍ରତିଶତରୁ କମ୍ ଥିବା ଚିହ୍ନଟ ହୋଇଛନ୍ତି। ଯାହା ସ୍ତନ କର୍କଟ ଠାରୁ ୧ପ୍ରତିଶତ କମ୍।

# ବିଟି ଶସ୍ୟ ଓ କୃଷି ବିପର୍ଯ୍ୟୟ ଅଭିମୁଖେ ଭାରତ



ବିନୋଦ ମହାରଣା,
ଭୁବନେଶ୍ୱର, ୯୪୩୭୧୬୪୭୬୪

ଭାରତ ପରି ଏକ କୃଷି ପ୍ରଧାନ ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜେନେଟିକ ମଡିଫାଏଡ ଶସ୍ୟ ବିପଦ। କମ୍ ସମୟରେ ଅଧିକ ଉତ୍ପାଦନ ଆଭିମୁଖ୍ୟ ରଖି ବିଟି ଶସ୍ୟକୁ ପ୍ରୋହନ ଦିଆଯାଉଥିବାବଳେ ଏହା କୃଷି ଓ କୃଷକଙ୍କ ଲାଗି ବିପଦ ସୃଷ୍ଟି କରିବାରେ ଲାଗିଛି। ବିଟି ଶସ୍ୟ ଯୋଗୁ ଭାରତର ହଜାର ହଜାର ବର୍ଷର ମୂଳ ଶସ୍ୟର ବିଲୋପ ଘଟୁଥିବାବଳେ ଦିନକୁ ଦିନ ଭାରତର ଜୈବ ବିବିଧତା, ଶସ୍ୟ ସ୍ୱରାଜ, କୃଷକଙ୍କ ଆର୍ଥିକ ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାରେ ଲାଗିଛି।

ପ୍ରତି ଜୀବ ବା ଉଦ୍ଭିଦର ବଂଶଗତ ଗୁଣାବଳୀ ପରିବାହକ ବା ଜିନ୍ ରହିଥାନ୍ତି। ଏହା ଲକ୍ଷ ଲକ୍ଷ ବର୍ଷ ତଳୁ ଉତ୍ତରାଧିକାରୀତ୍ୱ ସୂତ୍ରରେ ଚାଲିଆସିଛି। ମାତ୍ର ଆଧୁନିକ ବିଜ୍ଞାନ ଜରିଆରେ ମୂଳ ଜିନ୍ର ପରିବର୍ତ୍ତନ ଘଟାଯାଇଥାଏ ଯାହାକୁ ଜେନେଟିକ ମଡିଫାଏଡ ଟେକ୍ନୋଲୋଜି କୁହାଯାଏ। ଏହା ଦ୍ୱାରା ମୂଳ ଶସ୍ୟର ଗୁଣ, ରୂପ, ଆକାର ଆଦି ପରିବର୍ତ୍ତିତ ହୋଇଯାଇଥାଏ। ଜିଏମ୍ ସିଡ୍ ଅଧିକ ସୁନ୍ଦର, ଅଧିକ ଉତ୍ପାଦନକ୍ଷମ ହୋଇଥିଲେ ବି ଏହା ପରୋକ୍ଷ ଭାବେ ଜୈବ ସ୍ୱରାଜକୁ ଧ୍ୱଂସ କରିଥାଏ ଏବଂ ମୂଳ ବିହନକୁ ଚିରକାଳ ଲାଗି ବିଧ୍ୱଂସ କରିଦେଇଥାଏ। ଭାରତରେ ଏବେ ବିଟି କପା ଓ ବିଟି ବାଇଗଣ ସମେତ ଅନେକ ବହୁ ବିଟି ଶସ୍ୟର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମାଟିରେ ରହୁଥିବା ଏକ ପ୍ରକାର ବ୍ୟାକ୍ଟେରିଅମ (ବିଟି)ର ଏକ ସ୍ୱତନ୍ତ୍ର ଜିନ୍‌କୁ ବାହାର କରି କପା ଓ ବାଇଗଣ ଆଦିର ମଞ୍ଜିରେ ଡିଏନଏ ପ୍ରଯୁକ୍ତି ଜରିଆରେ ପ୍ରୟୋଗ କରାଯାଏ। ଏହି ଜିନ୍ ପରିବର୍ତ୍ତିତ ଶସ୍ୟ କୀଟ ପ୍ରତିରୋଧକ ହୋଇଥିବାରୁ ଚାଷରେ କ୍ଷତି ଘଟେ ନାହିଁ ବୋଲି ବୈଜ୍ଞାନିକ କହନ୍ତି। ମାତ୍ର ଏହା ଯୋଗୁ ମୂଳ ଶସ୍ୟର ଗୁଣବତ୍ତା ନଷ୍ଟ ହୋଇଯାଏ ଏବଂ ଯେଉ ଜମିରେ ଏହି ବିହନ ଚାଷ କରାଯାଏ ସେହି ଜମିରେ ଆଉ କୌଣସି ଫସଲ ହୋଇପାରି ନଥାଏ। ବିଟି ବିହନ ଜରିଆରେ ଗଛ ବୃଦ୍ଧି ହେଉଥିବା ବେଳେ ସାଧାରଣତଃ ଜେନେଟିକ ସଂକ୍ରମଣ ହୋଇଥାଏ ଏବଂ ପତଙ୍ଗ, ମହୁମାଛି ବା ବାୟୁ ଜରିଆରେ ଏହାର ପ୍ରଭାବ ଅନ୍ୟାନ୍ୟ ସ୍ଥାନକୁ ବିସ୍ତାରିତ ହୋଇଥାଏ ଯାହା କି ମୂଳ ବିହନ ବା ଶସ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ।

ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବିଟି ବିହନର ଚାଷ। ୧୯୯୬ରେ ୧.୭ ନିୟୁତ ହେକ୍ଟର ଜମିରେ ଏହି ବିହନ ଚାଷ ହୋଇଥିବାବଳେ ୨୦୧୬ରେ ଏହି ପରିମାଣ ହୋଇଥିଲା ୧୮୫.୧ ନିୟୁତ ହେକ୍ଟର। ମକା, କପା, ବାଇଗଣ ସମେତ ଅନ୍ୟାନ୍ୟ ଜିନ୍ ପରିବର୍ତ୍ତିତ ବିହନ ଚାଷ ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ଥିତି ଏପରି ହେଲାଣି ଯେ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଆଦି ରାଜ୍ୟରେ ୯୫ ପ୍ରତିଶତ କପା ଚାଷରେ ବିଟି କପା ବିହନ ବ୍ୟବହୃତ ହୋଇଥାଏ। ସାମାନ୍ୟ ଲାଭ ଆଶାରେ ବିଟି ବିହନର ଚାଷ ସାମୟିକ ଭାବେ ଉପକାର ଦେଇଥାଏ ମାତ୍ର କାଳ କାଳ ଲାଗି ହଜାର ହଜାର ବର୍ଷର ମୂଳ ବିହନକୁ ନିଶ୍ଚିହ୍ନ କରିଦେଇଥାଏ।

ପ୍ରଥମ ଥର ଲାଗି ୧୯୮୩ରେ ତମାଖୁ କ୍ଷେତ୍ରରେ ଜେନେଟିକ ଇଞ୍ଜିନିୟରିଂ ପଦ୍ଧତି ଆପଣାଯାଇଥିଲା। ଆଗ୍ରୋବାକ୍ଟେରିଅମର ଏକ ଜିନ୍‌କୁ ତମାଖୁ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ପ୍ରଥମେ ଆମେରିକା ଓ ଫ୍ରାନ୍ସ ଏବଂ ପରେ ଚୀନ ଜେନେଟିକ ମଡିଫାଏଡ ବିହନକୁ ବ୍ୟବସାୟୀକରଣ କରିଥିଲେ। ପରେ ବିଶ୍ୱର ବହୁ ରାଷ୍ଟ୍ରକୁ ଏହା ବ୍ୟାପିଥିଲା। ୨୦୨୪ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଦଳୀ କ୍ଷେତ୍ରରେ ଏହି ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। କୀଟ, ମରୁଡ଼ି ପ୍ରତିରୋଧକ ବିହନ ଭାବେ ଜିଏମ ବିହନକୁ ବ୍ୟବହାର କରାଯାଉଥିଲେ ବି ଏହାର ପ୍ରତିକୂଳ ପ୍ରଭାବ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ରହୁଛି। ଭେନେଜୁଏଲା, ଆଲଜେରିଆ, ପେରୁ, ଭୁଟାନ ସମେତ ୬୦ରୁ ଅଧିକ ରାଷ୍ଟ୍ରରେ ଜିଏମ ବିହନକୁ ନିଷିଦ୍ଧ କରାଯାଇଥିବାବଳେ ଭାରତରେ ଏହାର ଯଥେଷ୍ଟ ବ୍ୟବହାର ହେଉଥିବା ପରିଲକ୍ଷିତ ହୋଇଛି।

ଭାରତରେ ୨୦୦୨ରେ ବିଟି କଟନକୁ ଅନୁମତି ଦିଆଯାଇଥିବାବଳେ ୨୦୨୨ରେ ସୋରିଷ କ୍ଷେତ୍ରରେ ଏହାକୁ ଅନୁମତି ଦିଆଯାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା। ସେହିପରି ୨୦୦୯ରେ ବିଟି ବାଇଗଣକୁ ଅନୁମତି ଦିଆଯାଇଥିଲା ମାତ୍ର ପ୍ରବଳ ବିରୋଧ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା। ଏହା ସତ୍ତ୍ୱେ ବହୁ ରାଜ୍ୟରେ ବେଆଇନ ଭାବେ ଏହି ବିହନ ଚାଷ ହେଉଥିବା ଜଣାଯାଏ। ବିଟି ବିହନ ସାଧାରଣତଃ ଜୈବ ବିବିଧତା ଉପରେ କ୍ଷତି ପହଞ୍ଚାଇବା ସହ ଅନେକ ପ୍ରକାର ଉପକାରୀ କୀଟ, ମହୁମାଛି ପରି କୀଟ, ମାଟିରେ ରହୁଥିବା ଉପକାରୀ ବ୍ୟାକ୍ଟେରିଆଙ୍କୁ ଧ୍ୱଂସ କରିଦେଇଥାଏ। ଏହି କାରଣରୁ ଆଜିକାଲି ପ୍ରଜାପତି, ଫିଙ୍ଗି ଓ ଅନେକ ପ୍ରକାର କୀଟ ଦେଖାଯାଇ ନଥାନ୍ତି।

ଜିଏମ ବିହନରୁ ଜାତ ଖାଦ୍ୟଶସ୍ୟ ମଣିଷ ଓ ଅନ୍ୟ ଜୀବଙ୍କ ଶରୀରରେ ରହିଥିବା ଆଣ୍ଟିବାୟୋଟିକ ପ୍ରତିରୋଧକ ଶକ୍ତିକୁ ନିଷ୍କ୍ରିୟ କରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବି ଚିନ୍ତାବ୍ୟକ୍ତ କରାଯାଇଥିଲା। ସେହିପରି ଖାଦ୍ୟ ଶୃଙ୍ଖଳର ନିୟନ୍ତ୍ରଣ ବହୁରାଷ୍ଟ୍ରୀୟ କମ୍ପାନୀ ହାତକୁ ଚାଲିଯିବ ବୋଲି ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଦିନକୁ ଦିନ ପ୍ରଯୁକ୍ତି କ୍ଷେତ୍ରର ବିକାଶ ଯୋଗୁ ନୂଆ କିସମର ବିହନ ବାହାର କରାଯାଉଥିବା ବେଳେ ମୂଳ ବିହନ ଧ୍ୱଂସ ହୋଇଯାଉଛି। ଏହାର ସୁଯୋଗ ନେଇ ବହୁରାଷ୍ଟ୍ରୀୟ କମ୍ପାନୀ ନିଜ ନିଜର ବିହନ ବଜାର ସୃଷ୍ଟି କରୁଛନ୍ତି ଏବଂ ମୂଳ ବିହନ ଓ ମୃତ୍ତିକାର ଅସଲ ଶକ୍ତିକୁ ନଷ୍ଟକରିଦେଉଛନ୍ତି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ପ୍ରଥମତଃ ଭାରତୀୟ କୃଷି ବଜାରରେ ଆମେରିକୀୟ ଆଧିପତ୍ୟ ବୃଦ୍ଧି ପାଇବ। ଦ୍ୱିତୀୟରେ ଜିଏମ ବିହନଜାତ ଶସ୍ୟ ଭାରତରେ ବ୍ୟାପକ ପ୍ରସାର ହେବ। ସେହି ଶସ୍ୟଗୁଡ଼ିକ ହେଲା ଜୋଆର, ସୋୟାବିନରୁ ପ୍ରସ୍ତୁତ ତେଲ, ଅନେକ ପ୍ରକାର ଫଳ, ପ୍ରାଣୀମାନଙ୍କ ଖାଦ୍ୟ ଆଦି।

ଆମେରିକା ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ ଜିଏମ ଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ଆମେରିକା ପ୍ରମୁଖ ବଜାର ଭାବେ ଦେଖୁଛି। ଚୁକ୍ତି ଯୋଗୁ ଭାରତରେ କେବଳ ଆମେରିକୀୟ ଜିଏମ ଶସ୍ୟ ଉପଲବ୍ଧ ହେବ ନାହିଁ ବରଂ ଜିଏମ ଶସ୍ୟରୁ ପ୍ରସ୍ତୁତ ଶିଶୁଖାଦ୍ୟଠାରୁ ଆରମ୍ଭ କରି ଅନେକ ପ୍ରକାର ପ୍ୟାକେଜଯୁକ୍ତ ଖାଦ୍ୟପଦାର୍ଥ ଉପଲବ୍ଧ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଆମେରିକାରୁ ଆମଦାନି ହେଉଥିବା ଶସ୍ୟ ଓ ସୋୟାବିନ ତେଲକୁ କରମୁକ୍ତ କରାଯାଇଛି। ଏହି ଦୃଷ୍ଟିରୁ ଏହି ଚୁକ୍ତିକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଛନ୍ତି। ଭାରତ ପ୍ରତିବର୍ଷ ବିଲିୟନ ବିଲିୟନ ଡଲାରର ଖାଦ୍ୟଶସ୍ୟ, କୃଷି ସାମଗ୍ରୀ ଆମେରିକାଠାରୁ ଆମଦାନି କରୁଛି। ପ୍ରତିବଦଳରେ ସମପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନି କରୁଛି। ଏଠାରେ ଏହା କୁହାଯିବା ଯଥାର୍ଥ ଯେ, ଭାରତ ହିଁ ପ୍ରକୃତରେ ବିଶେଷ କ୍ଷତିଗ୍ରସ୍ତ ହେଉଛି ଏବଂ ଭାରତୀୟ କୃଷି ଅର୍ଥନୀତିକୁ ଧ୍ୱଂସ ଆଡ଼କୁ ନେଇଯାଉଛି। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରୋନମେଣ୍ଟ ବା ଉଝର ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଭାରତରେ ୨୦ରୁ ଅଧିକ ପ୍ରକାରର ଜେନେଟିକାଲି ମଡିଫାଏଡ ଖାଦ୍ୟ ସାମଗ୍ରୀ ଖୋଲା ବଜାରରେ ବିକ୍ରି କରାଯାଉଛି। ନିରୀହ ଖାଉଟିମାନଙ୍କ ଜୀବନ ସହ କିଛି କମ୍ପାନି ଖେଳୁଛନ୍ତି। ସେହି ଖାଦ୍ୟ ମଧ୍ୟରେ ରହିଛି ଶିଶୁ ଖାଦ୍ୟ, ଖାଇବା ତେଲ, ଖାଦ୍ୟପଦାର୍ଥ ଇତ୍ୟାଦି। ଆମେରିକା, କାନାଡା, ଥାଇଲାଣ୍ଡ, ନେଦରଲ୍ୟାଣ୍ଡସ, ୟୁଏଇ ଆଦି ରାଷ୍ଟ୍ରରୁ ଆମଦାନୀ କରାଯାଇଥିବା ଅନେକ ଖାଦ୍ୟ ପଦାଥରେ ଜିଏମ ଶସ୍ୟ ବ୍ୟବହୃତ ହୋଇଥିବା ଜଣାଯାଇଛି। ଅର୍ଥାତ ବେଆଇନ ଭାବେ ଭାରତୀୟ ଖାଦ୍ୟଶସ୍ୟ ବଜାରରେ ବଡ଼ ବଡ଼ କମ୍ପାନିଙ୍କ ପ୍ରାଧାନ୍ୟ ଜାରି ରହିଛି। ବେଆଇନ ବିହନ, ଖାଦ୍ୟ ପଦାର୍ଥ ଉପେ ସାଧାରଣତଃ ଜେନେଟିକ ଇଞ୍ଜିନିୟରିଂ ମଞ୍ଜୁରୀ କମିଟି ବା ଏଗଇଉର ଭୂମିକା ଥାଏ। ମାତ୍ର ଏଗଇଉ ଯଦି ସବୁ କ୍ଷେତ୍ରରେ ନୀରବ ରୁହେ ତେବେ ଅନ୍ତଃରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ଲାଭବାନ ହେଉଥିବାବଳେ ଭାରତ କ୍ଷତିର ସମ୍ମୁଖୀନ ହୋଇଥାଏ। ଦେଶରେ ଜିଏମ ଶସ୍ୟକୁ ଅନୁମତି ଦିଆଯାଇନାହିଁ ବୋଲି ୨୦୧୭ ମେ ୨୪ରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ ବା ଉଝଝଇଓ। ଏହା ସତ୍ତ୍ୱେ ଭାରତରେ କିପରି ବିପୁଳ ପରିମାଣର ଜିଏମ ଶସ୍ୟ ବ୍ୟବହୃତ ହେଉଛି ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି। ଜିଏମ ଶସ୍ୟ କ୍ଷେତ୍ରରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରିବା ଲାଗି କେନ୍ଦ୍ର ସରକାରଙ୍କୁ ୨୦୨୪ ଜୁଲାଇ ୨୩ରେ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ଜିଏମ ଶସ୍ୟର ଗବେଷଣା, ଚାଷ, ବ୍ୟବସାୟ ଲାଗି ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ନଥିବାରୁ ଦେଶରେ ଏବେ ବ୍ୟାପକ ପରିମାଣର ଜିଏମ ବିହନରୁ ଚାଷ ହେବା ସହ ଅନେକ ପ୍ରକାର ଖାଦ୍ୟ ବଜାରରେ ପ୍ରଭାବ ବିସ୍ତାର କରିଛି। ଜିଏମ ବିହନ ବା ଶସ୍ୟର ପ୍ରାଦୁର୍ଭାବ ରୋକିବା ଲାଗି ଗତ ୨୦୨୪ ଅଗଷ୍ଟରେ ୧୮ଟି ରାଜ୍ୟର ଶତାଧିକ କୃଷକ ସଂଗଠନ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିକଟକୁ ପତ୍ର ଲେଖିଥିଲେ। କେବଳ ପଞ୍ଜାବରେ ଜିଏମ୍ କପା ଚାଷ ପରିମାଣ ୪୬ ପ୍ରତିଶତ ହ୍ରାସ ହୋଇଥିବାରୁ ସଂଗଠନଗୁଡ଼ିକ ପକ୍ଷରୁ ଚିନ୍ତା ପ୍ରକଟ ହୋଇଥିଲା। ଏହାର କାରଣ ହେଉଛି ଜିଏମ କପା ବିହନ ଆବଶ୍ୟକ ଲାଭ ଦେଇପାରି ନଥିଲା ଏବଂ ଅମଳ ହ୍ରାସ ପାଇଥିଲା। ଚାଷୀମାନେ କ୍ଷତିରେ ସମ୍ମୁଖୀନ ହେବାରୁ କପା ଚାଷ କରିବାକୁ ଆଗ୍ରହୀ ହୋଇନଥିଲେ। ବହୁରାଷ୍ଟ୍ରୀୟ କମ୍ପାନି ବେୟର ଓ ମନସାଣ୍ଟୋ ପକ୍ଷରୁ ବିକ୍ରି କରାଯାଉଥିବା କପା ବିହନ ଚାଷୀଙ୍କ ଲାଗି ଘାତକ ସାବ୍ୟସ୍ତ ହେବା ସହ ଚାଷୀମାନଙ୍କୁ ନାନା ପ୍ରକାର ଆର୍ଥିକ ସମସ୍ୟାରେ ପକାଇଥିଲା। ଏହି କାରଣରୁ କପା ଚାଷୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇଥିଲା। ଏପରିକି କପା ଚାଷୀଙ୍କ ଆତ୍ମହତ୍ୟା ନେଇ ଅଦାଲତରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର। କୁହାଯାଏ-ମନସାଣ୍ଟୋର ଜିଏମ କପା ବିହନ କରିବା ପରେ ଅନେକ ଚାଷୀ ଦେବାଳିଆ ହୋଇଯାଇଛନ୍ତି ଏବଂ ୨୦୧୨ ସୁଦ୍ଧା ପ୍ରାୟ ୨ ଲକ୍ଷ ୫୦ ହଜାର କପା ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୩ ଲକ୍ଷ ହେବ ବୋଲି ଆକଳନ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ବେଲେନ ଫର୍ଣ୍ଣାଣ୍ଡେଜ ଯାହାକୁ ସମର୍ଥନ କରିଥିଲେ ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା। ୨୦୧୮ରେ ମନସାଣ୍ଟୋକୁ ବେୟର ଗ୍ରୁପ କ୍ରୟ କରିବା ପରେ ଭାରତରେ ବର୍ତ୍ତମାନ ବେୟର କମ୍ପାନି ହିଁ ଜିଏମ ଶସ୍ୟର ବ୍ୟବସାୟ କରିଚାଲିଛି। ଦେଶରେ ଦିନକୁ ଦିନ କୃଷିଭିତ୍ତିକ ଜମି ପରିମାଣ ହ୍ରାସ ପାଇବାରେ ଲାଗିଛି। ସହରୀକରଣ, ଶିଳ୍ପ, ଗୃହ ନିର୍ମାଣ, ଜନସଂଖ୍ୟା ବୃଦ୍ଧି ଆଦି କାରଣରୁ ଜମି ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୭୦ ଦଶକ ବେଳକୁ ଦେଶରେ ହାରାହାରି ଜମି ପରିମାଣ ଥିଲା ୨.୨୮ ହେକ୍ଟର। ବର୍ତ୍ତମାନ ଏହି ପରିମାଣ ୧ ହେକ୍ଟରକୁ କମିଆସିଲାଣି। ୩୦ ପ୍ରତିଶତ ଜମି କୃଷି କାର୍ଯ୍ୟ ଲାଗି ଅଯୋଗ୍ୟ ବିବେଚିତ ହେଲାଣି। ଏପରି ଅବସ୍ଥାରେ ବିଟି ବିହନର ଚାଷ କୃଷି ଲାଗି ବଡ଼ ବିପର୍ଯ୍ୟୟ ଆଣିବାର ଆଶଙ୍କା ସୃଷ୍ଟି କରୁଛି।

# ସୀମାରେ ଅବିଶ୍ୱାସ, ବ୍ୟବସାୟ ପାଇଁ ବିଶ୍ୱାସ: କେତେ ଉଚିତ୍ !



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
୯୪୩୮୪୮୫୦୯୪

କୌଣସି ରାଷ୍ଟ୍ରର ଦିଶା କେବଳ ଯୁଦ୍ଧ କ୍ଷେତ୍ରରେ ନୁହେଁ ବରଂ ନୀତିଗତ ନିର୍ଣ୍ଣୟରେ ହିଁ ନିର୍ଦ୍ଧାରିତ ହୋଇଥାଏ। ଇତିହାସ ଏହାର ମୁକସାକ୍ଷୀ। ଭାରତ ସରକାରଙ୍କ ଦ୍ୱାରା ୪ଟି ଚାଇନା ପାୱାର ଉପକରଣ କମ୍ପାନୀ (ଯେଉମାନଙ୍କର ଭାରତରେ ବିନିର୍ମାଣ ସଂସ୍ଥା ରହିଛି)କୁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସରକାରୀ ପରିଯୋଜନାରେ ଦୁଇ ବର୍ଷ ପାଇଁ ଟେଣ୍ଡର ଦାଖଲ କରି କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ଏହି ଭଳି ଏକ ନିର୍ଣ୍ଣୟ। ଏହାକୁ ବ୍ୟବସାୟୀକ ଉଦାରୀକରଣ କହିଲେ ଭୁଲ ହେବ ନିଶ୍ଚୟ। ଏହା ଏକ ବିବାଦୀୟ ପ୍ରସଙ୍ଗ ବା ଦ୍ୱନ୍ଦ୍ୱର ପ୍ରତୀକ। ଗୋଟିଏ ପଟେ ଆର୍ଥୀକ ବିକାଶର ଆବଶ୍ୟକତା ଓ ଅନ୍ୟ ପକ୍ଷରେ ରାଷ୍ଟ୍ରୀୟ ସୁରକ୍ଷାର ଅଟଳ ଦାୟିତ୍ୱ। ଗଲବାନର ସେଇ ରକ୍ତ ରଞ୍ଜିତ ସ୍ମୃତି ଆଜିବି ରାଷ୍ଟ୍ରୀୟ ଚେତନାରେ ଛାପ ଛାଡି ଯାଇଛି। ପୂର୍ବ ଲାଦାଖର ବାସ୍ତବିକ୍ ନିୟନ୍ତ୍ରଣ ରେଖା ଉପରେ ଭାରତର ପୁର୍ଣ୍ଣ ନିୟନ୍ତ୍ରଣ ଏବେ ବି ଅଧୁରା ରହିଛି ଏବଂ ଦୁଇ ଦେଶ ମଧ୍ୟରେ ବିଶ୍ୱାସର ବାତାବାରଣ ଏବେ ବି ସୃଷ୍ଟି ହୋଇପାରିନାହିଁ। ତଥାପି ଆର୍ଥୀକ ଆବଶ୍ୟକତା ପାଇଁ ଦୁଇ ଦେଶ ପରସ୍ପର ସହ ଆଲୋଚନା କରୁଛନ୍ତି।

ବଡ ବଡ ନିଷ୍ପତ୍ତି ନିଆଯିବା ବେଳେ ଆର୍ଥୀକ ଯଥାର୍ଥତା ବାବଦରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏ ପ୍ରସଙ୍ଗକୁ ଅଣଦେଖା କରାଯିବା ମଧ୍ୟ ଅନୁଚିତ୍। ଭାରତ ଉର୍ଜା (ବୁଦ୍ୟୁତ୍‌ଶକ୍ତି) ସଂକ୍ରମଣ, ଉଚ୍ଚଗତି ରେଳ, ସ୍ମାର୍ଟ ସିଟି, ହରିତ୍ ଅବସଂରଚନା ଏବଂ ନବୀକରଣୀୟ ଶକ୍ତି ଭଳି ମହତ୍ୱାକାଂକ୍ଷୀ ପରିଯୋଜନା ଉପରେ ଗୁରୁତ୍ୱ ଦେଉଛି। ଏସବୁ ପାଇଁ ଅଧିକ ପୁଞ୍ଜି ନିବେଶ ସହ ଉନ୍ନତ ବୈଶୟିକ ଜ୍ଞାନ କୌଶଳ, ତୀବ୍ର ନିଷ୍ପାଦିତ କ୍ଷମତା ଏବଂ ପ୍ରତିଷ୍ପର୍ଦ୍ଧି ବ୍ୟୟର ଆବଶ୍ୟକତା ରହିଛି। ବିଶ୍ୱସ୍ତରରେ ଅନେକ ଚାଇନା କମ୍ପାନୀ କମ୍ ସମୟ ଏବଂ କମ୍ ବ୍ୟୟରେ ଏଭଳି ବିଶାଳ ପରିଯୋଜନାକୁ ସଂପୁର୍ଣ୍ଣ କରିବାରେ ସକ୍ଷମ। ଅନ୍ୟପକ୍ଷରେ ଅନ୍ୟ ବିଦେଶୀ କମ୍ପାନୀ ବିଶେଷ କରି ୟୁରୋପୀୟ କମ୍ପାନୀ ମାନଙ୍କୁ ଏଭଳି ପରିଯୋଜନା ପାଇଁ ଅଧିକ ବ୍ୟୟ କରିବାକୁ ପଡିଥାଏ। ଏବେବି ଭାରତୀୟ ଉଦ୍ୟୋଗମାନେ ସବୁ କ୍ଷେତ୍ରରେ ଆତ୍ମନିର୍ଭର ହୋଇ ପାରି ନାହାଁନ୍ତି। ଏ ଦୃଷ୍ଟିରୁ ଶସ୍ତା ଓ ସକ୍ଷମ ବିକଳ୍ପ ଭାରତୀୟ ଉଦ୍ୟୋଗ ପାଇଁ ଆକର୍ଷଣର କାରଣ ହୋଇଛି, କିନ୍ତୁ ଇତିହାସରୁ ସ୍ପଷ୍ଟ ଯେ ଦୁରଦୃଷ୍ଟି ଅଭାବରୁ ଯେଉ ନିଷ୍ପତ୍ତି ନିଆଯାଇଥାଏ ତାର ଲାଭ ତ ଆଜି ମିଳିବ ହେଲେ ଆଗାମୀ ଦିନରେ ଏହା ରଣନୀତିକ ସ୍ୱତନ୍ତ୍ରତା ଉପରେ ବୋଝ ହୋଇପାରେ।

ଏଭଳି ସ୍ଥିତିରେ ଆର୍ଥୀକ ଆବଶ୍ୟକତା ଏବଂ ରାଷ୍ଟ୍ରୀୟ ସୁରକ୍ଷା ଭିତରେ କଠିନ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସୁରକ୍ଷା ଏଜେନ୍‌ସୀ ମାନେ ଯେଉ ଆଶଙ୍କା କରୁଛନ୍ତି ତାହା ପୂର୍ବାଗ୍ରହ ନୁହେଁ ବରଂ ଅନୁଭବ ଉପରେ ଆଧାରିତ। ଅନେକ ଚାଇନା କମ୍ପାନୀଙ୍କର ଚାଇନା ସରକାର ସହ ସମ୍ପର୍କକୁ ନେଇ ଅନେକ ଦେଶ ଚିନ୍ତା ପ୍ରକଟ କରିଛନ୍ତି ଓ କରୁଛନ୍ତି ମଧ୍ୟ। ଯଦି ଏଭଳି କମ୍ପାନୀ ମାନଙ୍କୁ ବିଦ୍ୟୁତ୍ ଗ୍ରୀଡ଼, ଦୁରସଞ୍ଚାର ନେଟଓୟାର୍କ, ରେଳବାଇ, ବନ୍ଦର ଏବଂ ଡ଼ିଜିଟାଲ ଅବସଂରଚନା ଭଳି ଅତ୍ୟନ୍ତ ସମ୍ବେଦନଶୀଳ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ଦିଆଯାଏ ତେବେ ଡ଼ାଟା ସଂଗ୍ରହ, ସାଇବର ନିୟନ୍ତ୍ରଣ, ସମ୍ଭାବିତ ବ୍ୟାକଡ଼ୋର ଏବଂ ଲଜିଷ୍ଟିକ୍ ନିୟନ୍ତ୍ରଣ କୁ ନେଇ ଅବ୍ୟବସ୍ଥା ଦେଖାଯିବ। ଏପରିକି ଏସବୁ କ୍ଷେତ୍ର ଭାରତ ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଅଧିକ ସମ୍ଭାବନା ମଧ୍ୟ ରହିଛି।

ଏବେ ଯୁଦ୍ଧ କେବଳ ସୀମାରେ ନୁହେଁ, ବରଂ ଡ଼ାଟା, ଡିଜିଟାଲ ନେଟଓୟାର୍କ ଏବଂ ଗୁରୁତ୍ୱପୂର୍ଣ୍ଣ ଅବସଂରଚନାକୁ ନେଇ ଲଢ଼ାଯାଉଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଔପଚାରିକ ସୁରକ୍ଷା ଯାଞ୍ଚ ଏବଂ କାଗଜ କଲମର ମଞ୍ଜୁରୀ ଏହିସବୁ ଅଦୃଷ୍ୟ ବିପଦରୁ ଦେଶକୁ ରକ୍ଷା କରି ପାରିବ ? ଭାରତ ସରକାରଙ୍କ ଏହି ନିଷ୍ପତ୍ତି ଭବିଷ୍ୟତରେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ନାହିଁ ତ ? ବିଡ଼ମ୍ବନା ହେଉଛି ସାରା ବିଶ୍ୱ ଯେତବଳେ ଆର୍ଥୀକ ସନ୍ତୁଳନର ନୂଆ ଦିଗରେ ଗତି କରୁଛି ସେତବଳେ ଭାରତ ଏକ ଭିନ୍ନ ଦ୍ୱନ୍ଦକୁ ଆପଣେଇବାରେ ଲାଗିଛି।

# ଆଧ୍ୟାତ୍ମିକତା ଆମର ସହଜାତ

ଅନୁଚିନ୍ତା

ଅତୀତରେ ବଣ ପର୍ବତରେ ରହୁଥିବା ଋଷିମୁନିମାନେ ଆଧ୍ୟାତ୍ମିକ ଜ୍ଞାନକୁ ଅନୁଭବ କରି ସାଇତି ରଖିଲେ ଏବଂ ଉପଯୁକ୍ତ ପାତ୍ର ଏବଂ ପରିବେଶ ପାଇଲେ ଆଲୋଚନା କରି ସେ ଜ୍ଞାନ ବିତରଣ କରୁଥିଲେ। ରାଜା ମହାରାଜା ମାନେ ଯେତେ ଧନ ସମ୍ପଦ କ୍ଷମତାର ଅଧିକାରୀ ହେଲେ ମଧ୍ୟ କେବେ ନା କେବେ ଭାବୁଥିଲେ ଯେ ଏ ସବୁ ଦ୍ୱାରା ଜୀବନ ପୂର୍ଣତା ପାଇବ ନାହିଁ। ଏସବୁ ଦ୍ ?ାରା ସଂସାରରେ କିଛି ଦିନ ସୁବିଧାରେ ଚଳି ଯାଇ ହେବ କିନ୍ତୁ ଅସଲ ସୁଖଶାନ୍ତି ମିଳିବ ନାହିଁ। ସେଇଥି ପାଇଁ ସେମାନେ ମଝିରେ ମଝିରେ ଏବଂ ଶେଷ ଆଡ଼କୁ ଯାଇ ବଣରେ ଋଷିମାନଙ୍କୁ ଭେଟୁଥିଲେ। ସେମାନେ ଋଷିମାନଙ୍କୁ ଭେଟିଲା ପରେ ଅନୁଭବ କରୁଥିଲେ ଯେ ଧନ ସମ୍ପଦର ମୋହରେ ଥିବା ଯାଏଁ ଆଧ୍ୟାତ୍ମିକ ଜ୍ଞାନ ଲାଭ ହୋଇପାରିବ ନାହିଁ। ବିଷୟ ଭୋଗ କାମନା, ଅହଂକାର, ଅହମିକା, ଅନ୍ୟାୟ କରି ଅର୍ଥ ସଂଗ୍ରହ କରିବାର ଆଗ୍ରହ, ନିଜପର ବିଚାର କରି ଯା ତା ସହିତ ସଂଘର୍ଷ-ଏସବୁ ଭିତରେ ମନ ଥିବା ପର୍ଯ୍ୟନ୍ତ ଏ ପ୍ରକାର ଜ୍ଞାନ ପ୍ରାପ୍ତି ଅସମ୍ଭବ। ତେଣୁ ଏ ସବୁରୁ ଅବ୍ୟାହତି ନେଇ ସେମାନେ ଯାଉଥୁଲେ ମୁନିଋଷିମାନଙ୍କ ଆଶ୍ରମକୁ ଜ୍ଞାନ ଲାଭ କରିବା ପାଇଁ। ବନ ଗହନରେ ଋଷିମାନଙ୍କ ପାଖରେ ଏ ଜ୍ଞାନ ଥିବା ହେତୁ ତାକୁ କୁହାଯାଉଥିଲା ଗହନ ଜ୍ଞାନ। ମୁନିମାନେ ସଂଯତ ଏବଂ ତପନିଷ୍ଠ ଜୀବନ ଯାପନ କରି ସେହି ଗହନ ବିଦ୍ୟାକୁ ଧାରଣ କରିଥିଲେ। ଏହି ଆଧ୍ୟାତ୍ମିକ ଜ୍ଞାନ ସାଧାରଣ ଜୀବନ ସହିତ ସମ୍ପୃକ୍ତ ଏହି ଜ୍ଞାନକୁ ଆଧାର କରି ଜୀବନକୁ ଆମେ ସୁନ୍ଦର କରିପାରିବା। ପ୍ରକୃତରେ ଏ ଜ୍ଞାନ ନଥିଲେ ଜୀବନ ଅଧୁରା ହେଇଯିବ। ପ୍ରକୃତରେ ଏମିତି କେହି ମଣିଷ ନାହାନ୍ତି ଯାହା ଭିତରେ ଏ ଜ୍ଞାନ ନାହିଁ। ସମସ୍ତଙ୍କ ଭିତରେ ଅଛି କିନ୍ତୁ କାହା ଭିତରେ ଉଣା ଅଛି କାହା ଭିତରେ ଅଧିକ ଅଛି। ସେଇଥିପାଇଁ ତ ସ୍ୱାମୀ ବିବେକାନନ୍ଦ କହିଥିଲେ ସବୁ ମଣିଷ ହେଉଛନ୍ତି ଦିବ୍ୟ। ସମସ୍ତଙ୍କ ଭିତରେ ଦିବ୍ୟତା ଦେଇ ଭଗବାନ ପଠେଇଛନ୍ତି ଏ ପୃଥିବୀକୁ। କିଏ ସେ ଦିବ୍ୟତାକୁ ଜାଣୁଛି। କିଏ ଜାଣୁନାହିଁ। ଏଇ ଜ୍ଞାନ ହେଉଛି ଆମର ସ୍ୱାଭାବିକ ଜ୍ଞାନ। ଆମେ ହୁଏତ ଜାଣିନୁ କିନ୍ତୁ ଆମକୁ ତାହା ମିଳିଯାଇଛି। ଥରେ ଜଣେ ଯୁବକ ଦାନ୍ତ ଡାକ୍ତର ଗୋଟିଏ ଜାଗାକୁ ଯାଇ ଲୋକଙ୍କୁ ଚିକିତ୍ସା କରିବାକୁ ଗୋଟିଏ କେନ୍ଦ୍ର ଖୋଲିଲେ। ତାଙ୍କ ନାଁ ସେଠି ଲଗେଇଲେ। କିନ୍ତୁ କେତେ ଦିନ ଯିବା ପରେ ମଧ୍ୟ କେହି ରୋଗୀ ତାଙ୍କ ପାଖକୁ ଆସିଲେ ନାହିଁ। ଯୁବକ ଡାକ୍ତର କ'ଣ ଭାବିଲେ କେଜାଣି ଲୋକଙ୍କୁ ଡାକି ମାଗଣାରେ ସେମାନଙ୍କର ଦାନ୍ତ ପରୀକ୍ଷା କଲେ। ସତକୁ ସତ ଜଣାପଡ଼ିଲା ଯେ ସେ ସ୍ଥାନରେ ଜଣକର ମଧ୍ୟ ଦାନ୍ତ ରୋଗ ନାହିଁ। ସେ ଜାଣିଲେ ଏଠି ତାଙ୍କ ଚିକିତ୍ସା ଚାଲିବ ନାହିଁ। ପେଟ ପୋଷା ହେବ ନାହିଁ। ତାଙ୍କ କେନ୍ଦ୍ର ଭାଙ୍ଗି ସେ ଅନ୍ୟ ସ୍ଥାନକୁ ଯିବାକୁ ବାହାରିଲେ। ଠିକ ଏଇ ସମୟରେ ତାଙ୍କ ମନରେ ପ୍ରଶ୍ନ ଆସିଲା ଏଠି ଲୋକଙ୍କ ଦାନ୍ତ ରୋଗ ହେଉ ନାହିଁ କାହିଁକି ? ଏହାର କିଛି କାରଣ ନିଶ୍ଚୟ ଅଛି। ପରୀକ୍ଷା ନିରୀକ୍ଷା କରି ସେ ଜାଣିଲେ ଏ ପାଣିରେ ଗୋଟିଏ ଅଦ୍ଭୂତ ପଦାର୍ଥ ମିଶିଛି। ଯାହା ଫଳରେ ଲୋକଙ୍କର ଦନ୍ତକ୍ଷୟ ହେଉନାହିଁ। ତାଙ୍କର ଆଖି ଖୋଲିଗଲା। ସେହି ପଦାର୍ଥଟିକୁ ମୂଳ କରି ଡାକ୍ତର ଖୁବ ଧନୀ ହୋଇଗଲେ। ପାଠକବନ୍ଧୁ ଆମ ପାଖରେ ଥିବା ଆଧ୍ୟାତ୍ମିକ ଜ୍ଞାନ ହେଉଛି ସେହି ଅଦ୍ଭୂତ ପଦାର୍ଥ ପରି। ଆମ ଅଜାଣତରେ ତାହା ଆମ ପାଖକୁ ଆସିଛି ଏବଂ ଆମ ପାଖରେ ଅଛି।ଈଶ୍ୱରଙ୍କ କରୁଣା, ବଂଶ ପରମ୍ପରା, କୁଳ ପରମ୍ପରା, ଜନ୍ମ ସଂସ୍କାର ଭିତରେ ଏ ଜ୍ଞାନ ଆମ ପାଖକୁ ଆସୁଥାଇପାରେ। ସେଇଥି ପାଇଁ କୁହାଯାଏ ଆମ ଦେଶ ହେଉଛି ଦେବଭୂମି। ଏଠି ସାଧାରଣ ଲୋକଟିଏ ମଧ୍ୟ ଆଧ୍ୟାତ୍ମିକ ଜ୍ଞାନ ଚର୍ଚ୍ଚାରେ ଭାଗ ନେଇପାରେ। ସେ କହୁଥିବା କଥାରେ ଭରି ରହିଥାଏ ଏ ଜ୍ଞାନ। ପାଶ୍ଚାତ୍ୟ ଲୋକେ କହନ୍ତି ପ୍ରତ୍ୟେକ ଭାରତୀୟ ଜଣେ ଜଣେ ଦାର୍ଶନିକ। ଭାରତର ପାଣି ପବନରେ ଆଧ୍ୟାତ୍ମିକ ଜ୍ଞାନ ଭାସି ବୁଲୁଛି। ତାକୁ ଖାଲି ଧାରଣ କରି ଜାଗ୍ରତ ରଖିପାରିଲେ ଆମ ଜୀବନ ସୁନ୍ଦର ହୋଇଯିବ। ଏ ଦେବ ଭୂମିରେ ଜନ୍ମଲାଭ କରିବାର ସୌଭାଗ୍ୟ ଆମେ ଲାଭ କରିଛେ। ଆମର ଜୀବନ କେବେ ଅସାର ହେବ ନାହିଁ।

# ଖୁବ୍ ଶୀଘ୍ର ଇରାନର ସବୁ ନଷ୍ଟ କରିଦେବୁ: ଟ୍ରମ୍ପ





ନୂଆଦିଲ୍ଲୀ: ଶାନ୍ତି ବୁଝାମଣାକୁ ସଙ୍କଟକୁ ଠେଲି ଆମେରିକା ଓ ଇରାନ ଆକ୍ରମଣ ଓ ପ୍ରତି ଆକ୍ରମଣରେ ମାତିଛନ୍ତି । ଉଭୟ ଦେଶର ଘନଘନ ମିସାଇଲ ଓ ଡ୍ରୋନ ମାଡ଼ରେ ଥରହର ମଧ୍ୟପ୍ରାଚ୍ୟ । ମହାଯୁଦ୍ଧ ଭୟ ଜଳଜଳ ଦିଶିଲାଣି । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସ୍ଥିତିରେ ପହଞ୍ଚିଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଦାବି କରିଛନ୍ତି । ସେ କହିଛନ୍ତି ମୋଜତବା ଖାମେନେଇ ତ ୯୦ ପ୍ରତିଶତ ନଷ୍ଟ ହୋଇ ସାରିଛନ୍ତି । ଇରାନ ପୂର୍ବରୁ ଏହାର ନୌସେନା, ବାୟୁସେନା ଏବଂ ବାୟୁ ପ୍ରତିରକ୍ଷ ପ୍ରଣାଳୀ ଏବଂ ଏହା ଶୀର୍ଷ ସାମରିକ କମାଣ୍ଡରମାନଙ୍କୁ ହରାଇ ସାରିଛି । ଆମେରିକା ସହିତ ଯୁଦ୍ଧ ସମୟରେ ଇରାନର ସାମରିକ କ୍ଷମତା ଖରାପ ଭାବରେ ପ୍ରଭାବିତ ହୋଇଛି । ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନିଙ୍କ ଅନ୍ତିମ ସଂସ୍କାର ଅନୁଷ୍ଠିତ ହୋଇଥିଲା । ସେହି ସମୟରେ ମୋଜତବା ଖାମେନେଇ ଉପସ୍ଥିତ ନଥିଲେ । ତାଙ୍କ ଅନୁପସ୍ଥିତିକୁ ନେଇ ବିଭିନ୍ନ ଅନୁମାନ କରାଯାଉଥିଲା ।

ମୋଜତବା କେଉଁଠି ? ଡୋନାଲ୍ଡ ଟ୍ରମ୍ପ ଇରାନର କ୍ଷମତା ବିଷୟରେ ଆଲୋଚନା କରି କହିଛନ୍ତି, 'ଇରାନର ନୌସେନା କିମ୍ବା ବାୟୁସେନା ନାହିଁ । ସବୁକିଛି ଚାଲିଯାଇଛି । ଶୀର୍ଷ ନେତାମାନେ ଚାଲିଯାଇଛନ୍ତି । ଖାମେନେଇ ପୂର୍ବରୁ ଚାଲି ଯାଇଛନ୍ତି । ଏବେ ତାଙ୍କ ପୁଣି ୯୦ ପ୍ରତିଶତ ଚାଲିଯାଇଛନ୍ତି ଆଉ ମାତ୍ର ୧୦ ପ୍ରତିଶତ ଅଛନ୍ତି ।' ମୋଜତବା ବହୁତ ଦିନ ଧରି ସାର୍ବଜନୀନ ଜୀବନକୁ ଦୂରରେ ଅଛନ୍ତି । ତାଙ୍କୁ କୌଣସି ଅବସରରେ ଦେଖିବାକୁ ମିଳୁନାହିଁ । କେବଳ ସେତିକି ନୁହେଁ, ମୋଜତବା ତାଙ୍କ ବାପା ଆୟତୋଲ୍ଲା ଅଲ୍ଲି ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ମଧ୍ୟ ସାମିଲ ହୋଇନଥିଲେ । ମୋଜତବା ଆମେରିକାର ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ । ସେ ଏବେ ଆଘାତରୁ ସୁସ୍ଥ ହୋଉଥିବା ସଦ୍ୟତମ ସୂଚନା ମିଳିଛି ।

ପୁଣି ଇରାନ-ଆମେରିକା ମୁହାଁମୁହିଁ- ଶାନ୍ତି ବୁଝାମଣା ସତ୍ତ୍ୱେ ଇରାନ-ଆମେରିକା ପୁଣିଥରେ ମୁହାଁମୁହିଁ ହୋଇଛନ୍ତି । ଉଭୟ ପକ୍ଷ ମଧ୍ୟରେ ମିସାଇଲ ଏବଂ ଡ୍ରୋନ୍ ଆକ୍ରମଣ ହୋଇଛି । ଏହି ଉତ୍ତେଜନା ହୋର୍ମୁଜ ପ୍ରଣାଳୀକୁ ମଧ୍ୟ ପ୍ରଭାବିତ କରିଛି । ଇରାନ ବାଣିଜ୍ୟିକ ଜାହଜ ଉପରେ ଆକ୍ରମଣ କରି ଜାହଜ କମ୍ପାନୀଗୁଡିକୁ ଭୟଭୀତ କରି ଏହି ମାର୍ଗରେ ନିଜର ପ୍ରାଧନ୍ୟ ବଜାୟ ରଖିବାକୁ ଚେଷ୍ଟା କରିଛି । ଆମେରିକା-ଇରାନ ମଧ୍ୟରେ ୬୦ ଦିନିଆ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ପ୍ରାୟ ଅଧା ସମାପ୍ତ ହୋଇଛି । ଏହି ଚୁକ୍ତି ବିବାଦର ସ୍ଥାୟୀ ସମାଧାନ ପାଇଁ ଆଲୋଚନା ଆରମ୍ଭ କରିବା ବଦଳରେ ହୋର୍ମୁଜ ପ୍ରଣାଳୀ ଭବିଷ୍ୟତକୁ ନେଇ ଦୁଇ ଦେଶ ମଧ୍ୟରେ ବାରମ୍ବାର ସଂଘର୍ଷ ହୋଇଛି । ବିଶ୍ୱ ନେତାମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ଯେ, ଇରାନ ଏବଂ ଆମେରିକା ସଂଘର୍ଷ ପୁଣି ଥରେ ଆରମ୍ଭ ହୋଇପାରେ ।

ଦୁଇ ଦେଶ ମଧ୍ୟରେ ପୁଣି ଉତ୍ତେଜନା ତୈଳ ଓ ଗ୍ୟାସ ବଜାରରେ ସୃଷ୍ଟି ହେଲାଣି କମ୍ପନ । ବିବାଦକୁ ଆହୁରି ଇନ୍ଧନ ଦେଇ ଆମେରିକା ପୁନର୍ବାର ହୋର୍ମୁଜ ପ୍ରଣାଳୀରେ 'ଅବରୋଧ' ଲାଗୁ କରିଦେଇଛି । ଏହି ଜଳ ମାର୍ଗ ଦେଇ ଏଣିକି ଇରାନର କୌଣସି ଜାହାଜ ଯାଇପାରିବ ନାହିଁ । ଇରାନୀ ତୈଳ ନେଇ ଯାଉଥିବା କୌଣସି ଜାହାଜକୁ ବି ଛ ?ଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି । ଟ୍ରମ୍ପ୍ କହିଛନ୍ତି, ଆମେରିକା ହୋର୍ମୁଜର ରକ୍ଷକ ସାଜିବ । ଏହି ଜଳମାର୍ଗରେ ସୁରକ୍ଷିତ ଯାତାୟାତ ପାଇଁ ସବୁ ଜାହାଜରୁ ୨୦% ଶୁଳ୍କ ଅସୁଲ କରିବ । ଏଠାରେ ଇରାନର କୌଣସି ହସ୍ତକ୍ଷେପ ରହିବ ନାହିଁ । ଆମେରିକୀୟ ନୌସେନା ଜାହାଜଗୁଡ଼ିକୁ ସୁରକ୍ଷା ଗ୍ୟାରେଣ୍ଟି ଦେବ । ତେବେ ସୁରକ୍ଷିତ ଜାହାଜ ଚଳାଚଳ ଲାଗି ଦେୟ ଗଣିବାକୁ ହେବ । ଖୁବଶୀଘ୍ର ଏ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଛନ୍ତି ଟ୍ରମ୍ପ ।

## ହେଲିକପ୍ଟରର କ୍ରାଶ୍ ପରେ ବଢ଼ିଲା ମୃତ୍ୟୁସଂଖ୍ୟା ୧୪ ଆମେରିକୀୟ ସୈନ୍ୟ ମୃତ, ୪୧୪ ଆହତ

ନୂଆଦିଲ୍ଲୀ : ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଆହୁରି ଭୟାନକ ରୂପ ନେବାରେ ଲାଗିଛି । ଏହି ମହାଯୁଦ୍ଧରେ ମୃତ୍ୟୁ ହୋଇଥିବା ଆମେରିକୀୟ ସୈନିକଙ୍କ ସଂଖ୍ୟା ଏବେ ୧୪ରେ ପହଞ୍ଚିଛି । ଆରବ ସାଗରରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଗମ୍ଭୀର ଭାବେ ଆହତ ହୋଇଥିବା ଆମେରିକା ନୌସେନାର ଜଣେ ପାଇଲଟଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପଟେ ଯୁଦ୍ଧରେ ଆହତ ହୋଇଥିବା ଆମେରିକୀୟ ସୈନିକଙ୍କ ସଂଖ୍ୟା ୪୧୪କୁ ବୃଦ୍ଧି ପାଇଥିବା ନେଇ ଆମେରିକା ସେଣ୍ଟ୍ରାଲ କମାଣ୍ଡ (ଉରଘଞ୍ଚଉଙଗ) ସୂଚନା ଦେଇଛି । ମସ୍ତିଷ୍କରେ ଗମ୍ଭୀର ଆଘାତର ଶିକାର ସୈନିକ ଆମେରିକା ସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆହତ ହୋଇଥିବା ସୈନିକମାନଙ୍କ ମଧ୍ୟରୁ ଅଧିକାଂଶ 'ଟ୍ରମାଟିକ ବ୍ରେନ୍ ଇଞ୍ଜୁରି' ବା ମସ୍ତିଷ୍କରେ ଗମ୍ଭୀର ଆଘାତର ଶିକାର ହୋଇଛନ୍ତି । କ୍ଷେପଣାସ୍ତ୍ର ମାଡ଼ ଏବଂ ବଡ଼ ଧରଣର ବିସ୍ଫୋରଣ ଯୋଗୁଁ ସୈନିକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଚଳିତ ବର୍ଷ ମାର୍ଚ୍ଚ ମାସରେ ଯୁଦ୍ଧ ଆରମ୍ଭ ହେବା ପରେ ଏହା ହେଉଛି ନୂଆ ମୃତ୍ୟୁ ମାମଲା । ଏହା ପୂର୍ବରୁ ବିଭିନ୍ନ ସଂଘର୍ଷ ଏବଂ ଦୁର୍ଘଟଣାରେ ୧୩ ଜଣ ଆମେରିକୀୟ ସୈନିକ ପ୍ରାଣ ହରାଇଥିଲେ । ହେଲିକପ୍ଟର କ୍ରାଶ୍ ନେଇ ପେଣ୍ଟାଗନର ସ୍ପଷ୍ଟୀକରଣ ସାମ୍ପ୍ରତିକ ସ୍ଥିତିରେ ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଆକ୍ରମଣ ପ୍ରତିଆକ୍ରମଣ ତେଜିବାରେ ଲାଗିଛି । ତେବେ ଜୁଲାଇ ୧ରେ ଘଟିଥିବା ହେଲିକପ୍ଟର ଦୁର୍ଘଟଣାକୁ ନେଇ ଆମେରିକା ନୌସେନା ପୂର୍ବରୁ ଏହାକୁ ଏକ ଜରୁରୀକାଳୀନ ଅବତରଣ ବୋଲି କହିଥିଲା । କୌଣସି ଶତ୍ରୁପକ୍ଷର ଆକ୍ରମଣ ଯୋଗୁଁ ହେଲିକପ୍ଟରଟି କ୍ରାଶ୍ ହୋଇନଥିବା ସେନା ସ୍ପଷ୍ଟ କରିଥିଲା । ଏହି ଦୁର୍ଘଟଣାରେ ଅନ୍ୟ ୩ ଜଣ ସୈନିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ପାଇଲଟଙ୍କର ମୃତ୍ୟୁ ଘଟିଛି । ଆମେରିକା ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ଏହାକୁ ଯୁଦ୍ଧକାଳୀନ ମୃତ୍ୟୁ ଶ୍ରେଣୀରେ ସାମିଲ କରିନାହିଁ ।

କୁଏତ୍, ସାଉଦି ଓ ଇରାକରେ ୧୩ ସୈନ୍ୟଙ୍କ ଜୀବନ ଯାଇଥିଲା । ଏହା ପୂର୍ବରୁ ଘଟିଥିବା ୧୩ଟି ମୃତ୍ୟୁ ମଧ୍ୟରୁ କୁଏତରେ ଏକ କମାଣ୍ଡ ସେଣ୍ଟର ଉପରେ ଇରାନର ଡ୍ରୋନ୍ ଆକ୍ରମଣ ଯୋଗୁଁ ୬ ଜଣ ଆମେରିକୀୟ ସୈନିକ ପ୍ରାଣ ହରାଇଥିଲେ । ସାଉଦି ଆରବରେ ପ୍ରିନ୍ସ ସୁଲତାନ ଏୟାର ବେସରେ ହୋଇଥିବା ଆକ୍ରମଣରେ ଜଣେ ସୈନିକ ଗୁରୁତର ହୋଇ ପ୍ରାଣ ହରାଇଥିଲେ । ଇରାକରେ ସେନା ଅପରେସନରେ ନିୟୋଜିତ ଥିବା ଆମେରିକୀୟ ବାୟୁସେନାର ଏକ କଉ-୧୩୫ ଇନ୍ଧନ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁଁ ୬ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା ।

## ହର୍ମୁଜରେ ଭାରତୀୟ ନାବିକଙ୍କ ମୃତ୍ୟୁକୁ ନେଇ ନୂଆଦିଲ୍ଲୀରେ ହଲଚଲ୍ !

ନୂଆଦିଲ୍ଲୀ: ଭାରତୀୟ ନାବିକଙ୍କ ମୃତ୍ୟୁକୁ ନେଇ କ୍ରୋଧିତ ଭାରତ ସରକାର । ଇରାନ ପ୍ରଶାସନ ନିକଟରେ ଆନୁଷ୍ଠାନିକ ଭାବେ ନିଜର ଦୃଢ଼ ଆପତ୍ତି ଓ କଡ଼ା ବିରୋଧ ପ୍ରଦର୍ଶନ କରିଛି ଭାରତୀୟ ବୈଦେଶିକ ମନ୍ତ୍ରାଳୟ । ସମୁଦ୍ର ପଥରେ ସାଧାରଣ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷାକୁ ନେଇ ଭାରତ ନିଜର ଗଭୀର ଚିନ୍ତା ପ୍ରକଟ କରିବା ସହ ନାବିକମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଏଭଳି ଆକ୍ରମଣକୁ ନିନ୍ଦା କରିଛି । ଏହା କେଉଁ ଉଦ୍ଦେଶ୍ୟରେ ଏଭଳି ଘଟଣା ଘଟିଲା, ଏନେ ଇରାନ କୂଟନୀତିଜ୍ଞଙ୍କୁ ସମନ କରିଛି MEA । ଏହି ମାମଲାରେ ସେଲଭ୍ ହେବା ପାଇଁ ଭାରତର ବୈଦେଶିକ ମନ୍ତ୍ରାଳୟ (MEA) ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ଅବସ୍ଥାପିତ ଇରାନର କୂଟନୀତିଜ୍ଞମାନଙ୍କୁ ସମନ କରିଛି । ତଲବ କରାଯାଇଥିବା ଅଧିକାରୀଙ୍କ ମଧ୍ୟରେ ଇରାନର ଡେପୁଟି ଚିଫ୍ ଅଫ୍ ମିଶନ (DCM) ମହମ୍ମଦ ଜବାଦ ହୋସେନି ମଧ୍ୟ ସାମିଲ ଅଛନ୍ତି ।

ଇରାନ ସୀମାନ୍ତରେ ଥିବା ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀର ଓମାନ ସାମୁଦ୍ରିକ ସୀମା ମଧ୍ୟରେ ୟୁଏଇ (ଟଇର) ର ଦୁଇଟି ତେଲ ଟାଙ୍କର 'ମୋମ୍ବାସା' ଏବଂ 'ଅଲ୍ ବାହିୟା'କୁ କ୍ରୁଜ୍ ମିସାଇଲ୍ ମାଧ୍ୟମରେ ଆକ୍ରମଣ କରାଯାଇଥିଲା । ଏହି ମିସାଇଲ୍ ମାଡ଼ ଯୋଗୁଁ 'ମୋମ୍ବାସା' ଜାହାଜରେ କାର୍ଯ୍ୟରତ ଜଣେ ଭାରତୀୟ ନାବିକ ପ୍ରାଣ ହରାଇଥିବା ବେଳେ ମୋଟ ୮ ଜଣ କ୍ରୁ ସଦସ୍ୟ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୬ ଜଣ ଭାରତୀୟ ଏବଂ ୨ ଜଣ ୟୁକ୍ରେନର ନାଗରିକ ଥିବା ଜଣାପଡ଼ିଛି, ଯେଉଁମାନଙ୍କ ଭିତରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଏହି ଅଞ୍ଚଳରେ ଗତ କିଛି ଦିନ ହେବ ଆମେରିକା ଏବଂ ଇରାନ ମଧ୍ୟରେ ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି ।

# ନୂଆ ବନ୍ଦର ନିର୍ମାଣ କରିବ ୟୁଏଇ



ଦୁବାଇ: ପାରସ୍ୟ ଉପସାଗର ଅଞ୍ଚଳରେ ବଢୁଥିବା ଭୂ-ରାଜନୈତିକ ତିକ୍ତତା ଓ ସୁରକ୍ଷା ବିପତ୍ତି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି । ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟିକ ପଥ 'ହର୍ମୁଜ୍ ପ୍ରଣାଳୀ' ଉପରେ ନିଜର ନିର୍ଭରଶୀଳତା ହ୍ରାସ କରିବା ପାଇଁ ୟୁଏଇ ଏକ ନୂତନ ବନ୍ଦର ନିର୍ମାଣ କରିବାକୁ ଯୋଜନା କରୁଛି । ୟୁଏଇ ସରକାରଙ୍କ ଅଧୀନରେ ଥିବା ବିଶ୍ୱର ପ୍ରସିଦ୍ଧ ବନ୍ଦର ପରିଚାଳନାକାରୀ ସଂସ୍ଥା 'ଡିପି ୱାର୍ଲ୍ଡ' ସଂଯୁକ୍ତ ଆରବ ଏମିରେଟ୍ସର ପୂର୍ବ ଉପକୂଳରେ ଥିବା ଫୁଜୈରାର୍ ଠାରେ ଏକ ନୂତନ ବହୁମୁଖୀ ବନ୍ଦର ଓ କଣ୍ଟେନର ଟର୍ମିନାଲ୍ ନିର୍ମାଣ କରିବା ପାଇଁ ଆଲୋଚନା ଚଳାଇଛି । ଏହି ନୂତନ ବନ୍ଦର ନିର୍ମାଣ ହେବା ଫଳରେ ମାଲବାହୀ ଜାହାଜଗୁଡ଼ିକୁ ବିବାଦୀୟ ହର୍ମୁଜ ପ୍ରଣାଳୀ ଦେଇ ଯିବାକୁ ପଡ଼ିବ ନାହିଁ । ସେଠାରେ କଣ୍ଟେନରଗୁଡ଼ିକୁ ଓହ୍ଲାଇବା ପରେ ସ୍ଥଳପଥରେ ଟ୍ରକ୍ ଯୋଗେ ଦୁବାଇ, ଆବୁଧାବି ଏବଂ ଅନ୍ୟ ଉପସାଗରୀୟ ଦେଶଗୁଡ଼ିକୁ ସହଜରେ ପଠାଯାଇପାରିବ । ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବଂ ଇରାନ ହର୍ମୁଜ ପ୍ରଣାଳୀକୁ ବାରମ୍ବାର ବନ୍ଦ ରଖିବା ଯୋଗୁଁ ଦୁବାଇର ପ୍ରମୁଖ ବନ୍ଦର 'ଜେବେଲ୍ ଅଲି' ର ବ୍ୟବସାୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ଯୁଦ୍ଧ ପୂର୍ବରୁ ଏହି ବନ୍ଦର ଦେଇ ଦୈନିକ ପ୍ରାୟ ୪୦,୦୦୦ କଣ୍ଟେନର ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ମାତ୍ର ୧,୦୦୦ ରେ ପହଞ୍ଚିଛି (ପ୍ରାୟ ୯୭ ପ୍ରତିଶତ ହ୍ରାସ) । ଏହି ବିପୁଳ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ୟୁଏଇ ସରକାର ନିଜ ଅର୍ଥନୀତିକୁ ଭବିଷ୍ୟତର ଯୁଦ୍ଧ ଓ ସଙ୍କଟରୁ ସୁରକ୍ଷିତ ରଖିବା ପାଇଁ ଏହି ବିକଳ୍ପ ବାଣିଜ୍ୟିକ ମାର୍ଗ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଦୁବାଇ ନିଜର ଅନ୍ତର୍ଜାତୀୟ ବ୍ୟାବସାୟିକ ପ୍ରତିଷ୍ଠା ଓ ସାମୁଦ୍ରିକ ବାଣିଜ୍ୟ ସାମର୍ଥ୍ୟକୁ ବଜାୟ ରଖିବ । ଫଳରେ ଆଗାମୀ ଦିନରେ ଇରାନ କିମ୍ବା ଅନ୍ୟ କୌଣସି ଆଞ୍ଚଳିକ ବିବାଦ ୟୁଏଇର ସ୍ଥଳ ବାଣିଜ୍ୟ ଉପରେ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ ।

## ଓମାରଙ୍କୁ ବିଜେପିର ଆଇନଗତ ନୋଟିସ



ନୂଆଦିଲ୍ଲୀ: ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ସୋମବାର ବିଜେପି ତରଫରୁ ଆଇନଗତ ନୋଟିସ୍ ଜାରି କରାଯାଇଛି । ନିକଟରେ ଓମାର ବିଜେପି ବିରୋଧରେ ଏକ ଅଭିଯୋଗ ଆଣିଥିଲେ । ବିଜେପି ତାଙ୍କ ଦଳ ନ୍ୟାସନାଲ୍ କନ୍‌ଫରେନ୍ସର ବିଧାୟକଙ୍କୁ କିଣିବାକୁ ଚେଷ୍ଟା କରୁଛି । ନ୍ୟାସନାଲ୍ କନ୍‌ଫରେନ୍ସ ଛାଡ଼ି ବିଜେପିରେ ଯୋଗ ଦେବାକୁ ବିଧାୟକଙ୍କୁ ୨୦ରୁ ୩୦ କୋଟି ଟଙ୍କା ପର୍ଯ୍ୟନ୍ତ ଯଚାଯାଉଛି । ଏଥିସହ ସେମାନଙ୍କୁ ମନ୍ତ୍ରିପଦ ଓ ଜାମ୍ମୁ-କାଶ୍ମୀରକୁ ପୁନର୍ବାର ରାଜ୍ୟ ପାହ୍ୟା ପ୍ରଦାନ ନେଇ ଲୋଭ ଦେଖା ଯାଉଛି ।ଏହାକୁ ନେଇ ଓମାର ଅବଦୁଲ୍ଲାଙ୍କୁ ଜାମ୍ମୁ-କାଶ୍ମୀର ବିଜେପି ସଭାପତି ସତ୍ ଶର୍ମାଙ୍କ ତରଫରୁ ବିଜେପି ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ସନୀଲ ଆଇନଗତ ନୋଟିସ୍ ପଠାଇଛନ୍ତି । ଓମାର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସଂପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଓ ଏହାଦ୍ୱାରା ବିଜେପିର ସମ୍ମାନରେ ଆଞ୍ଚ ଆସିଥିବା ନୋଟିସରେ ଦର୍ଶାଯାଇଛି । ଏଥିପାଇଁ ଓମାର ଅବଦୁଲ୍ଲା ଆସନ୍ତା ୭ ଦିନ ମଧ୍ୟରେ ସର୍ବସାଧାରଣରେ କ୍ଷମା ମାଗିବାକୁ ନୋଟିସ୍‌ରେ ଦାବି କରାଯାଇଛି । ଏଥିସହ ଭବିଷ୍ୟତରେ ଓମାର ଏପରି ଭିତ୍ତିହୀନ ଦାବି ନ କରିବାକୁ ନୋଟିସ୍‌ରେ ଚେତାବନୀ ଦିଆଯାଇଛି । ଯଦି ନିର୍ଦ୍ଧାରିତ ସମୟରେ ଓମାର ସର୍ବସାଧାରଣରେ କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି ।

### ସିବିଏସ୍‌ଇ ବୋର୍ଡର ବଡ଼ ନିଷ୍ପତ୍ତି

## ନବମ ଓ ଦଶମ ପିଲାଙ୍କ ପାଇଁ 'ଥାର୍ଡ ଲାଙ୍ଗୁଏଜ୍' ବାଧ୍ୟତାମୂଳକ, ଫେଲ୍ ହେଲେ ନିସ୍ତାର ନାହିଁ !

ନୂଆଦିଲ୍ଲୀ: ସିବିଏସ୍‌ଇ ବୋର୍ଡ ପକ୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ପରିବର୍ତ୍ତନ କରାଯାଇଛି । ଏଣିକି ୯ମ ଏବଂ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ତୃତୀୟ ଭାଷାକୁ ବାଧ୍ୟତାମୂଳକ କରାଯାଇଛି । ବୋର୍ଡ ପକ୍ଷରୁ ଜାରି ସର୍କୁଲାର ଅନୁଯାୟୀ, ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ୯ମ ଏବଂ ୨୭-୨୮ ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀରେ ଏହି ନୂଆ ନିୟମ ଲାଗୁ ହେବ ।

ସିବିଏସ୍‌ଇ ସ୍ପଷ୍ଟ କରିଛି ଯେ, ତୃତୀୟ ଭାଷା ବିଷୟଟି ୧୦ମ ଶ୍ରେଣୀର ମୂଳ ବୋର୍ଡ ପରୀକ୍ଷାର ଅଂଶ ହେବ ନାହିଁ । ତଥାପି, ମାଧ୍ୟମିକ ସ୍କୁଲ ପରୀକ୍ଷା ପାସ୍ ପ୍ରମାଣପତ୍ର ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ସ୍ତରରେ ହେବାକୁ ଥିବା Internal Assessmentùe ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ।

ଯଦି କୌଣସି ଛାତ୍ର ବୋର୍ଡ ଫଳାଫଳ ପୂର୍ବରୁ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନରେ ବିଫଳ ହୁଅନ୍ତି, ତେବେ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ପୁନଃମୂଲ୍ୟାୟନ କରିବାକୁ ପଡ଼ିବ । ତେବେ ପୁନଃମୂଲ୍ୟାୟନରେ ବି ଫେଲ୍ ହେଲେ ଫଳାଫଳ ସ୍ଥଗିତ ରହିବ କି ନାହିଁ, ସେ ନେଇ ବୋର୍ଡ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ ।

ଯଦି କୌଣସି ଛାତ୍ର କିମ୍ବା ଛାତ୍ରୀ ୯ମ ଶ୍ରେଣୀର ତୃତୀୟ ଭାଷା ମୂଲ୍ୟାଙ୍କନରେ ଫେଲ୍ ହୁଅନ୍ତି, ତେବେ ସେମାନଙ୍କୁ ୧୦ମ ଶ୍ରେଣୀକୁ ପଦୋନ୍ନତି (Promote) ଦିଆଯିବ । କିନ୍ତୁ ସେମାନେ ୧୦ମ ଶ୍ରେଣୀରେ ପଢୁଥିବା ସମୟରେ ହିଁ ୯ମ ଶ୍ରେଣୀର ସେହି ବାକି ରହିଥିବା ତୃତୀୟ ଭାଷାର ମୂଲ୍ୟାଙ୍କନ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ଏହାଦ୍ୱାରା ପିଲାଙ୍କ ବର୍ଷ ନଷ୍ଟ ହେବନାହିଁ, କିନ୍ତୁ ଶିକ୍ଷା ସମାପ୍ତ ପୂର୍ବରୁ ଭାଷାଗତ ଯୋଗ୍ୟତା ପୂରଣ ହୋଇପାରିବ । ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷରୁ ଷଷ୍ଠ ଶ୍ରେଣୀରୁ ହିଁ ତ୍ରିଭାଷା ସୂତ୍ର (Three-Language Formula) ଲାଗୁ ହେବ । ଏହି ନୂଆ ଢାଞ୍ଚାରେ ପିଲାମାନେ ୩ଟି ଭାଷା ପଢ଼ିବେ, ଯେଉଁଥିରେ ଅତି କମରେ ୨ଟି ଭାରତୀୟ ଭାଷା ରହିବା ବାଧ୍ୟତାମୂଳକ । ୭ମ, ୮ମ ଏବଂ ୯ମ ଶ୍ରେଣୀର ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବରୁ ଇଂରାଜୀ ସହିତ କୌଣସି ଅତିରିକ୍ତ ବିଦେଶୀ ଭାଷା (ଯେପରିକି ଫ୍ରେଞ୍ଚ୍, ଜର୍ମାନ ଇତ୍ୟାଦି) ବାଛିଛନ୍ତି, ସେମାନେ ତାହା ଜାରି ରଖିପାରିବେ । କିନ୍ତୁ ଏହା ସହିତ ସେମାନଙ୍କୁ ଭାରତର ଯେକୌଣସି ଗୋଟିଏ ଆଞ୍ଚଳିକ ତୃତୀୟ ଭାଷା ମଧ୍ୟ ଶିଖିବାକୁ ପଡ଼ିବ ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ନାଗରିକତ୍ୱ ନ୍ୟାୟସଙ୍ଗତ ପ୍ରକ୍ରିୟାରେ ନିର୍ଦ୍ଧାରଣ ହେଉ

ନୂଆଦିଲ୍ଲୀ: ଗୁଆହାଟୀ ହାଇକୋର୍ଟ ପୂର୍ବରୁ ଫରେନର୍ସ ଟ୍ରିବ୍ୟୁନାଲ ଦେଇଥିବା ରାୟକୁ କାଏମ୍ ରଖି ୨୭ ଜଣଙ୍କୁ ବିଦେଶୀ ଘୋଷଣା କରିଥିବାବେଳେ ସୁପ୍ରିମକୋର୍ଟ ସୋମବାର ଏହାକୁ ଖାରଜ କରିଦେଇଛନ୍ତି । ନାଗରିକତ୍ୱ ପ୍ରଶ୍ନର ସମାଧାନ ନିରପେକ୍ଷ, ଆଇନସମ୍ମତ ଓ ଯୁକ୍ତିଯୁକ୍ତ ପ୍ରକ୍ରିୟାରେ ହେବା ଜରୁରୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ସମସ୍ତ ୨୭ଟି ମାମଲା ସାମ୍ବିଧାନିକ ଓ ନ୍ୟାୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେଗୁଡ଼ିକର ପୁନର୍ବିଚାର ପାଇଁ ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ସେଗୁଡ଼ିକୁ ସମ୍ପୃକ୍ତ ଫରେନର୍ସ ଟ୍ରିବ୍ୟୁନାଲକୁ ଫେରାଇ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି, ନାଗରିକତ୍ୱ ଓ ବିଦେଶୀ ମାନ୍ୟତା ସମ୍ବିଧାନ ଓ ଆଇନଗତ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ଜଣେ ବ୍ୟକ୍ତିଙ୍କ ନାଗରିକତ୍ୱ ନିର୍ଦ୍ଧାରଣ ନିରପେକ୍ଷ, ଆଇନସମ୍ମତ ଓ ଯୁକ୍ତିଯୁକ୍ତ ପ୍ରକ୍ରିୟାରେ ହେବା ଆବଶ୍ୟକ । ପୂର୍ବରୁ କୌଣସି ବିଦେଶୀ ଟ୍ରିବ୍ୟୁନାଲ କିମ୍ବା ଗୁଆହାଟୀ ହାଇକୋର୍ଟ ଦେଇଥିବା ରାୟରେ ପ୍ରଭାବିତ ନ ହୋଇ ନିରପେକ୍ଷ ଭାବେ ଉକ୍ତ ମାମଲାଗୁଡ଼ିକର ପୁନର୍ବିଚାର କରିବାକୁ ସୁପ୍ରିମକୋର୍ଟ ଟ୍ରିବ୍ୟୁନାଲକୁ କହିଛନ୍ତି । ଟ୍ରିବ୍ୟୁନାଲ ଆବେଦନକାରୀମାନଙ୍କୁ ବିଦେଶୀ ଘୋଷଣା କରିଥିବାବେଳେ ଗୁଆହାଟୀ ହାଇକୋର୍ଟ ଟ୍ରିବ୍ୟୁନାଲର ରାୟଗୁଡ଼ିକୁ କାଏମ୍ ରଖିଥିଲେ । ତେବେ ବିପକ୍ଷଙ୍କ ଅନୁପସ୍ଥିତିରେ ଟ୍ରିବ୍ୟୁନାଲ ନିଷ୍ପତ୍ତି ନେଇଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଅନେକ ପିଟିଶନ ଦାଏର ହୋଇଥିଲା । ତେବେ ଟ୍ରିବ୍ୟୁନାଲଙ୍କ ମତାମତକୁ ପାଖାପାଖି ୨୩ ବର୍ଷ ପରେ ଚ୍ୟାଲେଞ୍ଜ କରାଯାଇଥିବା ଦର୍ଶାଇ ହାଇକୋର୍ଟ ଉକ୍ତ ପିଟିଶନଗୁଡ଼ିକୁ ପୂର୍ବରୁ ଖାରଜ କରିଦେଇଥିଲେ । ନୋଟିସ ପଠାଯିବା ସତ୍ତ୍ୱେ ଆବେଦନକାରୀମାନେ ଟ୍ରିବ୍ୟୁନାଲ ନିକଟରେ ହାଜର ହୋଇ ନ ଥିଲେ ବୋଲି ହାଇକୋର୍ଟ ଦର୍ଶାଇଥିଲେ । ହାଇକୋର୍ଟ ଟ୍ରିବ୍ୟୁନାଲଙ୍କ ରାୟକୁ କାଏମ ରଖିବା ସହ ବିଦେଶୀ ଆଇନ, ୧୯୪୬ର ଧାରା ୯ ଉପରେ ଭରସା କରିଥିଲେ, ଯେଉଁଠି ସରକାରଙ୍କ ପରିବର୍ତ୍ତେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭାରତୀୟ ନାଗରିକତ୍ୱର ପ୍ରମାଣ ଦେବାକୁ ପଡ଼ିଥାଏ ।

## ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ବ୍ରିଟେନ

ଲଣ୍ଡନ:ବ୍ରିଟେନ ସରକାର ଇରାନର ସାମରିକ ବାହିନୀ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି)କୁ ଏକ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି । ବ୍ରିଟେନ ମାଟିରେ ଇହୁଦୀ ସମୁଦାୟ, ଇସ୍ରାଏଲ୍ ଓ ଇରାନର ବିରୋଧୀ ଗଣମାଧ୍ୟମଗୁଡ଼ିକୁ ନିଶାଣ କରି ହୋଇଥିବା ଏକାଧିକ ଆକ୍ରମଣ ଓ ହିଂସାତ୍ମକ ଷଡ଼ଯନ୍ତ୍ର ପଛରେ ଆଇଆରଜିସିର ହାତ ଥିବା ଜଣାପଡ଼ିବା ପରେ ବ୍ରିଟେନ ଏହି ପଦକ୍ଷେପ ନେଇଛି । ବ୍ରିଟେନ ସରକାର 'ନ୍ୟାସନାଲ ସିକ୍ୟୁରିଟି ଆକ୍ଟ ୨୦୨୬' ର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଏହି ପ୍ରତିବନ୍ଧକ ଲଗାଇଛନ୍ତି । ପୂର୍ବରୁ ବ୍ରିଟେନର ଆତଙ୍କବାଦ ନିରୋଧୀ ଆଇନ କେବଳ ଅଣ-ରାଷ୍ଟ୍ରୀୟ ସଂଗଠନ ଉପରେ ଲାଗୁ ହେଉଥିଲା, କିନ୍ତୁ ନୂଆ ଆଇନ ବଳରେ ଏହା ପ୍ରଥମ ଥର ପାଇଁ କୌଣସି ବିଦେଶୀ ରାଷ୍ଟ୍ରର ସରକାରୀ ସାମରିକ ବାହିନୀ ଉପରେ କଟକଣା ଲାଗୁ କରାଯାଇଛି । ବ୍ରିଟେନ ସୁରକ୍ଷା ଏଜେନ୍ସି କହିବା ଅନୁଯାୟୀ, ଇରାନ ସମର୍ଥିତ ଉଗ୍ରବାଦୀ ଗୋଷ୍ଠୀ ବ୍ରିଟେନରେ ପ୍ରାୟ ୭ଟି ବଡ଼ ଆକ୍ରମଣ କରିଛି ।

## ଏଲୋପ୍‌ମେଣ୍ଟ ମାମଲାରେ ପୋକ୍‌ସୋ ଆଇନର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ସ୍ୱେଚ୍ଛାକୃତ ଭାବେ ରିଲେଶନଶିପ୍‌ରେ ରହୁଥିବା କିଶୋର କିଶୋରୀଙ୍କ ବିରୋଧରେ ପୋକ୍‌ସୋ ଆଇନର ଦୁରୁପଯୋଗ କରାଯାଉଥିବା ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତାବ୍ୟକ୍ତ କରିଛନ୍ତି । ପ୍ରେମ ସମ୍ପର୍କରେ ଥିବା ଝିଅପୁଅ ଯଦି ଘରୁ ଲୁଚି ପଳାଇଯାଆନ୍ତି, ସେମାନଙ୍କୁ ସରକାର ବା ପ୍ରଶାସନ କିପରି ରୋକିପାରିବ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି । ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ନାବାଳିକା ଝିଅ ଜଣେ ପୁରୁଷ ସାଥୀ ସହ ଫେରାର ହୋଇଗଲେ ମା'ବାପା ସେମାନଙ୍କ ତଥାକଥିତ ସମ୍ମାନ ରକ୍ଷା ପାଇଁ ଉକ୍ତ ପୁଅ ବିରୋଧରେ ଆପରାଧିକ ମାମଲା ଦାଏର କରିଥାନ୍ତି । ପିଲାଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଶୋଷଣ ରୋକିବା ପାଇଁ ପୋକ୍‌ସୋ ଆଇନ ରହିଛି ବୋଲି ଅଦାଲତ କହିବା ସହ ୧୫ରୁ ୧୮ ବର୍ଷ ବୟସ ଅତ୍ୟନ୍ତ ସମ୍ବେଦନଶୀଳ ସମୟ ବୋଲି କହିଛନ୍ତି ।

# ଅଯୋଧ୍ୟା ରାମ ମନ୍ଦିର: ସିଇଓ ପଦ ନିମନ୍ତେ ଦରଖାସ୍ତ ଆହ୍ୱାନ

ଲକ୍ଷ୍ନୌ: ଅଯୋଧ୍ୟା ରାମ ମନ୍ଦିରରେ ଦାନ ଅର୍ଥ ଆତ୍ମସାତ୍ ପ୍ରସଙ୍ଗ ଚର୍ଚ୍ଚାରେ ଥିବା ବେଳେ ମନ୍ଦିରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ତରଫରୁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍‌ବାନ କରାଯାଇଛି । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ଜୁଲାଇ ୧୮ ଅପରାହ୍ଣ ୪ଟା । ସୂଚନା ଅନୁଯାୟୀ, ଆବେଦନକାରୀଙ୍କ ବୟସ ୫୦ରୁ ୭୦ ବର୍ଷ ମଧ୍ୟରେ ହୋଇଥିବ । ତାଙ୍କର ୨୦ ବର୍ଷରୁ ଉର୍ଦ୍ଧ୍ୱର ସମୟ ଧରି ବିଭିନ୍ନ ଗୁରୁତ୍‌ବପୂର୍ଣ୍ଣ ବିଭାଗ ପରିଚାଳନାରେ ଅଭିଜ୍ଞତା ଥିବ । ସେ ଅତି କମ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିଥିବେ । ପ୍ରାର୍ଥୀ ହିନ୍ଦୁଧର୍ମାବଲମ୍ବୀ ହୋଇଥିବେ । ମନୋନୀତ ପ୍ରାର୍ଥୀ ୩ବର୍ଷ ପାଇଁ ନିଯୁକ୍ତି ପାଇବେ । ଏହି ୩ ବର୍ଷ ସେ ଅଯୋଧ୍ୟାରେ ରହିବାକୁ ବାଧ୍ୟ । ସିଇଓ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ନିକଟରେ ଉତ୍ତରଦାୟୀ ରହିବେ । ସଂଗଠନର ଆଇନଗତ, ପ୍ରଶାସନିକ ଏବଂ ଆର୍ଥିକ କାର୍ଯ୍ୟ ତଦାରଖ କରିବା ତାଙ୍କ ଦାୟିତ୍ୱ ରହିବ । ଏହା ବ୍ୟତୀତ ଟ୍ରଷ୍ଟର ଆବଶ୍ୟକତା ଅନୁଯାୟୀ ଉପଯୋଗୀ ନିୟମ, ପ୍ରକ୍ରିୟା ଏବଂ ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ ସିଇଓଙ୍କୁ ଦାୟିତ୍ୱ ଦିଆଯିବ ।






# ମହାପ୍ରଭୁଙ୍କ ରଥଯାତ୍ରାର ମୌଳିକତା

ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରୁ ଦଶମୀ ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥଙ୍କ ନବଦିବସୀୟ ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଆୟୋଜିତ ହୋଇଥାଏ। ଏହା କେବଳ ଏକ ଧାର୍ମିକ ପର୍ବ ନୁହେଁ। ଭକ୍ତ ଏବଂ ଭଗବାନଙ୍କ ଅପୂର୍ବ ମିଳନ ଉବ ସମ୍ପ୍ରତି ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଏହି ଯାତ୍ରା ପାଳିତ ହେଉଥିଲହେଁ ପୁରୀ ରଥଯାତ୍ରାର ନୀତିକାନ୍ତି, ବୈଶିଷ୍ଟ୍ୟ ଏବଂ ମୌଳିକତା ସମ୍ପୂର୍ଣ୍ଣ ନିଆରା, ଅନନ୍ୟ ଓ ମହନୀୟ ଯାହା ବିଶ୍ୱ ଆଧ୍ୟାତ୍ମିକ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। କହିବାକୁ ଏହା ଏକ ନବଦିନାତ୍ମକ ଯାତ୍ରା। କିନ୍ତୁ ବାସ୍ତବରେ ଏହି ପର୍ବର ପ୍ରସ୍ତୁତି ବହୁ ପୂର୍ବରୁ ଆରମ୍ଭ ହୋଇଯାଇଥାଏ।

ବୈଶାଖ ଶୁକ୍‌ଳପକ୍ଷ ତୃତୀୟା। ପବିତ୍ର ଅକ୍ଷୟ ତୃତୀୟା ଭାବେ ପରିଚିତ। ଏହି ଦିନ ରଥଯାତ୍ରା ପାଇଁ ନୂଆ ରଥ ତିଆରି କାମ ଅନୁକୂଳ ହୁଏ। ତିନି ଠାକୁର - ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ରଥ ନିର୍ମିତ ହୋଇଥାଏ। ପୂର୍ବ ବର୍ଷର ପୁରୁଣା ରଥ କେବେ ମଧ୍ୟ ବ୍ୟବହୃତ ହୁଏନାହିଁ। ରଥ ନିର୍ମାଣର ସ୍ୱତନ୍ତ୍ର ପବିତ୍ର ବିଧି ରହିଛି। ଏହି ପ୍ରକ୍ରିୟା ପରମ୍ପରା ଓ ନିର୍ଦ୍ଧାରିତ ତିଥି ଅନୁସାରେ ପାଳିତ ହୋଇଥାଏ। ରଥ ନିର୍ମାଣ ପାଇଁ ମୁଖ୍ୟତଃ ନିମ, ଧଉରା, ଅସନ ଓ ମଇ କାଠ ବ୍ୟବହୃତ ହୁଏ। ବିଶେଷଜ୍ଞମାନେ ଏହାକୁ ଚୟନ କରିଥାନ୍ତି। କାଠ ସବୁ ଶ୍ରୀମନ୍ଦିର ସମ୍ମୁଖ ସ୍ଥିତ ରଥଖଳାକୁ ଅଣାଯାଏ। ଆଗେ ପରିବହନ ବ୍ୟବସ୍ଥା ନଥିଲା। ବୃହଦାକାର କାଠଗଣ୍ଡି ସବୁ ଜଳମାର୍ଗରେ ପୁରୀରେ ପହଞ୍ଚୁଥିଲା। ଏବେ କାଠ ପରିବହନ ପାଇଁ ଟ୍ରକ ବ୍ୟବହୃତ ହେଉଛି। କାଠ କାଟିବାଠୁ ରଥର ଚୂଡ଼ାନ୍ତ ଆକାର ପର୍ଯ୍ୟନ୍ତ ସବୁକାମ 'ମହାରଣା', ବଢ଼େଇ ସେବକ କରନ୍ତି। ସେମାନଙ୍କୁ 'ରୂପକାର', 'ଚିତ୍ରକାର' ଓ 'ଦରଜି' ସେବକମାନେ ସହାୟତା କରିଥାନ୍ତି। ରୂପକାର ଖୋଦେଇ କାମ ଚିତ୍ରକାର ରଙ୍ଗ କାମ ଏବଂ ଦରଜୀ କପଡ଼ା ସିଲେଇ କାମ କରିଥାନ୍ତି।

'ନନ୍ଦିଘୋଷ' ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ। ଏହାର ଉଚ୍ଚତା ୪୫ ଫୁଟ। ଚକ ସଂଖ୍ୟା ଷୋହଳ। ରଙ୍ଗ ନାଲି ଓ ହଳଦିଆ। 'ତାଳଧ୍ୱଜ' ବଳଭଦ୍ରଙ୍କ ରଥ। ଉଚ୍ଚତା ୪୪ ଫୁଟ। ଚକ ସଂଖ୍ୟା ଚଉଦ। ରଙ୍ଗ ନାଲି ଓ ନୀଳ। 'ଦର୍ପଦଳନ' ବା 'ପଦ୍ମଧ୍ୱଜ' ଦେବୀ ସୁଭଦ୍ରାଙ୍କ ରଥ। ଉଚ୍ଚତା ୪୩ ଫୁଟ। ଚକ ସଂଖ୍ୟା ବାର। ରଙ୍ଗ ନାଲି ଓ କଳା ଅଟେ। ରଥ କାଠ ଅନୁକୂଳ ରଥ ନିର୍ମାଣର ପ୍ରଥମ ବିଧି। ଏହା ସରସ୍ୱତୀ ପୂଜା ବା ଶ୍ରୀପଞ୍ଚମୀ ତିଥିରୁ ଆରମ୍ଭ ହୋଇଥାଏ। ଏହି ଦିନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ କାଠ ସଂଗ୍ରହ ଅନୁକୂଳ କରାଯାଏ। ଶ୍ରୀମନ୍ଦିର ସମ୍ମୁଖରେ ଏହାର ପୂଜାର୍ଚ୍ଚନା ହୁଏ। ପବିତ୍ର ଶ୍ରୀରାମ ନବମୀ ଦିନ କାଠ କଟା କାମ ଆରମ୍ଭ ହୁଏ। ଏହାକୁ କାଠ ଚିରଟ କୁହାଯାଇଥାଏ। ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଅନୁକୂଳ ହୁଏ। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସେ। ରଥ ତିଆରି ପାଇଁ କୌଣସି ଆଧୁନିକ ନକ୍ସା, ଲୁହା କଣ୍ଟାର ବ୍ୟବହାର ହୁଏନାହିଁ। ମହାରଣା ସେବକମାନେ ବଂଶାନୁକ୍ରମିକ ଜ୍ଞାନ ଏବଂ ହାତ ମାପରେ ଏହି ବିଶାଳ ରଥଗୁଡ଼ିକର ସଠିକ୍ ନିର୍ମାଣ କରଥାନ୍ତି। ମୁଖ୍ୟ ମହାରଣା ସେବକ ସୁନା କୁରାଢ଼ୀରେ କାଠ ସ୍ପର୍ଶ କରନ୍ତି। ଏହା ସହିତ କାଠ କଟା କାମର ଶୁଭାରମ୍ଭ ହୁଏ। ଭୌମ୍ୟ ଏକାଦଶୀ ଦିନ ତିନି ରଥର 'ଧୁରୀ' ନିର୍ମାଣ ପାଇଁ କାଠ ଚୟନ କରାଯାଏ। ନୃସିଂହ ଚତୁର୍ଦ୍ଦଶୀ ଦିନ ରଥର 'ଗୁଜ' ଓ 'ଅନୁକୂଳ ଚକ' କାମ ଆରମ୍ଭ ହୁଏ। ଶୀତଳ ଷଷ୍ଠୀ ଦିନ ପ୍ରତି ରଥର ଦୁଇଟି ଲେଖାଏଁ ଚକ ଅଖ ସହିତ ସଂଯୋଗ କରାଯାଏ। ଏହାକୁ 'ଚକ ଡେରା' କୁହାଯାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ରଥର 'ଚାରି ନାହାକା', ମୁଖ୍ୟ ସ୍ତମ୍ଭ ଠିଆ କରାଯାଏ। ସମ୍ପୂର୍ଣ୍ଣ ରଥକୁ ପରସ୍ପର ସହ ଯୋଡ଼ିବା ପାଇଁ କାଠର ଗୁଜ, ଶାଳ କାଠର କିଳା ଓ ବାଉଶ ବ୍ୟବହାର କରାଯାଏ। ପ୍ରାଚୀନ ଭାରତୀୟ ବାସ୍ତୁଶାସ୍ତ୍ର ଓ ଯାନ୍ତ୍ରିକ ଜ୍ଞାନର ଏହା ସର୍ବଶ୍ରେଷ୍ଠ ନିଦର୍ଶନ। ନେତ୍ରୋବ ଏବଂ ନବଯୌବନ ଦର୍ଶନ ଦିନ ରଥ ଖଳାରୁ ତିନି ରଥ ସିଂହଦ୍ୱାର ସମ୍ମୁଖକୁ ଆସନ୍ତି। ଆଷାଢ଼ ଶୁକ୍‌ଳ ଦ୍ୱିତୀୟା ସକାଳେ ବିଧିବିଧାନ ପୂର୍ବକ ତିନି ରଥଙ୍କ ପ୍ରତିଷ୍ଠା କରାଯାଏ। ବିଶ୍ୱକର୍ମା ମହାରଣା ରଥ ନିର୍ମାଣର ମୁଖ୍ୟ ସୂତ୍ରଧର। ତିନି ଠାକୁରଙ୍କ ତିନି ରଥ ପାଇଁ ତିନି ଜଣ ସ୍ୱତନ୍ତ୍ର ମୁଖ୍ୟ 'ବିଶ୍ୱକର୍ମା' ନିଯୁକ୍ତ ହୋଇଥାନ୍ତି।

ରଥଖଳାକୁ ଓଜନିଆଁ କାଠଗଣ୍ଡି ବୋହି ଆଣିବା ଓ ରଥ ନିର୍ମାଣ ବେଳେ କାଠଗୁଡ଼ିକୁ ଠିକ୍ ସ୍ଥାନରେ ସେଟ୍ କରି ରଖିବା ଭୋଇ ସେବକଙ୍କ କାମ। ରଥକୁ ସୁନ୍ଦର, ସୁଶୋଭିତ ଏବଂ ଆକର୍ଷଣୀୟ କରିବାକୁ କାଠ ଉପରେ ବିଭିନ୍ନ ପାର୍ଶ୍ୱ ଦେବଦେବୀ, ନୃତ୍ୟାଙ୍ଗନା, ହାତୀ ଏବଂ ଲତା ଇତ୍ୟାଦିର ଚିତ୍ତାକର୍ଷକ ଖୋଦେଇ କାମ ଯିଏ କରନ୍ତି ସେମାନେ ରୂପକାର ସେବକ। ଓଝା ମହାରଣାଙ୍କୁ କମାର ସେବକ କୁହାଯାଏ। ରଥ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଲୁହା କଣ୍ଟା, କବ୍‌ଜା ପଟି ଇତ୍ୟାଦି ଏମାନେ ପ୍ରସ୍ତୁତ କରି ଯୋଗାଇଥାନ୍ତି। ଚକ ଓ ଅଖକୁ ଦୃଢ଼ ଭାବରେ ଯୋଡ଼ି ରଖିବା ପାଇଁ ଏମାନଙ୍କ ଦ୍ୱାରା ପ୍ରସ୍ତୁତ 'ଭୁଇଁ କଣ୍ଟା' ଓ 'ବାଗିଆ କଣ୍ଟା' ବ୍ୟବହୃତ ହୁଏ। ପୂର୍ଣ୍ଣାଙ୍ଗ ରଥର ବିଭିନ୍ନ ଅଂଶକୁ ଚିତ୍ରକାର ସେବକ ପାରମ୍ପରିକ ଢଙ୍ଗରେ ରଙ୍ଗ କରିଥାନ୍ତି। ରଥ କାର୍ଯ୍ୟରେ କୌଣସି ରାସାୟନିକ ରଙ୍ଗ ବ୍ୟବହୃତ ହୋଇନଥାଏ। ଶଙ୍ଖ ଗୁଣ୍ଡ, ହିଙ୍ଗୁଳ, ହରିତାଳ ଓ ବିଭିନ୍ନ ପ୍ରାକୃତିକ ପଥର ଏବଂ ଗଛର ରସକୁ ମିଶାଇ ପାରମ୍ପରିକ 'ଚିତ୍ରକର ସେବକ'ମାନେ ରଥ ଉପରେ ଚିତ୍ର ଅଙ୍କନ କରନ୍ତି। ପାର୍ଶ୍ୱ ଦେବଦେବୀ, ସାରଥୀ ଏବଂ ଘୋଡ଼ା ମୂର୍ତ୍ତିଗୁଡ଼ିକୁ ଜୀବନ୍ତ ରୂପ ଦେବା ତଥା ରଥ କପଡ଼ା ଉପରେ ଚିତ୍ର କରିବା ଏମାନଙ୍କର ମୁଖ୍ୟ କାର୍ଯ୍ୟ। ତିନି ରଥ ଆବୃତ କରିବାକୁ ଆବଶ୍ୟକ ଶହ ଶହ ମିଟର ରଙ୍ଗୀନ କପଡ଼ା କାଟିବା ଓ ତାକୁ ସିଲେଇ



କରିବା ଦରଜୀ ସେବକଙ୍କ କାମ। ଏମାନଙ୍କୁ ଶ୍ରୀମନ୍ଦିର ପୋଷଲିଆ କୁହାଯାଏ। ଜ୍ୟେଷ୍ଠ ପୂର୍ଣ୍ଣିମା ଦେବସ୍ନାନ ପୂର୍ଣ୍ଣିମା ରୂପେ ସର୍ବଜନବିଦିତ। ଏହିଦିନ ଚତୁର୍ଦ୍ଧାମୂରତି ସ୍ନାନବେଦୀରେ ୧୦୮ ସୁନା କଳସୀ ସୁବାସିତ ଜଳରେ ସ୍ନାନ କରନ୍ତି। ଭକ୍ତମାନଙ୍କୁ ଗଜବେଶରେ ଦର୍ଶନଦିଅନ୍ତି। ଅତ୍ୟଧିକ ସ୍ନାନ ଯୋଗୁଁ ମହାପ୍ରଭୁଙ୍କୁ ଜ୍ୱର ହୁଏ। 'ଅଣସର ପିଣ୍ଡି'ରେ ଦଇତାପତି ସେବକ ତାଙ୍କ ଗୁପ୍ତ ଉପଚାର ଓ ସେବା କରନ୍ତି। ସୁସ୍ଥ ହେବା ପରେ ତାଙ୍କର ଚକ୍ଷୁ ଦାନ, ରଙ୍ଗ କାର୍ଯ୍ୟ, କରାଯାଏ। ଭକ୍ତମାନେ ପ୍ରଭୁଙ୍କ ନବଯୌବନ ରୂପ ଦର୍ଶନ କରନ୍ତି। ରଥଯାତ୍ରା ଦିନ ସକାଳୁ ସକାଳୁ ଶ୍ରୀମନ୍ଦିରରେ ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି ଏବଂ ଅବକାଶ ନୀତି କରାଯାଏ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ସୁଶୋଭିତ ତିନି ରଥଙ୍କ ପୂଜା ଅର୍ଚ୍ଚନା, ହୋମଯଜ୍ଞ ହୁଏ। ରଥ ପ୍ରତିଷ୍ଠା କରାଯାଏ। ମଙ୍ଗଳାର୍ପଣ ପରେ ପହଣ୍ଡି ହୁଏ। ଧୀରେ ଧୀରେ ଝୁଲି ଝୁଲି ଠାକୁରମାନେ ସିଂହଦ୍ୱାର ଦେଇ ବାହାରକୁ ଆସନ୍ତି। ପ୍ରଥମେ ସୁଦର୍ଶନ, ଦ୍ୱିତୀୟେ ବଳଭଦ୍ର, ତୃତୀୟେ ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥ ରଥାରୁଢ ହୁଅନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏଠାରେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାର ଅପୂର୍ବ ସୁଯୋଗ ପାଆନ୍ତି। ତେଣୁ ଏହାକୁ 'ପତିତପାବନ ଯାତ୍ରା' ମଧ୍ୟ କୁହାଯାଏ। ମହାପ୍ରଭୁମାନେ ସ୍ୱୟଂ ଚାଲି ଚାଲି ରଥକୁ ଆସିବାର ନୀତିକୁ ପହଣ୍ଡି କୁହାଯାଏ। ପହଣ୍ଡି ମାନବୀୟ ଚାଲିର ସର୍ବଶ୍ରେଷ୍ଠ ରୂପ। ଭକ୍ତର ଆକୁଳ ଡାକରେ ଭଗବାନ ନିଜ ଆସନ ଛାଡ଼ି ଧାଇଁ ଆସିବାର ଭାବ ଏଥିରେ ପ୍ରତିଫଳିତ। ପୁରୀ ଗଜପତି ମହାରାଜା ପ୍ରଭୁଙ୍କ ଆଦ୍ୟ ସେବକ। ସେ ସୁନା ଝାଡ଼ୁରେ ରଥ ଚାରିପାଖ ପରିଷ୍କାର କରନ୍ତି। ଚନ୍ଦନ ପାଣି ଛିଞ୍ଚନ୍ତି। ଏହାକୁ ଛେରା ପହଁରା କୁହାଯାଏ। ଅହଂକାରର ବିନାଶ ଓ ସମନତା ଛେରା ପହଁରା ନୀତିର ମୌଳିକତା। ଧନୀ ଦରିଦ୍ର, ଦୁଖୀ ରଙ୍କି, ରାଜା ମହାରାଜ ସମସ୍ତେ ପ୍ରଭୁ ଜଗନ୍ନାଥଙ୍କ ଦରବାରରେ ସମାନ। ଗଜପତିଙ୍କ ଛେରା ପହଁରା ନୀତି ରାଜା ଏବଂ ପ୍ରଜା ସମସ୍ତେ ଭଗବାନଙ୍କ ଆଗରେ ସମାନ ବୋଲି ସନ୍ଦେଶ ଦେଇଥାଏ। ରଥରୁ ଚାରମାଳ, କାଠ ପାହାଚ ଅପସାରଣ ପରେ ଭକ୍ତ ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥ ଟାଣନ୍ତି। ରଥ ଦଉଡ଼ି ଛୁଇଁବା କିମ୍ବା ଟାଣିବା ଅତ୍ୟନ୍ତ ଶୁଭ। ବିଶ୍ୱାସ ରହିଛି ଯେ ରଥ ଦଉଡ଼ି ଛୁଇଁଲେ ପାପ ହରଣ ହୁଏ। ଦୁଖ ଦୂର ହୁଏ। ତିନି ରଥରେ ଚାରୋଟି ଲେଖାଏଁ ଦଉଡ଼ି ବନ୍ଧାଯାଏ। ଦଉଡ଼ି ସବୁ ପ୍ରାକୃତିକ ନଡ଼ିଆ କତାରୁ ଓଡ଼ିଶା ସମବାୟ କତା ନିଗମ ବିଶେଷ ରୂପେ ପ୍ରସ୍ତୁତ କରିଥାନ୍ତି। ରଥ ଦଉଡ଼ିଗୁଡିକର ଲମ୍ବ, ମୋଟା ବୈଜ୍ଞାନିକ ଓ ପାରମ୍ପରିକ ଶୈଳୀରେ ନିର୍ଦ୍ଧାରଣ କରାଯାଇଥାଏ। ପ୍ରତ୍ୟେକ ରଥ ଦଉଡ଼ିର ଲମ୍ବ ପ୍ରାୟ ୨୦୦ ଫୁଟ, ମୋଟା ୩ ରୁ ୪ ଇଞ୍ଚ ଓ ବ୍ୟାସ ୫୦ ରୁ ୭୫ ମିଲିମିଟର। ତିନିଗୋଟି ରଥ ଦଉଡ଼ିର ନାମ ଅଲଗା ଅଲଗା। ଦେବୀ ସୁଭଦ୍ରାଙ୍କ ରଥ ଦଉଡିକୁ 'ସୋଦଳ' ବା 'ନାରାୟଣୀ', ବଳଭଦ୍ରଙ୍କ ରଥ ଦଉଡ଼ିକୁ 'ବାସୁକୀ', ଓ ଶ୍ରୀ ଜଗନ୍ନାଥଙ୍କ ରଥ ଦଉଡ଼ିକୁ 'ଶଙ୍ଖଚୂଡ଼' କିମ୍ବା 'ସ୍ୱର୍ଣ୍ଣଚୂଡ଼' କୁହାଯାଏ। ବିଶାଳ ଶଙ୍ଖଚୂଡ଼ ଦଉଡ଼ି କାଶୀ ବାରାଣସୀରୁ ଆସୁଥିବା ନଡ଼ିଆ କତାରେ ତିଆରି। ଏହା ସ୍ୱୟଂ ନାଗରାଜ ବୋଲି ଲୋକଙ୍କ ବିଶ୍ୱାସ।

ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ତିନି ଠାକୁରଙ୍କ ପହଣ୍ଡି ହୁଏ। ମନ୍ଦିର ଗର୍ଭଗୃହ, ଆଡ଼ପ ମଣ୍ଡପରେ ତିନି ଠାକୁରେ ବିଜେ କରନ୍ତି। ମହାପ୍ରଭୁଙ୍କୁ ଆଡପ ଅବଢ଼ା ଅର୍ପଣ କରାଯାଏ। ହେରା ପଞ୍ଚମୀରେ ମହାଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଉପରେ କ୍ରୋଧିତ ହୋଉ ଗୁଣ୍ଡିଚା ମନ୍ଦିରକୁ ଆସନ୍ତି। ରାଗରେ ନନ୍ଦିଘୋଷ ରଥର ଏକ କାଠ ଭାଙ୍ଗି ହେରା ଗୋହରି ସାହି ଦେଇ ଲୁଚି ଲୁଚି ଶ୍ରୀମନ୍ଦିରକୁ ଫେରିଯାଆନ୍ତି। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ମାନବୀୟ ମାନ ଅଭିମାନର ଏକ ଜୀବନ୍ତ ଉଦାହରଣ ହେରାପଞ୍ଚମୀ।

ବାହୁଡ଼ା ଯାତ୍ରାର ପ୍ରସ୍ତୁତି ସ୍ୱରୂପ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନି ରଥଙ୍କ ମୁହଁ ଦକ୍ଷିଣ ଦିଗକୁ ଅର୍ଥାତ୍ ଶ୍ରୀମନ୍ଦିର ପଟକୁ କରାଯାଏ। ଏହା ପ୍ରଭୁଙ୍କ ଦକ୍ଷିଣାମୋଡ଼ ନୀତି। ମଣିମାଙ୍କ ପ୍ରତ୍ୟାବର୍ତ୍ତନର ପ୍ରସ୍ତୁତି ଓ ସମୟର ଚକ୍ର ସଦାସର୍ବଦା ଗତିଶୀଳ ବୋଲି ଏହା ସୂଚନା ଦେଇଥାଏ। ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ତିନି ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି। ମାଉସୀ ମା' ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ରଥ କିଛି ସମୟ ପାଇଁ ଅଟକି ଯାଏ। ତାଙ୍କୁ ମାଉସୀ ମା'ଙ୍କ ହାତ ତିଆରି ପ୍ରସିଦ୍ଧ 'ପୋଡ଼ପିଠା' ଭୋଗ ଲାଗି ହୁଏ ଯାହା ମମତାର ସର୍ବଶ୍ରେଷ୍ଠ ପ୍ରତୀକ। ପାରିବାରିକ ସ୍ନେହ ଓ ସମ୍ପର୍କର ମୌଳିକତା। ସିଂହଦ୍ୱାର ନିକଟରେ ରଥ ପହଞ୍ଚିବା ପରେ ଚାହାଣୀ ମଣ୍ଡପଠାରେ ମହାଲକ୍ଷ୍ମୀ ଏବଂ ଜଗନ୍ନାଥଙ୍କ ଭେଟ ହୁଏ। ପରଦିନ ସିଂହଦ୍ୱାର ସମ୍ମୁଖରେ ରଥାରୁଢ଼ ତିନି ଠାକୁରଙ୍କ ରାଜରାଜେଶ୍ୱର ବେଶ ହୁଏ। ତାଙ୍କୁ ସ୍ୱର୍ଣ୍ଣାଳଙ୍କାରରେ ସଜ୍ଜିତ କରାଯାଏ। ସଂସାରର ନାଥ ନିଜର ଐଶ୍ୱର୍ଯ୍ୟମୟ ଓ ରାଜକୀୟ ରୂପରେ ଭକ୍ତଙ୍କୁ ଦର୍ଶନ ଦେବା ସୁନା ବେଶର ମୌଳିକତା। ଦ୍ୱାଦଶୀ ଦିନ ପ୍ରଭୁଙ୍କ ଅଧର ପଣା ନୀତି ହୁଏ। ତ୍ରୟୋଦଶୀ ରଥଯାତ୍ରାର ଦ୍ୱାଦଶ ତଥା ଅନ୍ତିମ ଦିବସ। ତିନି ଠାକୁର ରଥରୁ ଓହ୍ଲାଇ ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ପ୍ରବେଶ କରନ୍ତି। ମହାଲକ୍ଷ୍ମୀଙ୍କ ସେବକମାନେ ରାସ୍ତାରେ ତାଙ୍କ ବାଟ ଓଗାଳନ୍ତି। ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନଭଞ୍ଜନ କରନ୍ତି। ରତ୍ନସିଂହାସନରେ ତିନି ଠାକୁରଙ୍କ ବିଜେ ସହିତ ରଥଯାତ୍ରା ସମାପିତ ହୋଇଥାଏ। କୁହାଯାଏ, ରଥଯାତ୍ରାରେ ରଥାରୁଢ଼ ଶ୍ରୀଜଗନ୍ନାଥଙ୍କ ବାମନ ବେଶ ଦର୍ଶନ ଦ୍ୱାରା ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ମିଳେ। ପୁନର୍ଜନ୍ମ ହୋଇନଥାଏ। ''ଦୋଳେ ତୁ ଦୋଳଗୋବିନ୍ଦଂ ଚାପେ ତୁ ମଧୁସୂଦନମ। ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ'' ଏହାକୁ ପ୍ରତିପାଦିତ କରେ।

-ଡକ୍ଟର ପ୍ରମୋଦ କୁମାର ପଣ୍ଡା
୭୯୭୮୨ ୮୩୧୯୦

## ରଥ ଯାଏ ଗଡିଗଡ଼ି

ନିରଞ୍ଜନ ସାହୁ
୯୯୩୮୭୪୧୫୮୩

ବଡ଼ଦାଣ୍ଡେ ଯେବେ ତିନିଗୋଟି ରଥ
ଆସୁଥାଏ ଗଡ଼ିଗଡ଼ି
ଭକତ ଭକ୍ତିରେ ରଥ ଟାଣୁଥାଏ
ହେଉ ପଛେ ବର୍ଷା ଝଡ଼ି ।

ଲୋକାରଣ୍ୟ ହୋଇଥାଏ ବଡ଼ଦାଣ୍ଡ
ଶୁଭେ ଗହଗହ ନାଦ
ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷେ
ପଡଇ ଭକତ ପାଦ
ହରିବୋଲ, ହୁଳହୁଳି ସାଥେ ପଡ଼େ
ମଣିମା ମଣିମା ରଡ଼ି ।



ଭଜନ, କୀର୍ତ୍ତନ, ଘଣ୍ଟମାଡ଼ ନେଇ
ବଡ଼ଦାଣ୍ଡ କମ୍ପମାନ
ସଭିଙ୍କ ମନରେ ଉତ୍ସାହ ଅନେକ
ବଡ଼ଦାଣ୍ଡେ ଭଗବାନ
ରଥ ଟାଣୁଟାଣୁ ଠେଲାପେଲା ହୋଇ
କିଏ ଯାଏ ତଳେ ପ'ି ।

ଗଜପତି ମହାରାଜା କରିଥାନ୍ତି
ଛେରାପହଁରାଟି ଜାଣ
ରାଜନୀତି ବନ୍ଦାପନା ସରିଗଲେ
ଶରଧାରେ ରଥ ଟାଣ
ଭକ୍ତ ଭଗବାନ ଏକାକାର ଏଠି
ଭକ୍ତ ଭକ୍ତିରସେ ଜଡ଼ି ।

ପ୍ରଶାସନ ତତ୍ପରତା ଦେଖାଇକି
ସମସ୍ତ ଦାଇତ୍ୱ ନିଏ
ଅବହେଳା ଯେଉଁପରି ହେବନାହିଁ
ସେଥିପ୍ରତି ଧ୍ୟାନ ଦିଏ
ସମସ୍ତ ସୂଚନା ପ୍ରଦାନ କରଇ
ପ୍ରଶାସନ ଘଡ଼ି ଘଡ଼ି ।

## ରଥ ପଥ ଜଗନ୍ନାଥ

ରଥ ଜଗନ୍ନାଥ ପଥ ଜଗନ୍ନାଥ
ସବୁ ଜଗନ୍ନାଥମୟ
ରଥ ଯାତରାରେ ଶୁଭେ ଉଚ୍ଚସ୍ ?ରେ
ଜଗନ୍ନାଥ ସ୍ୱାମୀ ଜୟ ।

ଗୁଣ୍ଡିଚା, ବାହୁଡା, ସୁନାବେଶ ଅବା
ଅଧରପଣା ଯେ ହେଉ
ନୀଳାଦ୍ରି ବିଜୟେ ମନ୍ଦିର ପ୍ରବେଶେ
ଲକ୍ଷ୍ମୀ ଦ୍ୱାର ବୁଜି ଦେଉ
ପତିତପାବନ ଯାତ୍ରାରେ ଗହଳି
ଲାଗିବାଟା ପୁରା ଥୟ ।

ଥାଳି ମାରିଦେଲେ ଥାଳି ଚାଲିଯିବ
ଏକଥା ନିହାତି ସତ
ଭକତଙ୍କ ଭିଡ଼ ନାହିଁ ନଥିବା ଯେ
ହରିପ୍ରେମେ ସର୍ବେ ରତ
ରଥରେ ବାମନ ମୂର୍ତ୍ତି ଦେଖିଦେଲେ
ସବୁ ପାପ ହୁଏ କ୍ଷୟ ।

ସଭିଙ୍କ ମନରେ ଗୋଟିଏ ଆଗ୍ରହ
କେମିତି ଟାଣିବେ ରଥ
ରଥ ଟାଣିବାକୁ ଆସିଥାନ୍ତି ସର୍ବେ
ଅତିକ୍ରମି କେତେ ପଥ
ମହାବାହୁଙ୍କର ଚରଣ କମଳେ
ସଭିଙ୍କର ରହେ ଲୟ ।

ଭକତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ
ତତପର ପ୍ରଶାସନ
ତଥାପି ନାନାଦି ସମସ୍ୟା ଉପୁଜେ
ଜାଣିଥାନ୍ତି ସର୍ବ ଜନ
ଯେତେ ସୁବ୍ୟବସ୍ଥା ହୋଇଥିଲେ ମଧ
ଥାଏ ଅଘଟଣ ଭୟ ।

## ଆହେ କାଳିଆ



ଦୀପିକା ହୋତା
୯୯୩୭୪୧୬୯୧୭



ଜଗତର ନାଥ ତୁମେ
ଆହେ ଜଗନ୍ନାଥ
ପତିତପାବନ ବାନା
ଉଡେ ଫରଫର
ନିଳାଚଳ ଧାମେ ପ୍ରଭୁ
ହେ ସତ୍ୟ ସୁନ୍ଦର
ଜଗନ୍ନାଥ... ଜଗନ୍ନାଥ
ଆହେ ଜଗନ୍ନାଥ ।।

ଏ ବିଶ୍ୱ ବ୍ରହ୍ମାଣ୍ଡ ପ୍ରଭୁ
ତୁମରି ସର୍ଜନା
ବାଇଶୀ ପାହାଚୁ ପ୍ରଭୁ
କରୁଛି କାମନା
ଚାହିଁ ଦିଅ ଥରେ ତୁମ
ବାଙ୍କ ଚାହାଣୀରୁ
ଜଗନ୍ନାଥ...ଜଗନ୍ନାଥ
ଆହେ ଜଗନ୍ନାଥ ।।

ଢଳି ଢଳି ଆସ ପ୍ରଭୁ
ରତନ ବେଦୀରୁ
ମନ ହଜିଯାଏ ଦେଖି
ତୁମକୁ ପାଖରୁ
ଶୁଣି ଦେଲେ ଥରେ ତୁମ
ଭଜନ ସଂଗୀତ
ଜଗନ୍ନାଥ... ଜଗନ୍ନାଥ
ଆହେ ଜଗନ୍ନାଥ ।।

ତୁମ ହାତ ଡୋରିରେ
ଚାଲଇ ସଂସାର
ଦୁଃଖି ଦୁଃଖ ହରିଦିଅ
ହେ କଳା ଠାକୁର
ପାରିକରି ଦିଅ ପ୍ରଭୁ
ଏ ଭବ ସାଗର
ଜଗନ୍ନାଥ... ଜଗନ୍ନାଥ
ଆହେ ଜଗନ୍ନାଥ ।।

## ରଥ ଯାଏ ଗଡ଼ି ଗଡ଼ି

ସମଗ୍ର ବିଶ୍ୱମାନବର ଏକାତ୍ମ ଯାତ୍ରା/କଲ୍ୟାଣ ଯାତ୍ରା/ବିଜୟ ଯାତ୍ରା ହିଁ ରଥଯାତ୍ରା। ମହାନ ଆଧ୍ୟାତ୍ମିକ ଭାବଧାରା, ସାମାଜିକ ମୂଲ୍ୟବୋଧ, ସର୍ବଧର୍ମ ସମନ୍ୱୟ ତଥା ଜାତୀୟ ସଂହତିର ଐକାନ୍ତିକ ପରିପ୍ରକାଶ ହିଁ ରଥଯାତ୍ରା। ରଥଯାତ୍ରାର ଭାବଭକ୍ତିମୟ ତରଙ୍ଗରେ ଉଦ୍ଭାସିତ ହୁଅନ୍ତି ନିଜେ ବିଶ୍ୱପ୍ରିୟତମ ଜଗଦାନନ୍ଦକନ୍ଦ। ଜାତି-ଧର୍ମ-ବର୍ଣ୍ଣ ବିଭେଦ ଭୁଲି ଅଗଣିତ ଜନସମୁଦ୍ର ପ୍ରାଣମୟ ଭାବାବେଗରେ ପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ପବିତ୍ର ସାନ୍ନିଧ୍ୟ ପ୍ରାପ୍ତ ହୋଇ ଟାଣି ନିଅନ୍ତି ତିନିରଥ।

ବାର ମାସରେ ତେର ଯାତ ମହାପ୍ରଭୁଙ୍କର। ହେଲେ କେବଳ ହିଁ କେବଳ ରଥଯାତ୍ରାରେ ମହାପ୍ରଭୁ ରତ୍ନସିଂହାସନ ଛାଡ଼ି ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ। ଅଗଣିତ ଦାସିଆ, ବନ୍ଧୁଆ, ଜୟଦେବ, ସାଲବେଗ, ଆର୍ତ୍ତି, ଜିଜ୍ଞାସୁମାନେ ନିଜ ଆଶା ବିଶ୍‌ବାସକୁ ଏକାଠି କରି ତିଆରି କରିଥାନ୍ତି ଭାବମୟ ଭକ୍ତିପୂତ ତାଳଧ୍ୱଜ-ଦେବଦଳନ-ନନ୍ଦିଘୋଷ। ଶରଧାର ଡୋରିରେ ଭକ୍ତ-ଭଗବାନ ହୁଅନ୍ତି ଟଣାଟଣି/ଭିଡ଼ାଭିଡ଼ି/କୋଳାକୋଳି। ଅପୂର୍ବଲୀଳା-ଅନନ୍ୟମାଧୁରିମାର ବିଶାଳ ବଳିୟାର ବଳୟରେ ସମବେତ ଲକ୍ଷ ଲକ୍ଷ ଜନତାର ଆକୁଳ-ଅବସାଦ, ଦୁଃଖ-ଦୁର୍ବିପାକସବୁ ଯେମିତି ଚାପି ହୋଇଯାଏ, ଘୁଁ ଘୁଁ ଘର୍ଘର ନାଦ କରି ଆସୁଥିବା ଦିବ୍ୟଚେତନାମୟ ରଥଚକ ତଳେ। ଖୋଲା ଆକାଶ ତଳେ ମୁକୁଳା ମନ ବିଛେଇ ଏକାକାର କରିଦେବ ଭକ୍ତ ଆଜି ପାପଆଖିରେ ତାର ଚକାଆଖିକୁ।



ଏହାଠୁ ବଳି ଅଖଣ୍ଡ ସୌଭାଗ୍ୟ ଓ ପରମ ତୃପ୍ତି ଆଉ ବା କ'ଣ ଥାଏ ଜଣେ ସାଧାରଣ ଭକ୍ତଟିଏ ପାଇଁ।

ଓଡ଼ିଆର ପ୍ରାଣଧନ ଶ୍ରୀଜଗନ୍ନାଥ ମହାପ୍ରଭୁ ପବିତ୍ର ରଥଯାତ୍ରା କେବଳ ଏକ ଧାର୍ମିକ ଉପଚାର ନୁହେଁ, ବରଂ ଏହା ଏକ ଜାତିର ପ୍ରାଣତନ୍ତ୍ରୀରେ ଏକ ଲଳିତ ମୂର୍ଚ୍ଛନା। ରଥଯାତ୍ରା ମାଧ୍ୟମରେ ଓଡ଼ିଆ ଜାତି ସମଗ୍ର ବିଶ୍ୱମାନବକୁ ରସାଣିତ/ପୁଲକିତ କରିଆସୁଛି ସ୍ୱତଃ ପ୍ରବୃତ୍ତ ଭାବେ। ରଥଯାତ୍ରାର ଉଦବେଳନମୁଖର ଦୃଶ୍ୟାବଳି ଓଡ଼ିଆ ଅସ୍ମିତାର ଝଲକ ତୋଳେ। ରଥଯାତ୍ରା ଦର୍ଶନ ମାତ୍ରକେ ଭାବଭକ୍ତିର ଫଲଗୁ ଝରେ, ଆନନ୍ଦର ଲହରୀ ଖେଳେ। ତନ୍ମୟ ତଲ୍ଲୀନ ହୋଇଯାଏ ଭକ୍ତ। ଗଡ଼ି ଗଡ଼ି ଯାଉଥିବା ରଥଚକ ସହିତ ତା'ର ଜୀବନ ସ୍ରୋତକୁ ମଧ୍ୟ ଛନ୍ଦି-ବାନ୍ଧି ଏକାକାର କରିଦିଏ ଭକ୍ତ। ସମର୍ପିତ ହୋଇଯାଏ ଭକ୍ତ ମନପ୍ରାଣ। ତାହୁକ କୁହାଟରେ ଟାଣି ନେଇଯାଏ ଭକ୍ତ ତା'ର ପରାଣ ଦେବତା ଭାବର ଠାକୁରକୁ।

-ସୁଶାନ୍ତ କୁମାର ପାଣି
ନସିପୁର, ବଡ଼ ମୂଳବସନ୍ତ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
୯୯୩୭୫୮୮୬୩୭



# ପର୍ଯ୍ୟଟନ

ବୁଧବାର ୧୫|୭|୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ପର୍ଯ୍ୟଟକଙ୍କ ଆକୃଷ୍ଟର କେନ୍ଦ୍ରବିନ୍ଦୁ ପରଜଙ୍ଗ





ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ପଶ୍ଚିମ ଅବବାହିକାରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ବିରାଜମାନ ପ୍ରାଚୀନ କିମ୍ବଦନ୍ତୀ ଭରା ଅନନ୍ତଶୟନ କୀର୍ତ୍ତିରାଜି ବିରାଜିତ ହୋଇଅଛନ୍ତି। ଯାହାକି ଏସିଆ ମହାଦେଶର ସର୍ବବୃହତ ବିଷ୍ଣୁ ମୂର୍ତ୍ତିର ବୋଲି ଖ୍ୟାତି ଅର୍ଜନ କରିପାରିଛି। ଉକ୍ତ ବିଷ୍ଣୁ ମୂର୍ତ୍ତିକୁ ନବମ ଶତାବ୍ଦୀରେ ଭୈମ୍ୟ ବଂଶରାଜ ଗୋସାଇ ବ୍ରାହ୍ମଣୀ ନଦୀ କୂଳରେ ପୂଜା କରି ଆସୁଥିଲେ। ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଭଗବତ୍ ଦୟାଲ ଶର୍ମା ୧୯୭୯ ମସିହାରେ ବିଷ୍ଣୁ ମୂର୍ତ୍ତିଙ୍କୁ ପରିଦର୍ଶନ କରିଥିଲେ। ଏଠାରେ ଶୟନ ଭାବେ ଭଗବାନଙ୍କୁ ଦେଖିବା ପରେ ଅନନ୍ତଶୟନ ନାମରେ ନାମିତ କରିଥିଲେ। ପଥରରେ ନିର୍ମିତ ଏହି ମୂର୍ତ୍ତିର ଲମ୍ବ ୫୨ ଫୁଟ ଓ ପ୍ରସ୍ତର ୧୮ ଫୁଟ ରହିଛି। ଏହି ଅନନ୍ତଶୟନ କୀର୍ତ୍ତିରାଜି ସ୍ଥାନକୁ ୨୦୦୦ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରିଥିଲେ...

ପରଜଙ୍ଗରୁ ଶାନ୍ତନୁ କୁମାର ଭୁକ୍ତଙ୍କ ରିପୋର୍ଟ

## ଅଷ୍ଟଶମ୍ଭୁ, ଅନନ୍ତଶୟନ, ଦଦରାଘାଟି ମାନ୍ୟତା ଆପେକ୍ଷାରେ ପଥରଗଡ

## ବହୁଳ ଅର୍ଥ ବିନିଯୋଗ ପରେବି ବିକାଶ ଶୂନ୍ୟ

## ପରଜଙ୍ଗକୁ ପର୍ଯ୍ୟଟକ କରିଡୋର ନିର୍ମାଣ ପାଇଁ ଦାବି

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ତିନି ଗୋଟି ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ହୋଇଥିବା ବେଳେ ଆଉ ଗୋଟିଏ ମାନ୍ୟତା ଆପେକ୍ଷାରେ ରହିଛି। ସରକାରଙ୍କ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ କରାଯାଇ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ବହୁଳ ଅର୍ଥ ବ୍ୟୟବରାଦ ହେଉଥିଲେ ହେଁ ସରକାରୀ ବାବୁ ମାନଙ୍କ ଉଦାସୀନତା ଯୋଗୁଁ ଅନେକ ପ୍ରାକୃତିକ ଭରା ସବୁଜ ପରିବେଶକୁ ଉନ୍ନତିକରଣ ଅଗ୍ରଗତିରେ ବାଧକ ସାଜିଛି। ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ପଶ୍ଚିମ ଅବବାହିକାରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ବିରାଜମାନ ପ୍ରାଚୀନ କିମ୍ବଦନ୍ତୀ ଭରା ଅନନ୍ତଶୟନ କୀର୍ତ୍ତିରାଜି ବିରାଜିତ ହୋଇଅଛନ୍ତି। ଯାହାକି ଏସିଆ ମହାଦେଶର ସର୍ବବୃହତ ବିଷ୍ଣୁ ମୂର୍ତ୍ତିର ବୋଲି ଖ୍ୟାତି ଅର୍ଜନ କରିପାରିଛି। ଉକ୍ତ ବିଷ୍ଣୁ ମୂର୍ତ୍ତି କୁ ନବମ ଶତାବ୍ଦୀରେ ଭୈମ୍ୟ ବଂଶରାଜ ଗୋସାଇ ବ୍ରାହ୍ମଣୀ ନଦୀ କୂଳରେ ପୂଜା କରି ଆସୁଥିଲେ। ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଭଗବତ୍ ଦୟାଲ ଶର୍ମା ୧୯୭୯ ମସିହାରେ ବିଷ୍ଣୁ ମୂର୍ତ୍ତିଙ୍କୁ ପରିଦର୍ଶନ କରିଥିଲେ। ଏଠାରେ ଶୟନ ଭାବେ ଭଗବାନଙ୍କୁ ଦେଖିବା ପରେ ଅନନ୍ତଶୟନ ନାମରେ ନାମିତ କରିଥିଲେ। ପଥରରେ ନିର୍ମିତ ଏହି ମୂର୍ତ୍ତିର ଲମ୍ବ ୫୨ ଫୁଟ ଓ ପ୍ରସ୍ତର ୧୮ ଫୁଟ ରହିଛି। ଏହି ଅନନ୍ତଶୟନ କୀର୍ତ୍ତିରାଜି ସ୍ଥାନକୁ ୨୦୦୦ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରିଥିଲେ। ଏହାର ସର୍ବାଙ୍ଗ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ହାତରେ ରହିଛି। ପର୍ଯ୍ୟଟକଙ୍କ ଆକୃଷ୍ଟର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଅନେକ ସମୟରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ବେଶ୍ ଖୁସି ବ୍ୟକ୍ତ କରିଥାଆନ୍ତି। କିନ୍ତୁ ରକ୍ଷଣାବେକ୍ଷଣ ନେଇଥିବା ସଂସ୍ଥାର ମନମୁଖୀ ନୀତି ପାଇଁ ଅବକ୍ଷୟ ହେବାକୁ ବସିଲାଣି ପ୍ରାଚୀନ କାଳର ଏହି କୀର୍ତ୍ତିରାଜ ମୂର୍ତ୍ତୀ। ସେହିପରି ପାଖରେ ପର୍ଯ୍ୟଟକ ମାନଙ୍କ ନିମନ୍ତେ ରହଣି ନିମନ୍ତେ ପାନ୍ଥନିବାସ ଓ ଶୈଚାଳୟର ସୁବ୍ୟବସ୍ଥା ନଥିବା ଯୋଗୁଁ ପର୍ଯ୍ୟଟକ ଆଗମନରେ ହ୍ରାସ ପାଉଛି। ସେହିପରି ଭାବରେ କୁଆଳୋ ଗ୍ରାମ ସ୍ଥିତ ବାବା ଅଷ୍ଟଶମ୍ଭୁ ମନ୍ଦିରକୁ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରିଥିଲେ ମଧ ବିକାଶର ବହୁ ପଛରେ ପଡ଼ିରହିଛି। ଏହି ସ୍ଥାନ ହେଉଛି ଅଷ୍ଟମ ଶତାବ୍ଦୀର ପ୍ରାଚୀନ କୋଦଳା ନଗରୀ ତଥା ଶୁକ୍ଳିବଂଶ ରାଜାଙ୍କ ରାଜଧାନୀ। ଶୁକ୍ଳି ବଂଶ ରାଜାମାନେ ଶିବ ଭକ୍ତ ଥିବାରୁ ସପ୍ତମ, ଅଷ୍ଟମ, ନବମ ଶତାବ୍ଦୀରେ କୋଦଳ ନଗର ଗଠନ କରି ଶାସନ କରୁଥିଲେ। ପରେ ଏହାର ନାମ କୁଆଳୋ ହୋଇଛି।

ପ୍ରଥମେ ଚାରିଟି ମନ୍ଦିର ନିର୍ମିତ ହୋଇଥିବା ବେଳେ ଅଷ୍ଟଶମ୍ଭୁ ଉପାସନା ପରମ୍ପରାରେ ଆଉ ତିନିଟି ମନ୍ଦିର ହୋଇ ମୁଖ୍ୟ ମନ୍ଦିର ମିଶାଇ ଏହି ପୀଠ ଅଷ୍ଟଶମ୍ଭୁ ପୀଠରେ ପରିଣତ ହୋଇଛି।ଏହି ମନ୍ଦିରଟି ସାମୂହି ତତ୍କାଳୀନ ସର୍ବୋଚ୍ଚ ଭାରତ ମନ୍ଦିର ଥିଲା। ମନ୍ଦିରଟି ଖଣ୍ଡ ଖଣ୍ଡ ପଥରରେ ନିର୍ମିତ ହୋଇଥିବାରୁ ସମ୍ପୂର୍ଣ୍ଣ ସବୁଠୁ ଭିନ୍ନ ଦେଖାଯାଏ। ଏବେବି ଆଠଟି ଭଗ୍ନ ମନ୍ଦିରରେ ଭଗବାନ ବିଭିନ୍ନ ନାମରେ ପୂଜା ପାଉଛନ୍ତି ଯାହାକି ଅଷ୍ଟଶମ୍ଭୁ ପୀଠ ନାମରେ ପ୍ରସିଦ୍ଧିଲାଭ କରିଛି। ଯେହେତୁ ମନ୍ଦିରଟି ବହୁ ପ୍ରାଚୀନ କାଳରୁ ରହିଛି ଏହାର ରକ୍ଷଣାବେକ୍ଷଣ ଓ ବିକାଶ ପାଇଁ ୧୯୮୩-୮୪ ମସିହାରେ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ହାତକୁ ନେଇଥିବା ବେଳେ ଆଜି ପର୍ଯ୍ୟନ୍ତ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ଏହି ପ୍ରାଚୀ ମନ୍ଦିରର ଦର୍ଶନ ଓ କାରୁକାର୍ଯ୍ୟ ଦୃଶ୍ୟକୁ ଉପଭୋଗ କରିବାକୁ ଦୈନନ୍ଦିନ ରାଜ୍ୟ ତଥା ରାଜ୍ୟ ବାହାରରୁ ଅନେକ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।

ସେହିପରି ଭାବରେ ଶ୍ରାବଣ ମାସରେ ଜଳାଭିଷେକ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁମାନଙ୍କର ଭିଡ ଜମିଥାଏ। ମାତ୍ର ଏଠି ପାନ୍ଥନିବାସ, ଶୈଚାଳୟ ଓ ଭୋଜନାଳୟର କୌଣସି ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାନ୍ତି। ସେହିପରି ଭାବରେ ମନ୍ଦିରର ଚତୁଃପାର୍ଶ୍ୱକୁ ସ୍ୱଚ୍ଛତା ଆଣିବାରେ ବିଫଳ ହୋଇଛନ୍ତି ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର କର୍ମଚାରୀ।



ଅନ୍ୟ ଏକ ପର୍ଯ୍ୟଟନସ୍ଥଳୀ ଭାବେ ଦଦରାଘାଟି ଜଳ ପ୍ରକଳ୍ପକୁ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ହୋଇଛି। ପରଜଙ୍ଗ ବ୍ଲକ ଠାରୁ ପ୍ରାୟ ୨୦ କିଲୋମିଟର ୧୪୯ ନମ୍ବର ଜାତୀୟ ରାଜପଥ କଡ଼କୁ ଲାଗି ରହିଛି ନୟନ ଭରା ପର୍ଯ୍ୟଟନସ୍ଥଳୀ ଦଦରାଘଟି ଡ୍ୟାମ୍। ପରଜଙ୍ଗ ବ୍ଲକର ଶେଷ ସୀମା ଆଖୁଆପାଳ ପଞ୍ଚାୟତର ବାରୁଆଁ ପାହାଡ଼ ଓ ବୁଢ଼ା ପାହାଡ଼ ଦୁଇ ପାର୍ଶ୍ୱରେ ଥାଇ ଡ୍ୟାମର ମନୋଭରା ଦୃଶ୍ୟକୁ ପ୍ରଫୁଲ୍ଲିତ କରୁଛି। ତତ୍କାଳୀନ ରାଜ୍ୟ ଜଳ ମନ୍ତ୍ରୀ ବ୍ରଜମୋହନ ମହାନ୍ତି ୧୯୭୮ ମସିହାରେ ଶୁଭ ଉଦଘାଟନ କରିଥିଲେ ଏବଂ ଏହାକୁ ୧୯୮୨ ରେ କାର୍ଯ୍ୟ ଶେଷ ହୋଇଥିଲା। ସେହି ବେଳରେ ଲୋକମାନଙ୍କ ଦ୍ୱାରା ଏହାର ଖନନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏବେ ଡ୍ୟାମ୍ ପାଲଟିଛି ବଣଭୋଜି ସ୍ଥଳ ଓ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ହୋଇଛି। ଯାହାକି ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ଲୋକେ ଏଠାରେ ଆସର ଜମାଇ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି। କାଚଧାର ପରି ଜଳରାଶି ଓ ଦୁଇ ପାର୍ଶ୍ୱରେ ଥିବା ଦୁଇ ଶିଖରି ପର୍ଯ୍ୟଟକ ମାନଙ୍କ ଆକୃଷ୍ଟ କରୁଛି। ଏଠାରେ ଶୀତ କାଳ ରେ ପର୍ଯ୍ୟଟକ ମାନଙ୍କ ଗହଳି ଅଧିକ ଦେଖାଯାଇଥାଏ। ସରକାର ଏହି ଡ୍ୟାମ୍‌କୁ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ଦେଇଥିଲେ ମଧ୍ୟ ଏଠି ପର୍ଯ୍ୟଟକ ମାନଙ୍କ ପାଇଁ କୌଣସି ସୁବିଧା ନାହିଁ। ପର୍ଯ୍ୟଟକ ମାନଙ୍କ ପାଇଁ ଭୋଜି ଘର ଓ ପାନୀୟ ଜଳ, ପାନ୍ଥନିବାସର ବ୍ୟବସ୍ଥା ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତଥାପି ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ମନ ମୋହିନିଏ ଯେ ପର୍ଯ୍ୟଟକ ନିଜ ପରିବାର ସହ ଏଠି ସେଲ୍‌ଫି ଉଠାଇବା ସହିତ ସୁବିଧା ନଥିବାରୁ ଗଛ ମୂଳେ ଭୋଜି ଭାତ କରି ଖୁସି ଉପଭୋଗ କରନ୍ତି। ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ପାଇଲା ପରେ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରଣ ହୋଇନଥିବାରୁ ପର୍ଯ୍ୟଟକ ଙ୍କ ଗହଳି ଧୀରେ ଧୀରେ ଏଠାରେ କମୁଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ବର୍ଷ ହେବ ଉଦ୍ୟାନ ଓ ପାନ୍ଥନିବାସ ନିର୍ମାଣ କରୁଥିବା ବେଳେ ମନ୍ଥର ଗତି କାର୍ଯ୍ୟ ଯୋଗୁଁ ସମ୍ପୂର୍ଣ୍ଣ ହେବାକୁ ବିଳମ୍ବ ହେଉଛି।ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଆପେକ୍ଷାକୃତ ପରଜଙ୍ଗ ବ୍ଲକ ମାଣକିମରା ପଞ୍ଚାୟତ କାଦପଡା ଗ୍ରାମ ସ୍ଥିତ ୨ୟ କପିଳାସ କୁହାଯାଉଥିବା ପଥରଗଡ ଠାରେ ଶୈବ, ବିଷ୍ଣୁ, ଜଗନ୍ନାଥ ତିନୋଟି ମନ୍ଦିରରେ ସ୍ଥାପନ ପାଇଁ ପୂଜା ପାଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ କାହିଁ କେଉଁ କାଳରୁ ବାରୁଆଁ ପାହାଡ଼ ମଧ୍ୟ ଭାଗରେ ଋଷି ମୁନିମାନେ ଆସି ସେଠାରେ ତପସ୍ୟା ସାଧନା କରି ସିଦ୍ଧି ଉପାର୍ଜନ କରନ୍ତି ବୋଲି କିମ୍ବଦନ୍ତୀରୁ ଜଣାଯାଏ। ଗଞ୍ଜାମ ଜିଲା ବ୍ରହ୍ମପୁର ସ୍ଥିତ ଋଷିକୂଲ୍ୟା ମୁହାଣ ଅନ୍ତର୍ଗତ ପାଇକସାହିର ଶ୍ରୀ ଶ୍ରୀ ମଉନ ବାବା ଗୋପବନ୍ଧୁ ଦାସ ବାବା ନାମକ ବ୍ୟକ୍ତି ନିଜ ପରିବାରରୁ ସଂସାର ତ୍ୟାଗ କରି ୧୪ ବର୍ଷ ବୟସରୁ ସାଧନା ପାଇଁ ପଥରଗଡକୁ ଆସିଥିଲେ। ସେହି ସ୍ଥାନରେ ଥିବା ସାଧକଙ୍କ ମହନ୍ତଙ୍କ ଦେହାନ୍ତ ପରେ ଉକ୍ତ ସ୍ଥାନକୁ ଶ୍ରୀ ଦାସ ରକ୍ଷଣାବେକ୍ଷଣ ଭାର ସମ୍ଭାଳି ଥିଲେ। ବରୁଆଁ ପାହାଡ଼ର ଝରଣା ସାଙ୍ଗକୁ ଚତୁଃପାର୍ଶ୍ୱରେ ସବୁଜିମାରେ ସୈନ୍ଦର୍ଯ୍ୟ ମଧ୍ୟରେ ଶୈବପୀଠର ଦର୍ଶନ ନିମନ୍ତେ ଧିରେଧିରେ ସ୍ଥାନୀୟ ଅଞ୍ଚଳରେ ପ୍ରସିଦ୍ଧ ଲାଭ କରି ଲୋକ ଲୋଚନକୁ ଆସିବା ପରେ ଭକ୍ତଙ୍କ ସମାଗମ ବୃଦ୍ଧି ପାଇଥିଲା ଆଜିକୁ ପାଖାପାଖି ୨୦ ବର୍ଷ ଧରି ମନ୍ଦିରରେ ଅଖଣ୍ଡ ଦୀପ, ଧ୍ୱନି, ହରି ନାମରେ ପ୍ରକମ୍ପିତ ଲାଗିରହିଛି। ପାହାଡ଼ ଉପରେ ଏକ ସୁଡ଼ଙ୍ଗ ରହିଛି ଯାହାର ଶେଷ କେଉଁଠି ବୋଲି ଆଜିବି ଅଜ୍ଞାତ ରହିଛି। ଉକ୍ତ ଗୁମ୍ଫା ଭିତରୁ ହରିରାମ ନାମା ଶୁଣିବା ପାଇଁ ମିଳିଥାଏ ଏବଂ ସତମନରେ ଆସିଥିବା ଭକ୍ତକୁ ଭଗବାନ ରୂପେ ସପ୍ତମ ଫେଣୀ ନାଗ ସର୍ପ ଦର୍ଶନ ମିଳିଥାଏ ବୋଲି ବୃଦ୍ଧ ସ୍ଥାନୀୟ ବାସିନ୍ଦା ମଧ୍ୟ କୁହନ୍ତି। ଢେଙ୍କାନାଳ ଜିଲାର ୨ୟ କପିଳାସ ଭାବେ ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିଛି। ଚଳିତ ବର୍ଷଟି ଶେଷ ହେବାକୁ ବସିଥିବା ବେଳେ ଶୀତୁଆ ଦିନରେ ବଣଭୋଜି ସାଙ୍ଗକୁ ପରିଦର୍ଶନ ନିମନ୍ତେ କିଏ ପରିବାର ଲୋକଙ୍କ ସହିତ ତ ଆଉ କିଏ ନିଜ ସାଙ୍ଗସାଥୀ ପ୍ରିୟଜନମାନଙ୍କ ସହିତ ପରିଭ୍ରମଣ କରିବାର ଋତୁ ଆରମ୍ଭ ହୋଇଯାଇଛି।

ଯାହ ଫଳରେ ପଥରଗଡକୁ ଆସିବାକୁ ହେଲେ ଭୁବନେଶ୍ୱର-ଢେଙ୍କାନାଳ-କାମାକ୍ଷାନଗର ଦେଇ ପିତିରି ଛକ ଠାରୁ ୧୪୯ ଜାତୀୟ ରାଜପଥ ଦେଇ କୁଲେଇ ସ୍ଥିତ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ରାସ୍ତାର ପଶ୍ଚିମ ଭାଗ ରେ ପାଖାପାଖି ୧୫ କିଲୋମିଟର ଦୂରରେ ଅତି ରମଣୀୟ ସ୍ଥାନ ଅବସ୍ଥିତ ରହିଛି। ଏହି ସ୍ଥାନକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରାଯାଉ ଓ ଏହାର ଚତୁଃପାର୍ଶ୍ ?କୁ ବିକାଶ କରାଗଲେ ଆଗାମୀ ଦିନରେ ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟନ ମାନଙ୍କ ଭିଡ ଜମିବ ବୋଲି ସ୍ଥାନୀୟ ଲୋକମାନେ ନିବେଦନ କରିଛନ୍ତି। ଏହି ସ୍ଥାନରେ ପ୍ରଥମେ ଏକ ପଥର ଚଟାଣ ଉପରେ ଫୁଟି ଶିବ ଲିଙ୍ଗ ଆବିର୍ଭାବ ହୋଇ ପଥର ଚଟାଣ ଉପରେ ପୂଜା ପାଉଥିବା ବେଳେ ତତ୍କାଳୀନ ବିଧାୟକ ବିଭୁଦେନ୍ଦ୍ର ପ୍ରତାପ ଦାସଙ୍କ ତତ୍ତ୍ୱାବଧାନରେ ଏକ ଭବ୍ୟ ମନ୍ଦିର ନିର୍ମାଣ ସାଙ୍ଗକୁ ପାହାଡ଼ର ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାରେ ବେଶ ଭୂମିକା ବହନ କରିଥିଲା। ସେହି ସମୟ ଠାରୁ ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ନିମନ୍ତେ ତତ୍କାଳୀନ ବିଧାୟକ ଶ୍ରୀ ଦାସ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଥିଲେ ବୋଲି କହିଛନ୍ତି। ପରଜଙ୍ଗ ବ୍ଲକରେ ବହୁ ପ୍ରାଚୀନ କଳା ସଂସ୍କୃତି, ପ୍ରାକୃତିକ ପରିବେଶ ସୈନ୍ଦର୍ଯ୍ୟ ଭରା ଅନନ୍ତଶୟନ କୀର୍ତ୍ତିରାଜି, ଅଷ୍ଟଶମ୍ଭୁ ପୀଠ, ୨ୟ କପିଳାସ ପଥରଗଡ଼ ଓ ଦଦରାଘାଟି ଜଳ ପ୍ରକଳ୍ପକୁ ସରକାରଙ୍କ ପକ୍ଷରୁ ଏକ ପର୍ଯ୍ୟଟନସ୍ଥଳୀର କରିଡୋର ଭାବେ ପରିଗଣିତ କରାଯାଇ ବିକାଶ କ୍ଷେତ୍ରରେ ଆଗେଇ ନେଲେ ଅଞ୍ଚଳର ବିକାଶ ହେବା ସହିତ ଅନେକ ପରିବାର ଏଥିରେ ବେଶ ଉପକୃତ ହେବା ସହିତ ଦେଶ ବିଦେଶରେ ଖ୍ୟାତ ଅର୍ଜୁନ କରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସେହିପରି ଭାବରେ ଉକ୍ତ ସ୍ଥାନମାନଙ୍କୁ ଆସିବା ପାଇଁ ଭୁବନେଶ୍ୱର ଠାରୁ ସଡ଼କ ପଥ ଓ ରେଳପଥର ସମସ୍ତ ସୁବିଧା ରହିଛି। ଗମନାଗମନ ସୁବିଧା ପାଇଁ ସଡକ ଓ ରେଳପଥ ରାଜଧାନୀ ଠାରୁ ରେଳପଥ ଯୋଗେ ତାଳଚେର ଷ୍ଟେସନ ଆସିବା ପରେ ସଡ଼କ ପଥ ଯୋଗେ ୮ କିଲୋମିଟର ଗଲେ ପ୍ରଥମେ ସରାଙ୍ଗ ଅନନ୍ତଶୟନ କୀର୍ତ୍ତିରାଜି ଦର୍ଶନ କରିବା ସହିତ ବାବା ଐଶାନ୍ୟେଶ୍ୱର ଙ୍କ ଦର୍ଶନ ହେବ। ସେଠାରୁ ପିତିରି ଛକର ତଥା ୧୪୯ ନମ୍ବର ଜାତୀୟ ରାଜପଥ ବାମ ପାର୍ଶ୍ୱ ପରମହଂସପୁର ଛକ ଯିବା ପରେ ୩ କିଲୋମିଟର ଦୂରରେ ବାବା ଅଷ୍ଟଶମ୍ଭୁ ମନ୍ଦିର ପୂଜାର୍ଚ୍ଚନା ସାରି ରେଙ୍ଗାଲି ବାମ ପାର୍ଶ୍ୱ କୁଲେଇ ଗ୍ରାମ ରାସ୍ତାରେ ୮ କିଲୋମିଟର ଗଲା ପରେ କାଦପଡା ଗ୍ରାମର ଦେଇ ବଣ ଜଙ୍ଗଲ ସୈନ୍ଦର୍ଯ୍ୟ ଭରା ଦ୍ୱିତୀୟ କପିଳାସ ପଥରଗଡ ପହଞ୍ଚି ସେଠାକାର ପ୍ରାକୃତିକ ପରିବେଶର ମନୋହର ଦୃଶ୍ୟର ଉପଭୋଗ କରିବା ସହିତ ସେଠାରେ ଦର୍ଶନ ସାରି ସେଠାରୁ ୧୦ କିଲୋମିଟର ଦଦରାଘାଟି ଜଳ ପ୍ରକଳ୍ପକୁ ପହଞ୍ଚି ବଣଭୋଜିର କରିବା ସହିତ ବେଶ ଖୁସିମଜା କରିପାରିବ। ସେହିପରି ଭାବରେ ଢେଙ୍କାନାଳ, କେନ୍ଦୁଝର, ଯାଜପୁର, ଦେବଗଡ଼, ରାଉଲକେଲା ରୁ ଆସିବା ପାଇଁ ପ୍ରତ୍ୟେକ ଦିନ ବସ୍ ଚଳାଚଳର ସୁବ୍ୟବସ୍ଥା ରହିଛି।





ବୁଧବାର ୧୫।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ସାପ କାମୁଡ଼ାରେ ନାବାଳିକାଙ୍କ ମୃତ

ପାରଳାଖେମୁଣ୍ଡି, ୧୪/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ରାୟଗଡ ବ୍ଲକ ତଥା ରାୟଗଡ ଥାନା ଅନ୍ତର୍ଗତ ଚମ୍ପାପୁର ଗ୍ରାମର ଟୁନି ଶବର ନାବାଳିକା ୧୧ ବର୍ଷର ଝିଅ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଗତକାଲି ରାତି ପ୍ରାୟ ୧୨ ଟା ବେଳେ ଝିଅଟି ଶୋଇଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲା। ଏହାକୁ ଦେଖି ଝିଅଟିର ପରିବାର ଲୋକେ ତାଙ୍କୁ ରାୟଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡ଼ାକ୍ତର ପ୍ରାଥମିକ ଚିକିତ୍ସା କରିଥିଲେ। ହେଲେ ଝିଅଟିର ଅବସ୍ଥା ସଙ୍କଟାପୁର୍ଣ୍ଣ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାରଳାଖେମୁଣ୍ଡିକୁ ରେଫର କରାଯାଇଥିଲା। କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ଅଧା ରାସ୍ତାରେ ଝିଅଟିର ମୃତ ଘଟିଥିଲା। ଉକ୍ତ ନାବାଳିକାର ଶବକୁ ରାୟଗଡ଼ ଥାନା ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବା ସୁଚନା ମିଳିଛି।



## ଜମି ବିବାଦରୁ ହତ୍ୟା, ଅଭିଯୁକ୍ତ ଗିରଫ

ରାଇକିଆ: ୧୪/୦୭ (ଜଗଦୀଶ ଦାଶ),,କନ୍ଧମାଳ ଜିଲ୍ଲା ସୁଗଡ଼ବାଡ଼ି ଗ୍ରାମ ପଞ୍ଚାୟତର କାଜୁରୀ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡ ଘଟଣାରେରାଇକିଆ ପୋଲିସ ଅଭିଯୁକ୍ତକୁଗିରଫ କରିଛି ଓ କୋର୍ଟ ଚାଲାଣ କରିଛି।ସୂଚନା ଅନୁଯାୟୀ, କାଜୁରୀ ଗ୍ରାମର ଦିଲ୍ଲୀପ କୁମାର ପ୍ରଧାନ ଓ ସେହି ଗ୍ରାମର ସୁନ୍ଦରସିଂ ଦିଗାଳ ଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ବଚସା ହୋଇଥିଲା। ବିବାଦ ଉଗ୍ର ରୂପ ହୋଇ ସୁନ୍ଦରସିଂ ଦିଗାଳ ଙ୍କ ଆକ୍ରମଣରେ ଦିଲ୍ଲୀପ କୁମାର ପ୍ରଧାନଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।ଏହାକୁ ନେଇ ରାଇକିଆ ଥାନାରେ କେସ୍ ନଂ୮୫,୨୬ରେ ମାମଲା ରୁଜୁ କରାଯାଇଥିଲା।ଓ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା। ରାଇକିଆ ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଏ. ସ୍ୱର୍ଣ୍ଣଲତା ପାତ୍ରଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଥିଲା ଓ କାଜୁରୀ ନିକଟସ୍ଥ ପାହାଡ଼ିଆ ଜଙ୍ଗଲରେ ଲୁଚି ରହିଥିବା ଅଭିଯୁକ୍ତ ସୁନ୍ଦରସିଂ ଦିଗାଳ ଙ୍କୁ ଗିରଫ କରିଥିଲା। ସୋମବାର ଦିନ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ନୂତନ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ

ପାରଳାଖେମୁଣ୍ଡି, ୧୪/୭(ତାରିଣୀ ପ୍ରସାଦ ପଣ୍ଡା ): ଓଡ଼ିଶାର ନୂତନ ଶିକ୍ଷା ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ବିରୋଧରେ ଗଜପତି ଜିଲ୍ଲା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ଓ ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ବିଜେଡ଼ି କର୍ମୀ ଓ ନେତୃବୃନ୍ଦ କଲେଜ ଛକ ଠାରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ବିଜେପି ସରକାରଙ୍କ ଅପାରଗତାକୁ ନେଇ ଗର୍ଜିଛନ୍ତି। ଶିକ୍ଷା ପାଠ୍ୟ ପୁସ୍ତକର ତ୍ରୁଟି ଅକ୍ଷମଣୀୟ ବୋଲି ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେ-ଡି। ବର୍ତ୍ତମାନ ସରକାର ସମସ୍ତ କ୍ଷେତ୍ରରେ ରଙ୍ଗ ପରିବର୍ତ୍ତନ କରି ଦୁର୍ନୀତି ହେଉଥିବା ଅଭିଯୋଗ ଆଣିଛି, ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି ବିକ୍ଷୋଭକାରୀ।

### ଖରିଫ ଚାଷ ପାଇଁ କୋରାପୁଟ ପ୍ରଶାସନର ବଡ଼ ରଣନୀତି

# ପର୍ଯ୍ୟଟନ ସ୍ଥଳୀରେ ଚମକିବ କୃଷି ପ୍ରଦର୍ଶନୀ କ୍ଷେତ

କୋରାପୁଟ ୧୪/୦୭ (ସମୀର )ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଚଳିତ ଖରିଫ ଋତୁ ଚାଷ ପାଇଁ ଜିଲାସ୍ତରୀୟ ରଣନୀତି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ବୈଠକ ଆୟୋଜିତ ହୋଇଛି। କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା ପର୍ଯ୍ୟଟନସ୍ଥଳୀରେ କୃଷି ପ୍ରଦର୍ଶନୀ କ୍ଷେତ କରିବାକୁ କୁହାଯାଇଥିବା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର କହିଛନ୍ତି।ଏହାଦ୍ୱାରା ବାହାରୁ ଆସୁଥିବା ପର୍ଯ୍ୟଟକମାନେ କୋରାପୁଟର ପାରମ୍ପରିକ ଓ ଆଧୁନିକ ଚାଷ ଶୈଳୀ ଦେଖିପାରିବେ, ଯାହା ପର୍ଯ୍ୟଟନକୁ ଆହୁରି ବଢ଼ାଇବ ବୋଲି କହିଛନ୍ତି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର। ପାଣିପାଗ ଉପରେ ନଜର ରଖି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବାକୁ କୁହାଯାଇଛି।ଜିଲ୍ଲାରେ ପର୍ଯ୍ୟାପ୍ତ ସାର ମହଜୁଦ ଅଛି, ଏହାର ସଠିକ୍ ବଣ୍ଟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।ସବୁ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଚାଷୀର ଉତ୍ପାଦନ ଯେପରି ଦ୍ୱିଗୁଣିତ ହେବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ନିର୍ଦ୍ଦେଶ ଦେଇଛନ୍ତି।ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର ଯୋଗଦେଇ ପରିଚାଳନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ପଢିହାରୀ, ଜୟପୁର କୃଷି ଜିଲ୍ଲା ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ନାରାୟଣପାଟଣା କୃଷି ଜିଲ୍ଲା ଅଧିକାରୀ ସନ୍ତୋଷ ଦଳବେହେରା, ନନ୍ଦପୁର ଜିଲ୍ଲା କୃଷି ଅଧିକାରୀ ସୁଜାତା ନିଶଙ୍କ, ଆରଆରଟିଟିଏସ ର ଏଡିଆର ପର୍ଶୁରାମ ସିଆଲ, କେଭିକେ ମୁଖ୍ୟ ସୁନୀତା ଦଣ୍ଡସେନା, ଜଳବିଭାଜିକା ଉପ ନିର୍ଦ୍ଦେଶକ ଅଶୋକ ସେନାପତି,ଉଦ୍ୟାନ ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ,କୋରାପୁଟ ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜୟପୁର ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ ତୃପ୍ତି ତରାଇ,କୃଷି ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ,ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା, କୋରାପୁଟ ଏଏଫଓ ତ୍ରିବେଣୀ ପାତ୍ର, ଓଏଲଆଇସି ନିର୍ବାହୀ ଯନ୍ତ୍ରୀ କୈଳାଶ ଭତ୍ରା, ଡିଆରସିଏସ ମୋନିକା ରାୟ, ଏସବିଆଇର ଜିଲ୍ଲା ସଂଯୋଜକ ଦିବାକର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ଜିଲ୍ଲାପାଳଙ୍କୁ ଜଳବନ୍ଦୀ ଗ୍ରାମବାସୀଙ୍କ ପକ୍ଷରୁ ଆଠ ଦଫା ଦାବୀ



ନନ୍ଦପୁର ୧୪/୦୭ (ଶ୍ରୀରାମ ଖରା ) ଜଲାପୁଟ ଜଳ ଭଣ୍ଡାର ମଧ ରେ ଯାତ୍ରା କରି ଜଳ ବନ୍ଧୀ ସମସ୍ୟା ବୁଝି ବାକୁ ଯାଇଥିବା ଜିଲ୍ଲାପାଳଙ୍କୁ ଆଠ ଦଫା ଦାବି ପ୍ରଦାନ କଲେ ତିନି ଗ୍ରାମ ବାସୀ। ଗଞ୍ଜେଇ ଚାଷ କରି ଜୀବନ ଜୀବିକା ଅତିବାହିତ କରିଆସୁଥିବା ତିନି ଗ୍ରାମ ଏସ ପି ଶ୍ରୀ ବର୍ମାଙ୍କ ଆଗରେ ସ୍ୱୀକାର କରିଥିବା ବେଳେ ସେପଟେ ଜିଲ୍ଲାପାଳ ଜଳବନ୍ଧୀଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ସୋମବାର ଡଙ୍ଗା ସାହାଯ୍ୟରେ ଜଳ ଭଣ୍ଡାର ମଧ ରେ ଯାତ୍ରା କରି ତିନି ଗ୍ରାମ ବାସୀଙ୍କ ସମସ୍ୟା ବୁଝି ଥିଲେ। ଏହି ଅବସର ତିନି ଗ୍ରାମ ବାସୀ ଜିଲ୍ଲାପାଳ ଙ୍କୁ ଆଠ ଦଫା ଦାବି ସମୂହ ପ୍ରଦାନ କରିଛନ୍ତି । ଦାବୀ ଗୁଡ଼ିକ ହେଲା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ସାବୁନ ନଦୀ ଘାଟ ପର୍ଯ୍ୟନ୍ତ ନିର୍ମାଣ ଧୀନ ରାସ୍ତାକୁ ସଂପୂର୍ଣ୍ଣ କରିବା, ହରଗଣ୍ଡା ଠାରୁ ସାବୁନ ପର୍ଯ୍ୟନ୍ତ ଜଳ ଭଣ୍ଡାର ଉପରେ ବ୍ରିଜ ନିର୍ମାଣ, ସାବୁନକୁ ପର୍ଯ୍ୟଟନ ସ୍ଥଳୀରେ ଗଡା ଯାଉ । ସାବୁନ ଓ ଲାମ ଲା ମ ଡୁ ର ଗ୍ରାମ ବାସୀଙ୍କୁ ଘର ଡିହ ଜମି ପଟ୍ଟା ପ୍ରଦାନ କରାଯାଉ, ସାବୁନ ଠାରୁ ଲାମ ଡୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କୁ ସିସି ରାସ୍ତା କରାଯାଉ, ଲାମ ଡୁ ର ଗ୍ରାମ ରେ ବିଦ୍ୟୁତ୍ ସଂଯୋଗ, ଜଳ ବନ୍ଧୀ ପିଲା ମାନଙ୍କ ପାଠ ପଢା ନିମନ୍ତେ ଜ ବା ଗଡ ଏମ୍ ଇ ସ୍କୁଲ୍‌କୁ ଉଚ୍ଚ ବିଦ୍ୟାଳୟ ରେ ପରିବର୍ତ୍ତନ କରିବା ଓ ସ୍ୱାସ୍ଥ୍ୟ ସମସ୍ୟା ନିମନ୍ତେ ପଞ୍ଚାୟତରେ ଏକ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ନେଇ ଜିଲ୍ଲାପାଳଙ୍କୁ ଦାବି ପତ୍ର ଦେଇଛନ୍ତି ଗ୍ରାମ ବାସୀ । ସୋମବାର ବିଲାପୁଟ ଗ୍ରାମ ପଞ୍ଚାୟତ ସରପଂଚ ରାଜୁ ଲେନ୍ଦୁ ଜିଲ୍ଲାପାଳ ଙ୍କ ଗସ୍ତ କୁ ଉଚ୍ଚ ପ୍ରଶଂସା କରିଛନ୍ତି ଓ ଦୁର୍ଗମ ଅଞ୍ଚଳ ଉନ୍ନତି ନିଶ୍ଚିନ୍ତ ହେବ ବୋଲି କହି ଅଞ୍ଚଳ ବାସୀଙ୍କ ଦାବୀ ଉପରେ ଜିଲ୍ଲାପାଳଙ୍କ ଉପରେ ତାଙ୍କର ଭରସା ଅଛି ବୋଲି କହିଛନ୍ତି।

## ଜଷ୍ଟ ଫର ୟୁ ସେବାସଂଘର ଆନନ୍ଦବଜାର ପାଇଁ ପ୍ରସ୍ତୁତି ବୈଠକ

ଆଠଗଡ଼,୧୪/୭(ଅକ୍ଷର ଓଡ଼ିଶା) ଆଠଗଡର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଷ୍ଟଫର୍ ୟୁ ସେବାସଂଘର ରଥଯାତ୍ରା ଆନନ୍ଦବଜାର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ସୁଧାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଶ୍ରୀ ଅଟ୍ଟାଳି ଜଗନ୍ନାଥ ମନ୍ଦିର ପରିସରରେ ବାହୁଡ଼ାଯାତ୍ରା ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଆନନ୍ଦ ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆନନ୍ଦ ବଜାରକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।ଉକ୍ତ ବୈଠକରେ ଶିକ୍ଷା ଦାଶ,ରୁନି ପ୍ରଧାନ,ଅମ୍ଳାନ ପରିଡ଼ା, ଶ୍ରୀନିବାସ ସାମଲ,ଚିନ୍ମୟୀ ଭୋଳ, ଜ୍ୟୋସ୍ନାମୟୀ ଭୂୟାଁ,ପ୍ରିୟବ୍ରତ ବେହେରା ଏବଂ ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ

ସୁବର୍ଣ୍ଣପୁର, ୧୪/୦୭(ପବିତ୍ର ସିଂ ବରିହା).'ପଛ ଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ....' ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସ କେବେ ପଛଘୁଞ୍ଚା ଦେଇ ନଥିଲେ ନିଜର କର୍ତ୍ତବ୍ୟ ପଥରେ। ସେ ସର୍ବଦା ବୀରତ୍ୱର ସହ ଲଢ଼େଇ କରି ଦୀନଦରିଦ୍ରଙ୍କ ସେବା କରୁଥିଲେ। ତେଣୁ ବର୍ତ୍ତମାନ ଯୁବସମାଜ ସେହି ମହାପୁରୁଷଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ନିଜର ବ୍ରତ ଭାବରେ ଗ୍ରହଣ କଲେ ତାହା ଆଜି ଭଳି ଏକ ପୁଣ୍ୟ ତିଥିରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ହେବ ବୋଲି ସୁବର୍ଣ୍ଣପୁର ଜିଲା ସ୍ତରୀୟ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।ଜିଲା ପ୍ରଶାସନସହଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଯୋଗ ଦେଇ ସେବାରେ କେବେବି ପାତର ଅନ୍ତର ନଥାଏ। ସର୍ବଦା ପରସ୍ପରକୁ ସ୍ନେହ, ଶ୍ରଦ୍ଧା ଦେବା ଉଚିତ ବୋଲି କହିଥିଲେ। ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସ ସେଭଳି ଜଣେ ବ୍ୟକ୍ତି ଯିଏ ସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ପରସ୍ପର ପ୍ରତି ସ୍ନେହ ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ।ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ କହିଥିଲେ ଯେ, ସେବାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ପଣ୍ଡିତ ଉତ୍କଳମଣୀ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ସେ ଓଡ଼ିଆ ସାହିତ୍ୟ ଜଗତର ଜଣେ ଧ୍ରୁବତାରା ଥିଲେ। ତାଙ୍କର କାଳଜୟୀ କବିତା 'ବନ୍ଦୀର ଆତ୍ମକଥା', 'ଧର୍ମପଦ' ଓ 'ଅବକାଶ ଚିନ୍ତା' ଏବେବି ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେଣୁ ସେହି ମହାପୁରୁଷଙ୍କ ନୀତି ଓ ଆଦର୍ଶ ସହ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ବୋଲି ସେ ମତ ପ୍ରକାଶ କରିଥିଲେ।



## ସ୍ୱାମୀଜୀ ଯୁବକ ସଂଘ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

କଟକ ସଦର:(୧୪/୭)(ଅକ୍ଷର ଓଡିଶା ) ପି.ବି.ଏସ ଟ୍ୟୁଟୋରିଆଲ୍, କନ୍ଦରପୁର ପରିସରରେ ସ୍ୱାମୀଜୀ ଯୁବକ ସଂଘର ପ୍ରତିଷ୍ଠାତା ଇଂ. ବିରଞ୍ଚି ନାରାୟଣ ଭୂୟାଁଙ୍କ ତତ୍ତ୍ୱାବଧାନରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ କନ୍ଦରପୁର ମହାବିଦ୍ୟାଳୟର ଅଧ୍ୟାପକ ତଥା ସ୍ୱାମୀଜୀ ଯୁବକ ସଂଘର ବରିଷ୍ଠ ଉପଦେଷ୍ଟା ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତାଙ୍କୁ ମାନପତ୍ର, ଉତ୍ତରୀୟ (ସାଲ୍) ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ଯୁକ୍ତ ଦୁଇ ବିଜ୍ଞାନ୨୦୨୬ ପରୀକ୍ଷାରେ ୫୮୧ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଜଗତସିଂହପୁର ଜିଲ୍ଲା, ଦରଡାଶାସନର କୁମାରୀ ବୈଶାଳୀ ପ୍ରିୟଦର୍ଶିନୀ ଙ୍କୁ ମଧ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ଛାତ୍ରଛାତ୍ରୀଙ୍କ ବହୁଳ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ଗାଳ୍ପିକ ଓ ନାଟ୍ୟ ନିର୍ଦ୍ଦେଶକ ବାମଦେବ ସାଇଁ ମୁଖ୍ୟ ଅତିଥି, ୪୨ ମୌଜା ଶାନ୍ତି କମିଟିର ସଭାପତି ଶରତ କୁମାର ରାୟ ମୁଖ୍ୟ ବକ୍ତା ଏବଂ ଆଡଭୋକେଟ୍ ସଂଜୀବ କୁମାର ବିଶ୍ୱାଳ, ଶ୍ରୀମତୀ ରେଣୁବାଳା ବିଶ୍ୱାଳ, ଅଧ୍ୟାପକ ପାର୍ଥ ସାରଥୀ ପରିଡ଼ା ତଥା ସଂଘର ସଭାପତି ମଦନ ମୋହନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଅତିଥି ପରିଚୟ ସଂଘର ସମ୍ପାଦକ ଇଂ. ସୁରଜ ବେହେରା ପ୍ରଦାନ କରିଥିଲେ। ସଭା କାର୍ଯ୍ୟକୁ ସୁଚାରୁରୂପେ ସମ୍ପନ୍ନ କରିବାରେ ପ୍ରଦୀପ ଭୂୟାଁ, ପବିତ୍ର ବେଉରା, ଦେବୀପ୍ରସାଦ ରାଉତରାୟ, ତପସ୍ୱିନୀ ପଣ୍ଡା, ଶ୍ୱେତା ରାଉତ, ରତ୍ନପର୍ଣ୍ଣା ମହାନ୍ତି ଓ କ୍ରିଷ୍ଣା ପ୍ରମୁଖ ସହଯୋଗ କରିଥିଲେ।

## ସିଦ୍ଧାର୍ଥ ଡିଗ୍ରୀ କଲେଜର ଯୁବ ରେଡକ୍ରସ କାର୍ଯ୍ୟାଳୟ ଉଦ୍‌ଘାଟନ

ବିନିକା, ୧୪।୦୭(ପ୍ରତାପ ରୁଦ୍ର କର୍ଣ୍ଣ): ରବିବାର ବିନିକା ସ୍ଥିତ ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସର(YRC)ର ଏକ ନୂତନ କାର୍ଯ୍ୟାଳୟ ରେଡକ୍ରସ ଅଧିକାରୀ ଡ.ରମେଶଚନ୍ଦ୍ର ବେହେରାଙ୍କ କରକମଳରେ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ,ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ବିଶ୍ୱନାଥ ମିଶ୍ର,ଜିଲ୍ଲା ଯୁବ ରେଡଫ କ୍ରସ ଆବାହକ ଉମାକାନ୍ତ ନାଗ,କିଶୋର ସାହୁ, ଗରିବ ସାଲମା,ଧନେଶ୍ୱର ସାହୁ, ଭଗବାନ ସାହୁ,ସାଧୁରାମ ସାହୁ,ଅଧ୍ୟାପିକା ବିଘ୍ନେଶ୍ୱରୀ ପୁଜାରୀ ଏବଂ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।ଏହି ପରିପ୍ରେକ୍ଷୀରେ ଯୁବ ରେଡକ୍ରସ ଅଧିକାରୀ ବେହେରା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାନବିକ ସେବା, ସ୍ୱେଚ୍ଛାସେବା, ରକ୍ତଦାନ,ସ୍ୱାସ୍ଥ୍ୟ ସଚେତନତା ଏବଂ ସାମାଜିକ ଦାୟିତ୍ୱ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ସେବା ଯୋଗାଇଦେବାକୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଯୁବ ରେଡକ୍ରସର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅଧିକରୁ ଅଧିକ ଭାବେ ତ୍ୱରାନିତ ହେବ ବୋଲି ମତ ପ୍ରକାଶ ପାଇଥିଲା।ଶେଷରେ ସମସ୍ତ ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀମାନେ ଯୁବ ରେଡକ୍ରସର ଆଦର୍ଶ ଅନୁସରଣ କରି ସମାଜସେବାରେ ନିଜକୁ ସମର୍ପିତ କରିବାର ସଂକଳ୍ପ ନେଇଥିଲେ।

### ସାର ପାଇଁ ତାତିଲେ ଆଦିବାସୀ ଚାଷୀ

## ଭୂମିହୀନ ଓ ଭାଗଚାଷୀଙ୍କୁ ସାର ନ ମିଳିଲେ ଆନ୍ଦୋଳନର ଚେତାବନୀ




### ବନ୍ଧୁଗାଁରେ ବିଶାଳ ଶୋଭାଯାତ୍ରା, ତହସିଲଦାରଙ୍କୁ ଦାବିପତ୍ର

ନାରାୟଣ ପାଟଣା, ୧୪/୭: (ଗିରି ଧର ଖରା) ଚାଷ ଋତୁର ଗୁରୁତ୍ୱପୂର୍ଣ୍ଣ ସମୟରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ସାର ଅଭାବକୁ ନେଇ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ବନ୍ଧୁଗାଁ ଲ୍ୟାମ୍ପସ୍‌ରେ ସାର ବଣ୍ଟନ ସମୟରେ କେବଳ ଜମି ପଟ୍ଟାଧାରୀ ଚାଷୀଙ୍କୁ ସାର ଦିଆଯାଉଥିବା ବେଳେ ଭୂମିହୀନ ଓ ଭାଗଚାଷୀଙ୍କୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରିଛି ଓଡ଼ିଶା ଚାଷୀ ମୁଲିଆ ଆଦିବାସୀ ସଂଘ। ଏହାର ପ୍ରତିବାଦରେ ସୋମବାର ଶତାଧିକ ଆଦିବାସୀ ଚାଷୀ ବନ୍ଧୁଗାଁରେ ଶୋଭାଯାତ୍ରା କରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ସଂଘର କହିବା ଅନୁଯାୟୀ, ଭୂମିହୀନ ଓ ଭାଗଚାଷୀମାନେ ବର୍ଷ ବର୍ଷ ଧରି ଚାଷ କରି ନିଜ ପରିବାର ଚଳାଉଥିଲେ ମଧ ଜମି ପଟ୍ଟା ନଥିବା ଆଳରେ ସରକାରୀ ସାରରୁ ବଞ୍ଚିତ ହେଉଛନ୍ତି। ଫଳରେ ଚାଷକାର୍ଯ୍ୟ ବ୍ୟାହତ ହେବା ସହ ଆଗାମୀ ଫସଲ ଉତ୍ପାଦନ ଉପରେ ମଧ ଏହାର ପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସମାନ ଭାବେ ସାର ଯୋଗାଇବା ସହ ବ୍ଲକରେ ସାର ଅଭାବ ଦୂର କରିବାକୁ ସଂଘ ଦାବି କରିଛି।ଓଡ଼ିଶା ଚାଷୀ ମୁଲିଆ ଆଦିବାସୀ ସଂଘ ଏବଂ ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଭାର ମିଳିତ ଆହ୍ୱାନରେ ଆୟୋଜିତ ଶୋଭାଯାତ୍ରାରେ ଶତାଧିକ ଆଦିବାସୀ ଚାଷୀ ଓ କୃଷି ଶ୍ରମିକ ସାମିଲ ହୋଇଥିଲେ। ପରେ ପ୍ରତିନିଧିମଣ୍ଡଳୀ ବନ୍ଧୁଗାଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରି ଶୀଘ୍ର ସମାଧାନ ପାଇଁ ଦାବି ଜଣାଇଥିଲେ। ଦାବି ପୂରଣରେ ବିଳମ୍ବ ହେଲେ ଆଗାମୀ ଦିନରେ ବ୍ଲକ୍‌ବ୍ୟାପୀ ଗଣଆନ୍ଦୋଳନ ଆରମ୍ଭ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଚାଷୀ ମୁଲିଆ ଆଦିବାସୀ ସଂଘର ସଭାନେତ୍ରୀ କଣ୍ଡାଗୋରୀ ପାଇଡାମା, ସମ୍ପାଦକ ପିଡ଼ିକା ସୁରିଆମା, ଆନ୍ଧ୍ରପ୍ରଦେଶ କ୍ଷେତ ମଜଦୁର ସଂଘର ସଭାପତି ଏଙ୍କାଟି ସ୍ୱାମୀ, ଆବାହକ କେଣ୍ଡରୁକା ସୁବାରାଓ, କାଡ୍ରାକା ଆଦାନା, ମାଣ୍ଡିଙ୍ଗ ଶ୍ରୀନୁଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଓ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜଳବାୟୁ ପରିବର୍ତ୍ତନ ରୋକିବାକୁ ହେଲେ ବ୍ୟାପକ ବୃକ୍ଷ ରୋପଣ ଆବଶ୍ୟକ : ଡ. ଅଚ୍ୟୁତ ସାମନ୍ତ

ରଘୁନାଥପୁର, ୧୪/୦୭ (ଅକ୍ଷର ଓଡିଶା )ଜଳବାୟୁ ପରିବର୍ତ୍ତନ ରୋକିବାକୁ ହେଲେ ବ୍ୟାପକ ବୃକ୍ଷ ରୋପଣ ଆବଶ୍ୟକ ବୋଲି ସ୍ମାର୍ଟ ଗ୍ରାମ କଲରାବାଙ୍କର ପ୍ରସିଦ୍ଧ ରଘୁନାଥଜୀଉ ମନ୍ଦିର ପରିସରରେ ପାରିଜାତ ଗଛକୁ ପୂର୍ବତନ ସାଂସଦ ତଥା କିଟ୍, କିସ୍, କିମ୍ସ୍ ଓ ସ୍ମାର୍ଟ ଗ୍ରାମ କଲରାବାଙ୍କର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଥିଲେ । ଡ ସାମନ୍ତ ଆହୁରି କହିଲେ ଯେ, ବୃକ୍ଷ ମନୁଷ୍ୟ ଠାରୁ ବିଷ ଗ୍ରହଣ କରି ମନୁଷ୍ୟକୁ ଅମୃତ ପ୍ରଦାନ କରିଥାଏ । ବୃକ୍ଷ ବିନା ମନୁଷ୍ୟ, ଜୀବ, ଜନ୍ତୁ ଲୋପ ପାଇଯିବେ। ତେଣୁ ପ୍ରତ୍ୟେକ ମନୁଷ୍ୟ ବର୍ଷକୁ ସର୍ବନିମ୍ନ ୫୦ ଟି ଗଛ ଲଗାଇ ନିଜ ପିଲାଙ୍କ ଯତ୍ନ ନେଲା ଭଳି ଗଛ ର ଯତ୍ନ ନେଇ ବଢାଇ ପାରିଲେ ପରିବେଶ ସୁରକ୍ଷା ହୋଇ ପାରିବ ବୋଲି ଡ ସାମନ୍ତ କହିଥିଲେ । ଡ ସାମନ୍ତ ଆହୁରି କହିଲେ ଯେ ରାସ୍ତା ଓ ପୂର୍ତ୍ତ ବିଭାଗ ଦ୍ୱାରା ନବ ନିର୍ମିତ ଗଡ଼ମକ୍ଷ କଟୁଆର ଭାୟା କଲରାବାଙ୍କ ୪ କିଲୋମିଟର ରାସ୍ତାର ଦୁଇ ପାର୍ଶ୍ୱରେ ମୂଲ୍ୟବାନ୍ ୧୫ ଫୁଟିଆ ଗଛ ଖୁବ୍ ଶୀଘ୍ର ଲଗାଯିବା ସହିତ ରାସ୍ତା ପାର୍ଶ୍ୱରେ ସୋଲାର ଲାଇଟ୍ ଲଗା ଯିବ। ଏଥିରେ ନୀଳିମାରାଣୀ ସ୍ମାରକୀ ଟ୍ରଷ୍ଟ ର ଅଧକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ପ୍ରକୃତି ବନ୍ଧୁ ପରିବେଶବିତ୍ ବିଜୟ କୁମାର ସାଇଁ ଯୋଗ ଦେଇ ବୃକ୍ଷ ମନୁଷ୍ୟର ପରମ ମିତ୍ର, ପ୍ରତ୍ୟେକ ଲୋକ ନିଜର ଜନ୍ମ ଦିନ ରେ କିମ୍ବା ପିଲାମାନଙ୍କ ଜନ୍ମ ଦିନରେ ନିଜର ବାଡ଼ି ବଗିଚା, ମନ୍ଦିର, ଶିକ୍ଷାନୁଷ୍ଠାନ, ଶ୍ମଶାନ ଓ ପଡିଆ ପରିସରରେ ଗଛ ଲଗାଇ ତାର ଯତ୍ନ ନେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏହି ଉତ୍ସବରେ ସମାଜସେବି ନିରୁପମା ସାମନ୍ତ, ବିଜୟ ସାମନ୍ତ, ଶିକ୍ଷାବିତ୍ ଜ୍ୟୋସ୍ନା ମିତ୍ର, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ, କିଟ୍ ବିଦ୍ୟୁତ୍ ବିଭାଗ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବୃକ୍ଷର ଆବଶ୍ୟକତା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ଦୁର୍ଗା ଚରଣ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।



## ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକ ପାଳିତ

ନିମାପଡା , ୧୪/୭ (ଅକ୍ଷର ଓଡିଶା ) ବିଜୟ ବେହେରା.ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ମଙ୍ଗଳବାରଦିନ ଚାରିଛକ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଲୋକ ସେବକ ମଣ୍ଡଳ ଓ ସମାଜ ତରଫରୁ ଆୟୋଜିତ ୯୮ତମ ଶ୍ରାଦ୍ଧ ଦିବସ ଉତ୍ସବରେ ଚାରିଛକ ବରିଷ୍ଠ ନାଗରୀକ ମଂଚର ସଭାପତି ପ୍ରଫେସର ଗୋପୀନାଥ କର,ସଂପାଦକ କାହ୍ନୁଚରଣ ବେହେରା,ପ୍ରାଚୀନ ଆଇଆର ଏସ ଚନ୍ଦ୍ରକାନ୍ତ ଦଳାଇ,କୃଷକନେତା ତଥା ସମାଜସେବୀ ସନାତନ ପାତ୍ର,କୃଷ୍ଣଚନ୍ଦ୍ର ରାଉତ,ପ୍ରବୀର କୁମାର ଦାଶ,ସଦାଶିବ ମହାପାତ୍ର,ଅର୍ଜୁନ ପାତ୍ର,ଅଧିନ ପାତ୍ର, ଅନ୍ତଯ୍ୟାମୀ ସେନାପତି,ଶିଶିର କୁମାର ନାୟକ,କୈଳାସ ଚନ୍ଦ୍ର କର,ରାଧାକାନ୍ତ ଆଇଚ୍, କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ଡଃ କେଦାରନାଥ ସାହୁ, ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର,ଉପ-ସଭାପତି ବସନ୍ତ ଦାସ,କାର୍ଯ୍ୟକାରୀ ସଭାପତି ଶିଶିର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଶଶୀକାନ୍ତ ତ୍ରିପାଠୀ, ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇ ଚାରିଛକ ମୁଖ୍ୟ ବଜାରରେ ଥିବା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ନିମାପଡା ସମାଜ ପ୍ରତିନିଧି ପୂର୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



## ଅନାବାଦୀ ଜାଗାରେ ଘର କରିବାକୁ ନେଇ ଗଣ୍ଡଗୋଳ, ଦୁଇ ଆହତ

ରାଜକନିକା ୧୪/୦୭ (ଅକ୍ଷର ଓଡିଶା ) ରାଜକନିକା ଥାନା ଗଙ୍ଗାଧରପ୍ରସାଦ ଡିଆ ଗାଁରେ ଦୁଇ ପରିବାର ଭିତରେ ଗଣ୍ଡଗୋଳ ହୋଇ ଦୁଇ ଆହତ ହେବା ସହ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଛି। ଘଟଣା ମୁତାବକ ତ୍ରୈଲୋକ୍ୟପୁର ପଞ୍ଚାୟତ ଗଙ୍ଗାଧର ପ୍ରସାଦ ଡିଆ ଗାଁ ର ଭରତ ବେହେରା ଏକ ଜମି କିଣି ଥିବା ବେଳେ ଏହି ଜମି ସାମ୍ନାରେ ଥିବା ଏକ ସରକାରୀ ଜାଗାରେ ଅନନ୍ତ ବେହେରା ମାଟି ପକାଇ ଏକ ଅସ୍ଥାୟୀ ଘର କରିବା ଏବଂ ଏହି ଘର କରିବାକୁ ବିରୋଧ କରି ଆଜି ଦୁଇ ପରିବାର ମଧ୍ୟରେ ମାଡପିଟ ହୋଇଛି। ସକାଳ ୧୧. ୩୦ ମିନିଟ ସମୟରେ ଘଟିଥିବା ଏହି ଗଣ୍ଡଗୋଳରେ ଉଭୟ ପରିବାର ତରଫରୁ ରାଜକନିକା ଥାନାରେ ଏତଲା ହୋଇଥିବା ବେଳେ ଅନନ୍ତଙ୍କ ସ୍ତ୍ରୀ ଅନିତା ବେହେରା ଗୁରୁତର ହୋଇଥିବା ଜଣାପଡିଛି।

# ସରକାର ଟଙ୍କା ଦେବା ପରେ ବି ଶିଶୁ ବିକାଶ ବିଭାଗକୁ ଟଙ୍କା ଅଭାବ

### ୬୦ ଟଙ୍କାର ଓଜନ ଉତ୍ସବର ବ୍ୟାନର ଲାଗିଛି ଅଙ୍ଗନବାଡି କେନ୍ଦ୍ରରେ

ରାଜନଗର, ୧୪/୦୭ (ଅକ୍ଷର ଓଡ଼ିଶା) ପୋଷଣ ଅଭିଯାନ ମାଧ୍ୟମରେ ଓଜନ ଉତ୍ସବ ୨୦୨୬-୨୭ ସାରା ରାଜ୍ୟରେ ଚଳିତ ଜୁଲାଇ ମାସ ୧ ରୁ ୨୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ଅଙ୍ଗନବାଡି କେନ୍ଦ୍ରରେ ବ୍ୟାନର ଲଗାଇବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପ୍ରତ୍ୟେକ ବ୍ଲକରେ ଥିବା ଶିଶୁ ବିକାଶ ବିଭାଗକୁ ଟଙ୍କା ମଧ ଦିଆଯାଇଛି କିନ୍ତୁ ବିଡମ୍ବନାର ବିଷୟ ଟଙ୍କା ଖାଇବା ନିଶାରେ ବିଭାଗର ଅଧିକାରିଣୀ ଓ ସୁପର ଭାଇଜରଙ୍କ ମିଳିତ ଯୋଜନାରେ ନିର୍ଦ୍ଦିଷ୍ଟ ସାଇଜର ବ୍ୟାନର ପରିବର୍ତ୍ତେ ୬୦ ଟଙ୍କାରେ ଛୋଟ ବ୍ୟାନର କରି ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଝୁଲେଇ ଦିଆଯାଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ, ସୂଚନା ମୁତାବକ ଜୁଲାଇ ୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଓଜନ ଉତ୍ସବ ଭଲ ଭାବରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ପାଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି, ପ୍ରତି ପିତା ମାତାଙ୍କୁ ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ନିଜ ପିଲାର ଓଜନ ଓ ଉଚ୍ଚତା ମାପି ପୋଷଣ ସ୍ଥିତି ଚିହ୍ନଟ କରିବା ପରେ ଆବଶ୍ୟକୀୟ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ନିଆଯିବା ପାଇଁ ସରକାରୀ ନିର୍ଦ୍ଦେଶ ଦେଇଛନ୍ତି, ସେଥିରେ ବ୍ୟାନର ପାଇଁ ମଧ ଗୁଡିଏ ଟଙ୍କା ଖର୍ଚ୍ଚ କରିଛନ୍ତି ସରକାର କିନ୍ତୁ ସେହି ଟଙ୍କାକୁ ସୁପର ଭାଇଜର ଓ ସିଡିପିଓ ଙ୍କ ମଧୁଚନ୍ଦ୍ରିକାରେ ଗିଳି ଦେଇ ୬୦ ଟଙ୍କାର ଶସ୍ତା ବ୍ୟାନର କରି ପ୍ରତି ଅଙ୍ଗନବାଡି କେନ୍ଦ୍ର ଚାପି ଦିଆଯାଇଥିବା ଲୋକେ ଅଭିଯୋଗ କରିଛନ୍ତି, ତେଣୁ ଏହା ଉପରେ ଜିଲ୍ଲାପାଳ ଓ ମୋହନ ସରକାର ନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ଯାଞ୍ଚ ପାଇଁ ସାଧାରଣ ଲୋକେ ଦାବି କରିଛନ୍ତି, ଲୋକ କହିଛନ୍ତି ସରକାର ଶିଶୁ ବିଭାଗକୁ ଏତେ ଟଙ୍କା ଦେଲେ କିନ୍ତୁ ତାହା ଅଭାବ ପଡିଗଲା କେମିତି।



# ମିସନ ଶକ୍ତିରେ ମହାଦୁର୍ନୀତି

କେନ୍ଦୁଝର/ହାଟଡିହି: ୧୪/୦୭(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲାରେ କିଛିଦିନ ପୂର୍ବରୁ ଗ୍ରାମାଞ୍ଚଳରେ ଏଲଇଡି ଲାଇଟ ଲଗାକୁ ନେଇ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ ଆରମ୍ଭ କରି ତଦନ୍ତ ଜାରି ରଖିଥିବା ବେଳେ, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ୍‌ରେ ପୁଣି ମିସନ ଶକ୍ତି ମହାଦୁର୍ନୀତି




ନେଇ ଦୁର୍ନୀତି ନିବାରଣ ବିଭାଗ ଖୋଳତାଡ଼ ଆରମ୍ଭ ହୋଇଛି। ଗତ ସୋମବାର ଭିଜିଲାନ୍ସ ମିସନ ଶକ୍ତିରେ ଦୁର୍ନୀତିର ତଦନ୍ତ ନିମନ୍ତେ ଆସିଥିଲେ କିନ୍ତୁ କୌଣସି ବିଭାଗୀୟ ଅଧିକାରୀଙ୍କୁ ନପାଇ ଫେରି ଯାଇଥିବା ଜଣା ପଡିଛି। ବିଶ୍ୱସ୍ତ ସୂତ୍ରରୁ ଜଣା ଯାଇଛି ଯେ, ମିସନ ଶକ୍ତି ବିଭାଗ ପକ୍ଷରୁ ପୂର୍ବରୁ ଦିଆ ଯାଇଥିବା ଗୋଷ୍ଠୀ ଋଣରେ ଅନିୟମିତତା ହୋଇଛି। ଏଥିରେ ୧୨ଲକ୍ଷ ଋଣ ଟଙ୍କା ମହିଳା ଗ୍ରୁପ ଏକାଉଣ୍ଟକୁ ନଯାଇ ଜଣେ କର୍ମକର୍ତ୍ତାଙ୍କ ଏକାଉଣ୍ଟକୁ ଯାଇଥିବା ଅଭିଯୋଗ ହୋଇଛି। ସେହିପରି ହାବଳେଶ୍ୱର ପଞ୍ଚାୟତ ସ୍ତରୀୟ ମହାସଂଘରୁ ଦୁଇ ଲକ୍ଷ ମେଡିକାଲ ଖର୍ଚ୍ଚ ଉଠା ଯାଇଛି। ୨୦୨୨ରେ ଶାଢ଼ୀ କିଣିବା ପାଇଁ ୩୦ ହଜାର ଟଙ୍କା ଉଠା ଯାଇ ହେରଫେର କରାଯାଇଛି। ମିସନ ଶକ୍ତି କାଫେ ପାଇଁ ବେନିୟମ ଭାବେ ୫୦ ହଜାର ୭୦୦ ଉଠାଇ ନିଆ ଯାଇଛି ବୋଲି ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିବା ଜଣା ଯାଇଛି। ଏହାର ତଦନ୍ତ ପାଇଁ କେନ୍ଦୁଝର ଭିଜିଲାନ୍ସ ବିଭାଗର ଦୁଇ ଅଧିକାରୀ ବ୍ଲକ୍‌ରେ ପହଞ୍ଚି ରେକର୍ଡ ପତ୍ର ଖୋଜିଥିଲେ ମଧ୍ୟ ଅଧିକାରୀ ଙ୍କ ଅନୁପସ୍ଥିତ ଯୋଗୁଁ ଫେରି ଯାଉଥିବା ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି।

# ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଙ୍କ ମୁଣ୍ଡରେ ଘାଆ ବାହାରିଲା ପୋକ

ଚମ୍ପୁଆ : ୧୪/୭(ରାମକୃଷ୍ଣ ଜିତ ):ଶିକ୍ଷାନୁଷ୍ଠାନକୁ ବିଦ୍ୟାମନ୍ଦିର କୁହାଯାଏ, ଯେଉଁଠାରେ ଶିକ୍ଷକମାନେ ପିଲାଙ୍କର ଦ୍ୱିତୀୟ ଅଭିଭାବକ ଭାବେ କାର୍ଯ୍ୟ କରନ୍ତି। କିନ୍ତୁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତ ବାସୁଦେବପୁର ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ଘଟିଥିବା ଏକ ଘଟଣା ସମସ୍ତଙ୍କୁ ଚକିତ କରିବା ସହ ଶିକ୍ଷା ବ୍ୟବସ୍ଥାରେ ଅବହେଳାର ଚିତ୍ରକୁ ପଦାରେ ପକାଇଛି। ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡରେ ହୋଇଥିବା ଘାଆରେ ପୋକ ସାଲୁବାଲୁ ହେବା ଏବଂ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କମଣ୍ଡ ଗ୍ରାମର କାଳିଆ ମୁଣ୍ଡାଙ୍କ ପୁଅ କପିଳେଶ୍ୱର ମୁଣ୍ଡା ସମ୍ପୃକ୍ତ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିଲେ। ଛୁଟି ପରେ କପିଳେଶ୍ୱର ସ୍କୁଲ ନଆସିବାରୁ ବିଦ୍ୟାଳୟ ପକ୍ଷରୁ ପରିବାରକୁ ଖବର ଦିଆଯାଇଥିଲା। ଏହାପରେ ବାପା କାଳିଆ ପୁଅକୁ ଆଣି ହଷ୍ଟେଲରେ ଛାଡ଼ିଥିଲେ। ସେତେବେଳେ କପିଳେଶ୍ୱରଙ୍କ ମୁଣ୍ଡରେ ଏକ ଘାଆ ଥିଲା। ଅଭିଯୋଗ ହୋଇଛି ଯେ, ହଷ୍ଟେଲ କର୍ତ୍ତୃପକ୍ଷ ଏହି ଘାଆକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଫଳରେ ସଂକ୍ରମଣ ବୃଦ୍ଧି ପାଇ ଘାଆରେ ପୋକ



ହୋଇଯାଇଥିଲା। ଅବସ୍ଥା ଗୁରୁତର ହେବା ପରେ କର୍ତ୍ତୃପକ୍ଷ ତାଙ୍କୁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, କିନ୍ତୁ ପରିସ୍ଥିତି ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣା ସମ୍ପର୍କରେ ପ୍ରତିକ୍ରିୟା ରଖି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାୟକ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଜାଣିବା ପରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତ ନିଜ ସପକ୍ଷରେ ଯୁକ୍ତି ବାଢ଼ି କହିଛନ୍ତି ଯେ, ଛାତ୍ରଙ୍କ ମୁଣ୍ଡରେ ପୂର୍ବରୁ ଘାଆ ଥିଲା ଏବଂ ସେ ସେମାନଙ୍କୁ ଏ ବିଷୟରେ ଜଣାଇ ନଥିଲେ। ଜାଣିବା ପରେ ସେ ତାଙ୍କୁ ଡାକ୍ତରଖାନା ନେଇଥିବା ସେ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ପ୍ରଶ୍ନ ଉଠୁଛି, ହଷ୍ଟେଲରେ ରହୁଥିବା ଜଣେ କୁନି ଛାତ୍ରଙ୍କ ମୁଣ୍ଡର ଘାଆ ପ୍ରତି ଶିକ୍ଷକ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ନଜର କାହିଁକି ପଡ଼ିଲାନି ଯଦି ପିଲାଟି ଘରୁ ଘାଆ ନେଇ ଆସିଥିଲା, ତେବେ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଚିକିତ୍ସା କରାଇବା ବଦଳରେ କାହିଁକି ଅପେକ୍ଷା କଲେ ଅବହେଳା ଯୋଗୁଁ ଜଣେ ନିରୀହ ପିଲା ଯନ୍ତ୍ରଣା ଭୋଗିବା ଏବଂ ଗୁରୁତର ହେବା ଘଟଣା ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ପରପିଣ୍ଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର



କେନ୍ଦୁଝର/ହାଟଡିହି: ୧୪/୦୭(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ବଡ଼ରମ୍ପାସ ଗ୍ରାମ ଅଙ୍ଗନବାଡି-୧ କେନ୍ଦ୍ର ଗତ ୩୫ବର୍ଷ ଧରି ପରପିଣ୍ଡାରେ ଚାଲିଛି। ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ ଏକ ସ୍ଥାୟୀ ନୂତନ ଘର ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଅନେକ ଥର ଦାବି କରିଥିଲେ ମଧ୍ୟ ତାହା ପୂରଣ ହୋଇ ପାରିନାହିଁ। ପ୍ରାପ୍ତ ସୂଚନା ଅନୁଯାୟୀ, ବଡ଼ରମ୍ପାସ ଗ୍ରାମ ଅଙ୍ଗନବାଡି – ୧ କେନ୍ଦ୍ରଟି ୧୯୯୨ ମସିହାରେ ସ୍ଥାପିତ ହୋଇଥିଲା। ସମ୍ପ୍ରତି ଏଠାରେ ୫୦ରୁ ଊର୍ଦ୍ଧ୍ୱ ଶିଶୁ ଶିକ୍ଷାଲାଭ କରି ଆସୁଛନ୍ତି। ଜଣଙ୍କ ବାରଣ୍ଡା ତ କାଲି ଆଉ କାହା ଖଳାବାଡିର ଗଛ ମୂଳେ କୁନି କୁନି ପିଲାଙ୍କୁ ବସାଇ ଶିକ୍ଷାଦାନ କରାଯାଉଛି ଅଙ୍ଗନବାଡ଼ି – ୧ କେନ୍ଦ୍ରରେ। ସେହିପରି ରୋଷେଇ ମଧ୍ୟ ଗାଁ ଲୋକଙ୍କ ଘରେ ପ୍ରସ୍ତୁତ କରି ଆଣି ଶିଶୁଙ୍କୁ ଦିଆଯାଉଛି। କେହି ଦୟା ଦେଖାଇ ନିଜ ରୋଷେଇ ଘର ଛାଡିଲେ ସେହିଠାରେ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ଅଙ୍ଗନବାଡ଼ି ସହାୟିକା। ବର୍ଷା ଦିନେ ଅନେକ ଅସୁବିଧା ଭୋଗୁଥିବା ବେଳେ ପ୍ରାୟ ସମୟରେ ଖାଦ୍ୟପେୟ ପ୍ରସ୍ତୁତ କରାଯାଇ ପାରୁନଥିବା ଅଭିଯୋଗ ହୁଏ। ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ବାବଦରେ ବାରମ୍ବାର ସିଡିପିଓ, ବିଡିଓ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ସ୍ଥାନୀୟ ଜନପ୍ରତିନିଧିଙ୍କ ଦ୍ୱାରା। ଅଳ୍ପ ଦିନ ଭିତରେ ଅଙ୍ଗନବାଡି ଗୃହ ଯୋଗାଇ ଦିଆଯିବ ବୋଲି ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତି କେବଳ ପାଣିର ଗାର ପରି ପାଣିରେ ମିଳାଇ ଯାଇଛି। ସରକାର ପରେ ସରକାର ପରିବର୍ତ୍ତନ ହେଉଛି, କିନ୍ତୁ ଅଙ୍ଗନବାଡ଼ି – ୧ ର ନିଜସ୍ୱ ଗୃହ ନିର୍ମାଣ ହୋଇ ପାରିନାହିଁ।ବ୍ଲକର ଅନ୍ୟ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କର ଗୃହନିର୍ମାଣ ପାଇଁ ଅନୁଦାନ ଆସୁଥିବା ବେଳେ କେତେକ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ନଥାଇ ମଧ୍ୟ ଘର ନିର୍ମାଣ ହୋଇଛି କିନ୍ତୁ ବଡରମ୍ପାସ ଗ୍ରାମ ଅଙ୍ଗନବାଡ଼ି – ୧ ବେଳକୁ କେଉଁଠି ଅସୁବିଧା ରହିଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ଏହାକୁ ଗୁରୁତ୍ୱ ନଦିଏ ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀ କହିଛନ୍ତି।

# ଜାତୀୟ ଏକତା ଓ ଯୁବ ନେତୃତ୍ୱ ଶିବିରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସଫଳତା ହାସଲ କଲେ କେନ୍ଦୁଝରର ୨ ଯୁବକ



କେନ୍ଦୁଝର:୧୪/୦୭(ଦିଲ୍ଲୀପ କୁମାର ସାହୁ) – ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁବ ପ୍ରକଳ୍ପ (ନ୍ୟାସନାଲ ୟୁଥ ପ୍ରୋଜେକ୍ଟ) ଏବଂ ହିମାଚଳ ପ୍ରଦେଶର ଶ୍ରୀ ସାଇ ବିଶ୍ୱବିଦ୍ୟାଳୟ, ପାଲମପୁର ମିଳିତ ସହଯୋଗରେ ଚଳିତ ବର୍ଷ ଜୁଲାଇ ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ଏକତା ଓ ଯୁବ ନେତୃତ୍ୱ ଶିବିରରେ ଓଡ଼ିଶାରୁ ଚୟନିତ ପ୍ରତିନିଧି ଭାବେ କେନ୍ଦୁଝର ଜିଲ୍ଲାର ହେମନ୍ତ ମହାନ୍ତ ଓ ଦିବ୍ୟ ରଞ୍ଜନ ସେଠୀ ସଫଳତାର ସହ ଅଂଶଗ୍ରହଣ କରିଛନ୍ତି। ଏହି ଜାତୀୟ ସ୍ତରୀୟ ଶିବିରରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଶତାଧିକ ଯୁବ ପ୍ରତିନିଧିଙ୍କ ସହ ପଡ଼ୋଶୀ ଦେଶ ନେପାଳର ପ୍ରତିନିଧି ମାନେ ମଧ୍ୟ ଯୋଗ ଦେଇଥିଲେ।ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜାତୀୟ ଏକତା, ଯୁବ ନେତୃତ୍ୱ ବିକାଶ, ସାମାଜିକ ସେବା, ବ୍ୟକ୍ତିତ୍ୱ ବିକାଶ, ସାଂସ୍କୃତିକ ଆଦାନ-ପ୍ରଦାନ ଓ ଦେଶର ବିଭିନ୍ନ ପ୍ରାନ୍ତର ଯୁବଗୋଷ୍ଠି ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା, ନେତୃତ୍ୱ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦଳଗତ କାର୍ଯ୍ୟ, ଯୋଗ, ସାମାଜିକ ସଚେତନତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରେରଣାଦାୟକ ବକ୍ତୃତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସହିତ ହିମାଚଳ ପ୍ରଦେଶର ପ୍ରସିଦ୍ଧ ଧୌଳାଧାର ପର୍ବତମାଳାର ଦୁର୍ଗମ ଟ୍ରେକିଂ ଅଭିଯାନକୁ ଉଭୟ ସଫଳତାର ସହ ସମ୍ପୂର୍ଣ୍ଣ କରିଥିଲେ, ଯାହା ଶିବିରର ଅନ୍ୟତମ ଆକର୍ଷଣ ଥିଲା। ଏହି ଶିବିରରେ ଅଂଶଗ୍ରହଣ କରି ଉଭୟ ପ୍ରତିନିଧି ବିଭିନ୍ନ ରାଜ୍ୟ ଓ ନେପାଳରୁ ଆସିଥିବା ଯୁବମାନଙ୍କ ସହ ଭାବ ବିନିମୟ କରିବା ସହ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଉପସ୍ଥାପନ କରିଥିଲେ । କେନ୍ଦୁଝର ଜିଲ୍ଲାର ହେମନ୍ତ ମହାନ୍ତି ଓ ଦିବ୍ୟ ରଞ୍ଜନ ସେଠୀଙ୍କ ଏହି ସଫଳତା ଜିଲ୍ଲା ତଥା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ପାଲଟିଛି। ଏହି କୃତିତ୍ୱ ପାଇଁ ଉଭୟଙ୍କୁ ଜିଲ୍ଲା ତଥା ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟିଛି।

# ଅଯୋଗ୍ୟ ହାତେଇଛନ୍ତି ଆବାସ ଗୃହ ଯୋଗ୍ୟଙ୍କୁ ଅଣଦେଖା

ଚମ୍ପୁଆ,୧୪।୭:(ରାମକୃଷ୍ଣ ଜିତ ):ଚମ୍ପୁଆ ବ୍ଲକ କୁଟାରିପଶି ପଞ୍ଚାୟତ ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର ଗ୍ରାମ ସଭାରେ ଉତ୍ତେଜନା ଦେଖାଦେଇଛି । ଚମ୍ପୁଆ ବ୍ଲକ କୁଟାରିପଶି ପଞ୍ଚାୟତ କାର୍ଯ୍ୟାଳୟରେ ଆଜି



ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇ ପ୍ରବଳ ହୋଟଗୋଳ ହୋଇଥିଲା । ପଞ୍ଚାୟତର ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚଳିତ ବର୍ଷ ଆବାସ ଯୋଜନାରେ ସାମିଲ ହେବା ତାଲିକା ପ୍ରକାଶ କରାଯିବାକୁ ନେଇ ଆଜି ଗ୍ରାମପଞ୍ଚାୟତ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମସଭା ଆୟୋଜନ କରାଯାଇଥିଲା । ସରପଞ୍ଚ ଜୟରାମ ଚାତାରଙ୍କ ତତ୍ୱାବଧାନରେ ଆୟୋଜିତ ଗ୍ରାମ ସଭାରେ ପ୍ରବଳ ହୋଟଗୋଳ ହୋଇଥିଲା । ଆବାସ ଯୋଜନା ରେ ଯୋଗ୍ୟ ହିତାଧିକାରୀ ଚୟନ ପ୍ରକିୟା ରେ ପଞ୍ଚାୟତ ର ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ କଟିଯାଇଥିବା ଦେଖିବାକୁ ମିଳିଛି । ଫଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଉକ୍ତ ପଞ୍ଚାୟତରେ ସମସ୍ତ ଗ୍ରାମରେ ଚାଲିଥିବା ଘର ସର୍ଭେ ପରେ ପାଇବାକୁ ଥିବା ହିତାଧିକାରୀଙ୍କର ତାଲିକା ଆଜି ପଞ୍ଚାୟତରେ ପ୍ରକାଶ କରାଯିବା ପରେ ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ କଟି ଯାଇଥିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଫଳରେ ବାଧ ହୋଇ ସରପଞ୍ଚ ଗ୍ରାମ ସଭାକୁ ଅଧାରେ ବନ୍ଦ କରିବାକୁ ବାଧ ହୋଇଥିଲେ ।

# ଉପ୍ରା ବିଦ୍ୟାଳୟର ନୂତନ ପରିଚାଳନା କମିଟି

ହରିଚନ୍ଦନପୁର, ୧୪/୭(ଶୂନ୍ୟରଞ୍ଜନ ଘଣା ) : ଶିକ୍ଷା ବିଭାଗର ପତ୍ର ସଂଖ୍ୟା୭୦୬୩/ ୨୬-୬-୨୦୨୬ ଅନୁଯାୟୀ ହରିଚନ୍ଦନପୁର ନୋଡାଲ ଉପ୍ରାସ୍କୁଲର ଆଜି ନୂତନ ପରିଚାଳନା କମିଟି ଗଠନ କରାଯାଇଛି। କମିଟିରେ ୧୫ ଜଣ



ଅଭିଭାବକ, ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ଆଶା ଓ ୱାର୍ଡସଭ୍ୟ ରହିବେ ବୋଲି ସରକାର ନିୟମ କରିଛନ୍ତି। ପ୍ରଧାନଶିକ୍ଷକ ମାୟାଧର ମହାନ୍ତଙ୍କ ସଭାପତିତ୍ୱରେ ଅଭିଭାବକଙ୍କର ଏକ ବୈଠକ ବସିଥିଲା । ସମ୍ମତିକ୍ରମେ ଅଭିଭାବକ କିଷନ ମୁଣ୍ଡା ନୂତନ ପରିଚାଳନା କମିଟିର ଅଧକ୍ଷ, ଯଶୋମତି ସାହୁ ଉପାଧକ୍ଷା ଏବଂ ଅନ୍ୟ ସଦସ୍ୟମାନେ ମନୋନୀତ ହୋଇଛନ୍ତି । ସ୍କୁଲର ଶିକ୍ଷା ସମେତ ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟପାଇଁ ନୂତନ ସଦସ୍ୟମାନେ ଶପଥ ପାଠ କରିଥିଲେ । ଶିକ୍ଷକଶିକ୍ଷୟିତ୍ରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## ରଥଯାତ୍ରା ଡ୍ୟୁଟି କରିବାକୁ ଯାଇ ହୋମଗାର୍ଡଙ୍କ ମୃତ୍ୟୁ ଘଟଣା

# ୧ କୋଟି ଟଙ୍କା ଅନୁକମ୍ପା ରାଶି ଦାବି କଲା ଓଡ଼ିଶା କୁଡୁମୀ ସେନା

କେନ୍ଦୁଝର:୧୪/୦୭ (ଦିଲ୍ଲୀପ କୁମାର ସାହୁ) – ରଥଯାତ୍ରା ଡ୍ୟୁଟି କରିବାକୁ ଯାଇ ପୁରୀରେ ମୃତ୍ୟୁବରଣ କରିଥିବା କେନ୍ଦୁଝର ଜିଲ୍ଲାର ଜଣେ ହୋମଗାର୍ଡଙ୍କ ପରିବାରକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବା ସହ ୧ କୋଟି ଟଙ୍କା ଅନୁକମ୍ପା ରାଶି, ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଏବଂ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଓଡ଼ିଶା କୁଡୁମୀ ସେନା। ଏନେଇ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମର ଜଣେ ହୋମଗାର୍ଡ କାର୍ଯ୍ୟରତ ଅବସ୍ଥାରେ ପୁରୀରେ ଗତ ୧୨ ତାରିଖରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ସମଗ୍ର କେନ୍ଦୁଝର ଜିଲ୍ଲାରେ ଶୋକର ବାତାବରଣ ସୃଷ୍ଟି କରିବା ସହ ସରକାରୀ କର୍ମଚାରୀଙ୍କ ସୁରକ୍ଷା ଓ କଲ୍ୟାଣକୁ ନେଇ ପ୍ରଶ୍ନ ଉଠିଛି। ଓଡ଼ିଶା କୁଡୁମୀ ସେନା ପକ୍ଷରୁ କୁହାଯାଇଛି ଯେ, ସାଧାରଣ ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁ ଘଟିଲେ ସରକାର ପକ୍ଷରୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉଛି।


ଜୟ ଗୋରାମ
ଓଡ଼ିଶା କୁଡୁମୀ ସେନା
ODISHA KUDUMI SENA
Regd. No 41302100437
Sl No. ... Ref ......... Date ...

କିନ୍ତୁ କାର୍ଯ୍ୟରତ ଅବସ୍ଥାରେ ଜଣେ ସରକାରୀ କର୍ମଚାରୀ ମୃତ୍ୟୁ ବରଣ କରିବା ପରେ ତାଙ୍କ ପରିବାରକୁ ଯଥେଷ୍ଟ ସହାୟତା ମିଳିବା ଉଚିତ ବୋଲି ସଂଗଠନ ମତ ପ୍ରକାଶ କରିଛି। ବିଶେଷକରି ଏହି ଘଟଣା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝର ସହ ସମ୍ପୃକ୍ତି ଥିବାରୁ ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ ବୋଲି ସଂଗଠନ ଦାବି କରିଛି। ଦାବିପତ୍ରରେ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ରାଶି, ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ସରକାରୀ ଚାକିରି, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୃତକଙ୍କ ସନ୍ତାନ ମାନଙ୍କ ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶା କୁଡୁମୀ ସେନାର ରାଜ୍ୟ ଯୁବ ସମ୍ପାଦକ ବିଶ୍ୱଜିତ ମହାନ୍ତ, ରାଜ୍ୟ କୋଷାଧ୍ୟକ୍ଷ ଓ ମିଡିଆ ପ୍ରମୁଖ ଲମ୍ବୋଦର ମହାନ୍ତ, ଉପଦେଷ୍ଟା ବିନୋଦ ବିହାରୀ ମହାନ୍ତ, ସଦର ବ୍ଲକ ସଭାପତି ରଘୁନାଥ ମହାନ୍ତ, ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତଙ୍କ ସମେତ ଧର୍ମେନ୍ଦ୍ର ମହାନ୍ତ, ଗୁରୁଚରଣ ମହାନ୍ତ, ନନ୍ଦକିଶୋର ମହାନ୍ତ, ବନମାଳୀ ମହାନ୍ତ, ହେମନ୍ତ କୁମାର ମହାନ୍ତ, ଉଦ୍ଧବ ମହାନ୍ତ ଓ ପିତାମ୍ବର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ହାଟଡିହି ବ୍ଲକ ମିସନଶକ୍ତି ବିଭାଗରେ ଭିଜିଲାନ୍ସ



ହାଟଡିହି: ୧୪/୭ (ଅମୀୟ ବରାଳ) – କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମିଶନ ଶକ୍ତି ବିଭାଗରେ ଟଙ୍କା କାରବାରକୁ ନେଇ ହୋଇଥିବା ଦୁର୍ନୀତିର ଖୋଳତାଡ କରିଛି ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍। ଗତକାଲି ଆଜି ମଧ୍ୟରେ ଭିଜିଲାନ୍ସର ଡିଏସପି ସୁଧାଂଶୁ ଶେଖର ପୂଜାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ହାଟଡିହି ବ୍ଲକ ମିଶନ ଶକ୍ତି ବିଭାଗରେ କାଗଜ ପତ୍ର ଯାଞ୍ଚ କରାଯାଇ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ ମିଶନ ଶକ୍ତି ବିଭାଗ ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଦିଆଯାଇଥିବା ୧୨ ଲକ୍ଷ ଟଙ୍କା ଜମା ଖାତାକୁ ନ ଯାଇ ଜଣଙ୍କ ଜମା ଖାତାରେ ଡିପୋଜିଟ୍ ହୋଇଛି। ୨୦୨୨ ମସିହାରେ ଶାଢ଼ୀ କିଣା ବାବଦରେ ୩୦ ହଜାର ଟଙ୍କା ଆତ୍ମସାତ୍ କରିଥିବା ବେଳେ, ହାବଳେଶ୍ୱର ପଞ୍ଚାୟତ ମହାସଂଘ ପକ୍ଷରୁ ୨ ଲକ୍ଷ ଟଙ୍କା ମେଡିକାଲ ଖର୍ଚ୍ଚ ଉଠେଇ ଥିବା ବେଳେ ବ୍ଲକ ପରିସରରେ ମିଶନ ଶକ୍ତି କାଫେ ସମ୍ପୂର୍ଣ୍ଣ ବନ୍ଦ ହେଇଗଲା ପରେ ୫୦ହଜାର ୭୦୦ ଟଙ୍କା ବ୍ୟୟ ନାଁ ରେ ଉଠାଇଥିବା ଜଣାପଡିଛି। ଏହି ଭିଜିଲାନ୍ସର ଖୋଳତାଡ ଆବଶ୍ୟକ କାଗଜପତ୍ରର ତଦନ୍ତ ସମୟରେ ମିଶନ ଶକ୍ତି ବିଭାଗର ଜଣେ ମହିଳା ଅଧିକାରୀ ବାହାରକୁ ଖସି ପଳାଇଯାଇଥିବା ବେଳେ, ଏଥିରେ କୁଜିନେତାଙ୍କ ଛତ୍ରଛାୟା ତଳେ ରହିଥିବା ଚତୁରୀ ମହିଳା ସମ୍ପୃକ୍ତ ଥିବା ଆଲୋଚନା ଜୋର ଧରିଛି।

# ଶିକ୍ଷକଙ୍କ ପ୍ରେରଣା ପ୍ରଶିକ୍ଷଣ ଶିବିର



ହରିଚନ୍ଦନପୁର, ୧୪/୭(ଶୂନ୍ୟରଞ୍ଜନ ଘଣା ) : ହରିଚନ୍ଦନପୁର ବାଳିକା ହାଇସ୍କୁଲ ପରିସରରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ କନିଷ୍ଠ ଶିକ୍ଷକଙ୍କ ୫ ଦିନିଆ ପ୍ରେରଣା ପ୍ରଶିକ୍ଷଣ ଶିବିର ୫ ଆରମ୍ଭ ହୋଇଛି । ଶିବିରରେ ୮୮ ଜଣ କନିଷ୍ଠ ଶିକ୍ଷକ ଅଂଶ ଗ୍ରହଣ କରିଛନ୍ତି। ଶିବିରକୁ ଏବିଇଓ ସତ୍ୟବ୍ରତ ରାଉତ ଓ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ ଅତିଥି ଭାବେ ଯେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ପ୍ରଶିକ୍ଷକ ଭାବେ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ, ଅଜିତ କୁମାର ସାହୁ, ଜ୍ଞାନଚାନ୍ଦ ସାହୁ ଓ ଲକ୍ଷ୍ମୀଧର ମହାନ୍ତ ଯୋଗଦେଇ ବିଦ୍ୟାଳୟ ଚାଳନା, ଗୁଣାତ୍ମକ ଶିକ୍ଷା ପ୍ରଦାନ, ବିଦ୍ୟାଳୟ ବିକାଶ, ଶ୍ରେଣୀ ପରିଚାଳନା, ଗୋଷ୍ଠୀ ସହଭାଗିତା ଆଦି ସଂପର୍କରେ ତାଲିମ ପ୍ରଦାନ କରୁଛନ୍ତି। ସିଆରସିସି ଡମ୍ବରୁଧର ପାତ୍ର, ନିର୍ମଳ କୁମାର ମହାନ୍ତ ପ୍ରମୁଖ ଶିବିର ପରିଚାଳନା କରୁଛନ୍ତି ।

# ନିୟମକୁ ଫୁଁ କରି ଶିକ୍ଷକ ମନମାନୀ: ବିଳମ୍ବରେ ବିଦ୍ୟାଳୟ ଆସୁଥିବାରୁ ବିଇଓଙ୍କ ନିର୍ଦ୍ଦେଶରେ ସିଆରସିସିଙ୍କ ତାଗିଦ୍

ଚମ୍ପୁଆ, ୧୪/୭:(ରାମକୃଷ୍ଣ ଜିତ) :ଚମ୍ପୁଆ ବ୍ଲକ ଅନ୍ତର୍ଗତ କେ.ବି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଠିକ୍ ସମୟରେ ଉପସ୍ଥିତି ନେଇ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ନିୟମିତ ଭାବେ ବିଦ୍ୟାଳୟକୁ ବିଳମ୍ବରେ ଆସୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା।ଏ ସମ୍ପର୍କରେ ସ୍ଥାନୀୟ ଅଭିଭାବକ ଓ ସଚେତନ ନାଗରିକଙ୍କ ପକ୍ଷରୁ ଚମ୍ପୁଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଫୋନ୍ ମାଧ୍ୟମରେ ସୂଚିତ କରାଯାଇଥିଲା। ଅଭିଯୋଗକୁ ଗୁରୁତର ସହ ନେଇ ବିଇଓ ତୁରନ୍ତ ଭଣ୍ଡା ସିଆରସି ଙ୍କୁ ଉକ୍ତ ବିଦ୍ୟାଳୟକୁ ପଠାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆରସି ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଠିକ୍ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ କଡ଼ା ତାଗିଦ୍ କରିଥିବା ଜଣାପଡ଼ିଛି। ଶିକ୍ଷା ବିଭାଗର ନିୟମ ଅନୁଯାୟୀ, ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଦ୍ୟାଳୟର ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ପ୍ରାର୍ଥନା ସମୟ ପୂର୍ବରୁ ବିଦ୍ୟାଳୟରେ ଉପସ୍ଥିତ ରହିବା ବାଧ୍ୟତାମୂଳକ।



ବିଳମ୍ବରେ ଆସିବା କିମ୍ବା ବିନା ସୂଚନାରେ ଅନୁପସ୍ଥିତ ରହିବା ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ନିୟମାବଳୀ ଅନୁସାରେ, ଏପରି ଆଚରଣ କର୍ତ୍ତବ୍ୟରେ ଅବହେଳା ଭାବେ ବିବେଚନା କରାଯାଇଥାଏ ଏବଂ ଏଥିପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏହି ଘଟଣା ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଶିକ୍ଷା ବିଭାଗର ସୁଧାର ମୂଳକ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଏହି ଶୃଙ୍ଖଳା ବଜାୟ ରହିବ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଚତୁର୍ଥୀ ଭୋଜିରେ ଗିଫ୍ଟ ପରିବର୍ତ୍ତେ ଚାରା ବାଣ୍ଟିଲେ ନବ ଦମ୍ପତି

ହାଟଡିହି: ୧୪/୭ (ଅମୀୟ ବରାଳ) – ଚତୁର୍ଥୀ ଭୋଜି ଉତ୍ସବରେ ଚାରା ରା ବଣ୍ଟନ କରି ସଚେତନତା ସୃଷ୍ଟି କରିଛନ୍ତି ନବ ଦମ୍ପତି । ପ୍ରକୃତି ଓ ପରିବେଶର ସୁର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ଥିବା ଶାସଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପତିଙ୍କ ପୁଅ ପୁଅ ପଦ୍ମାସନଙ୍କ ବିବାହ ଉତ୍ସବରେ ଶୁଭେଚ୍ଛା ଜଣାଇବାକୁ ଆସୁ ଥିବା ଅତିଥି ମାନଙ୍କୁ ପୁଅ ପଦ୍ମାସନ ଓ ବୋହୁ ଶୈଳବାଳ )ଳା ଚାରାଟିଏ ଉପହାର ସ୍ୱରୂପ ଦେଇଥ୍— ଥିଲେ। ଏଥି ସହ ପରିବେଶର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ ଇଥିଲେ। ମା" ପାଇଁ ଗଛ ଟିଏ, ବୃକ୍ଷ ଷାରେ ହିଁ ଜୀବନ ତାହାକୁ ସମସ୍ତେ ବୁଝି ନିଜ ନିଜର ଜନ୍ମଦିନ ଓ ବିବାହ ବାର୍ଷିକୀରେ ଚା ଚାରାରୋପଣ କରି ପରିବେଶ ସୁରକ୍ଷା ନିଜର ଭାଗିଦାରିତା ବ ବଜାୟ ରଖନ୍ତୁ ବୋଲି ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପତି କହିଛନ୍ତି କହିଛ । ଏହି ଚତୁର୍ଥୀ ଭୋଜି ରେରେ ବିଧାୟକ ଅଭିମନ୍ୟୁ ସେଠୀ, ବିଜେପି ନେତା ଆଲୋକ, ବ୍ଲକ ଉ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ବିନୟ ନାୟକ, ଶିଶିର କୁମାର ବିଶ୍ୱାଳ, ମାଧବାନନ୍ଦ ଜେନା, ଶାନ୍ତନୁ କୁମାର ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଚାରା ବଣ୍ଟନ କରିବା ସହିତ ଚାରା ରୋପଣ କାର୍ଯ୍ୟକ୍ରମ ସ୍ୱାଗତ କରିଥିଲେ।

# ବିଦେଶୀ ମଦ ଦୋକାନରେ ଭଙ୍ଗାରୁଜା ଘଟଣାରେ ୮୦ରୁ ଉର୍ଦ୍ଧଙ୍କ ନାମରେ ମାମଲା

କେନ୍ଦୁଝର/ପାଟଣା:୧୪/୦୭(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲା ପାଟଣା ବ୍ଲକ ଗୋଡ଼ିପୋଖରୀ ଗ୍ରାମରେ ଥିବା ରେଙ୍ଗାଳବେଡ଼ା ସରକାରୀ ମଦ ଦୋକାନକୁ ବିରୋଧ କରି ଗତ ରବିବାର ସ୍ଥାନୀୟ ମହିଳା ଏବଂ ପୁରୁଷ ମଦ ଦୋକାନ ଭିତରେ ପଶି ଭଙ୍ଗାରୁଜା କରିଥିଲେ। ଦୋକାନ ଭିତରୁ ପେଟି ପେଟି ମଦ ବୋହି ଆଣି ଭାଙ୍ଗିଥିଲେ। ଏହି ଘଟଣାରେ ପୋଲିସ ଗୋଡ଼ିପୋଖରୀ ଗ୍ରାମର ୮୦ରୁ ଉର୍ଦ୍ଧ ମହିଳା ଓ ପୁରୁଷଙ୍କ ନାମରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଦ ଦୋକାନ ସ୍ଥାନାନ୍ତର ଦାବିରେ ଶତାଧିକ ମହିଳା ଶୋଭାଯାତ୍ରା କରି ମଦ ଦୋକାନ ନିକଟରେ ପହଞ୍ଚିଥିଲେ ଏବଂ ପରେ ମହିଳାମାନେ ଦୋକାନ ଭିତରକୁ ପ୍ରବେଶ କରି ପେଟି, ପେଟି ମଦ ବାହାରକୁ ଆଣି ବୋତଲ ଭାଙ୍ଗି ଦେଇଥିଲେ। ଏନେଇ ମଦ ଦୋକାନ ମାଲିକ ପ୍ରୀତମ ମହାପାତ୍ର ସୋମବାର ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ପୋଲିସ ମାମଲା(ନଂ.୧୮୨/୨୬) ରୁଜୁ କରି ୮୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷଙ୍କ ନାମରେ ମାମଲା ରୁଜୁ କରିଛି। ଭାରପ୍ରାପ୍ତ ଥାନା ଅଧିକାରୀ ସବିତା ନାଏକ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।



ବୁଧବାର ୧୫।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ଗୋପବନ୍ଧୁଙ୍କ ଶ୍ରଦ୍ଧା ଦିବସ ପାଳିତ

ନିମାପଡ଼ା, ୧୪/୭(ବିଜୟ କୁମାର ବେହେରା ): ନିମାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି ।ଏହି ଅବସରରେ ନିମାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ସଂଘର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଆୟୋଜିତ ଆଲୋଚନାଚକ୍ରରେ ଗୋପବନ୍ଧୁ ଦାସଙ୍କ ସମାଜର ପ୍ରତିଷ୍ଠାତା ତଥା ସାମ୍ବାଦିକ ମାନଙ୍କର ପ୍ରେରଣା ଓ ଆଦର୍ଶ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ବହୁତ୍ ସାମ୍ବାଦିକ ସଂକଳ୍ପ ନେଇଥିଲେ ।ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ଅରୁଣ ମହାପାତ୍ର, ସାଧାରଣ ସମ୍ପାଦକ ଅଶୋକ ବେହେରା, ସହ-ସମ୍ପାଦକ ଅଜିତ ରଞ୍ଜନ ସାହୁ ଓ ଶିଶିର ସ୍ୱାଇଁ, କୋଷାଧକ୍ଷ ଶାନ୍ତନୁ ମହାନ୍ତି, ଉପଦେଷ୍ଟା ରାଜକିଶୋର ଦାସ , ଚିତ୍ତ ରଞ୍ଜନ ମହାନ୍ତି ଓ ଡଃ.କେଦାରନାଥ ସାହୁଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ବିବେକାନନ୍ଦ ସେଠୀ, ସତ୍ୟମ୍ ଜୋସେଫ ଲେଙ୍କା, ସିଦ୍ଧାର୍ଥ ଶେଖର, ନିବେଦିତା ମିଶ୍ର, ରଞ୍ଜନ ଦାଶ, ସୁରେଶ ମହାନ୍ତି,ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍କଳମଣିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶତପଥୀଙ୍କ ବିୟୋଗରେ ଶୋକ

ପାରଳାଖେମୁଣ୍ଡି, ୧୪/୭(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ମାଟିର ଜଣେ ଯୋଗ୍ୟ ସନ୍ତାନ, ବିଶିଷ୍ଟ ପ୍ରାବନ୍ଧିକ ତଥା ଜାତୀୟ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଶତପଥୀଙ୍କ ଆଜି ବିୟୋଗ ଘଟିଛି. ତାଙ୍କର ବିୟୋଗ ଶିକ୍ଷା ଓ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ଭଳି ଜଣେ ବହୁମୁଖୀ ପ୍ରତିଭାଧାରୀ ଓ ଅମ୍ଳାନ ବ୍ୟକ୍ତିତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ପୂର୍ବତନ ପାରଳା ବିଧାୟକ ତଥା ବିଜେପି ରାଜ୍ୟ ଉପ ସଭାପତି କେ. ନାରାୟଣ ରାଓ, ପାରଳା ପୌରାଧକ୍ଷା ନିର୍ମଳା ସେଠୀ, ପୂର୍ବତନ ନଗରପାଳ ବାବୁଲା ପଟ୍ଟନାୟକ, ପୂର୍ବତନ ଉପନଗରପାଳ ଦେବେନ୍ଦ୍ର ଦାସ ଓ ଅଭିମନ୍ୟୁ ପଣ୍ଡା, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଗଜପତି ଜିଲ୍ଲା ଏସୟୁଜେ ସାମ୍ବାଦିକ ସଂଘର ସଭାପତି ଗରୁଡ଼ ଧ୍ୱଜ ଚୌଧୁରୀ, ସାଧାରଣ ସମ୍ପାଦକ ତାରିଣୀ ପ୍ରସାଦ ପଣ୍ଡା ପ୍ରମୁଖଙ୍କ ସମେତ ପାରଳା ସହରର ବହୁ ବ୍ୟକ୍ତିବିଶେଷ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇଛନ୍ତି।

### ଛାତ୍ରଛାତ୍ରୀଙ୍କ ପାଇଁ ଅରୁଚିକର ସେଣ୍ଟ୍ରାଲ କିଚେନ୍ ମଧ୍ୟାହ୍ନ ଭୋଜନ

# ବିଦ୍ୟାଳୟରେ ରୋଷେଇ କରି ଖାଇବାକୁ ଦେବାକୁ ଦାବି

ବେଲଗୁଣ୍ଠା,୧୪/୦୭, (ଅକ୍ଷର ଓଡିଶା )ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ସହିତ ସେମାନଙ୍କୁ ଆବଶ୍ୟକ ପୋଷଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତି ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସରକାର ଯୋଗାଇଦେଉଛନ୍ତି ଉନ୍ନତ ମାନର ମଧ୍ୟାହ୍ନ ଭୋଜନ । ଗଞ୍ଜାମ ଜିଲ୍ଲାର ସବୁଠି ସ୍କୁଲ ଭିତରେ ନିଯୁକ୍ତ ପାଚିକା ମାନଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ବେଳେ କେବଳ ବେଲଗୁଣ୍ଠା ବ୍ଲକରେ ମହିଳା ସଂଚରିକା ଗୋଷ୍ଠୀ ରନ୍ଧା ଖାଦ୍ୟ ବଣ୍ଟନ କରୁଛି । କିନ୍ତୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି ଯେ ଏହି ଗୋଷ୍ଠୀ ଅତି ନିମ୍ନ ମାନର ଖାଦ୍ୟ ବଣ୍ଟନ କରି କୋଟି କୋଟି ଟଙ୍କା ହରିଲୁଟ୍ କରୁଛି। ବେଲଗୁଣ୍ଠା ବ୍ଲକ୍ ସେଣ୍ଟ୍ରାଲ କିଚେନରୁ ପ୍ରତିଦିନ ଗାଡ଼ିରେ ଲୋଡ୍ ହୋଇ ପ୍ରତି ସ୍କୁଲରେ ପହଞ୍ଚୁଛି ରନ୍ଧା ଖାଦ୍ୟ ।ପାଚିକାମାନେ ରନ୍ଧା ଖାଦ୍ୟ ପିଲାଙ୍କୁ ବଣ୍ଟନ କରୁଛନ୍ତି । କିନ୍ତୁ ଛାତ୍ରଛାତ୍ରୀଙ୍କୁ ରୁଚୁନି ଟାଣ ଭାତକୁ ପାଣିଆ ତରକାରୀ। ପିଲାଏ ଅଳ୍ପ ଖାଉଛନ୍ତି ଅଧିକ ଫୋପାଡୁଛନ୍ତି ।ସ୍କୁଲ ର ଅଧିକାଂଶ ପିଲାଏ ଘରୁ ଆଣିଥିବା ଟିଫିନ୍ ଖାଦ୍ୟ ବସି ଖାଉଛନ୍ତି । ଏ ଅଭାବନୀୟ ଦୃଶ୍ୟ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକର ବିଭିନ୍ନ ସ୍କୁଲରେ ଦେଖିବାକୁ ମିଳୁଛି । ଗୋଠଳି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୨୦ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।ପ୍ରତିଦିନ ସେମାନଙ୍କ ପାଇଁ



ରନ୍ଧା ଖାଦ୍ୟ ଆସୁଛି ।ହେଲେ ପିଲାଏ ଖାଇବାକୁ ଆସୁନଥିବାରୁ ପାଚିକା ମାନେ ଡାକି ଡାକି ପିଲାଙ୍କୁ ଖାଦ୍ୟ ବାଢ଼ି ଦେଉଛନ୍ତି ।ରନ୍ଧାଖାଦ୍ୟ ଅତି ନିମ୍ନ ମାନର ହୋଇଥିବାରୁ ପିଲାଏ ଗୁଣ୍ଡାଏ ଖାଇ ସବୁତକ ତଳେ ଢାଳି ଦେଉଥିବା ଦେଖିବାକୁ ମିଳିଛି ।ଟାଣ ଭାତ ସାଙ୍ଗକୁ ପାଣିଆ ଡାଲି ଖାଇଲେ ଦେହ ଖରାପ ହେଉଛି। ସେଥିପାଇଁ ବାଧହୋଇ ଘରୁ ଆଣିଥିବା ଖାଦ୍ୟ ଖାଉଛନ୍ତି ଛାତ୍ର ଛାତ୍ରୀ ।ସ୍କୁଲରେ ନିଯୁକ୍ତି ପାଇଥିବା ପାଚିକା ଓ ସହାୟିକା ମାନେ ରୋଷେଇ ନକରି କେବଳ ଦରମା ପାଉଥିବା କହିଛନ୍ତି । ତେଣୁ ପୂର୍ବଭଳି ବିଦ୍ୟାଳୟରେ ରୋଷେଇ କରି ଖାଦ୍ୟ ବଣ୍ଟନ କରିବାକୁ ଦାବି ହୋଇଛି । ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲାରେ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା ସେଣ୍ଟ୍ରାଲ କିଚେନ ଯୋଜନା । ବେଲଗୁଣ୍ଠା,ଭଞ୍ଜନଗର, ଜଗନ୍ନାଥପ୍ରସାଦ ର ମୋଟ ୧୨୩ ଟି ସ୍କୁଲର ୧୪ ହଜାର ରୁ ଅଧିକ ପିଲାଙ୍କୁ ସେଣ୍ଟ୍ରାଲ କିଚେନ ଯୋଜନାରେ ମଧ୍ୟାହ୍ନ ଭୋଜନ ରୋଷେଇ କରି ଯୋଗାଉଛି ମହିଳା ସଂଚୟିକା ଗୋଷ୍ଠୀ ।ଏହି ସଂସ୍ଥାକୁ ସରକାର ଚାଉଳ ଯୋଗାଇ ଦେଉଥିବା ବେଳେ ସରକାରଙ୍କ ସ୍ଥିରୀକୃତ ଖାଦ୍ୟ ଚାଟ୍ ରେ ଥିବା ରୋଷେଇ ବାବଦକୁ ପ୍ରାଥମିକ ଛାତ୍ର ଛାତ୍ରୀଙ୍କ ପିଛା ୧୧ ଟଙ୍କା ୧୫ ପଇସା,ଉଚ୍ଚ ପ୍ରାଥମିକ ଛାତ୍ର ଛାତ୍ରୀ ପିଛା ୧୪ ଟଙ୍କା ୭୪ ପଇସା ଯୋଗାଇ ଦେଉଛନ୍ତି ସରକାର ।ପିଲାଙ୍କ ପାଇଁ ଅଣ୍ଡା,ସୋୟାବଡ଼ି,ମାଣ୍ଡିଆ ଲଡୁ, ନିରାମିଷ ଖାଉଥିବା ପିଲାଙ୍କୁ କଦଳୀ ଯୋଗାଇ ଦେଉଛନ୍ତି ସରକାର ।ହେଲେ ଏହି ସଂସ୍ଥା ଅତି ନିମ୍ନ ମାନର ରନ୍ଧା ଖାଦ୍ୟ ଯୋଗାଇ ମାସିକ କୋଟି କୋଟି ଟଙ୍କା ହରିଲୁଟ୍ କରୁଥିବା ଅଭିଯୋଗ ହୋଇଛି ।ଅନ୍ୟପଟେ ଖାଦ୍ୟ ନିମ୍ନ ମାନର ଦିଆଯାଉଥିବା କଥା କୁ ଅସ୍ୱୀକାର କରିଛନ୍ତି ମହିଳା ସଂଚରିକା ସଙ୍ଘ୍ ର ମୁଖ୍ୟ ପରିଚାଳକ ।ଖାଦ୍ୟର ମାନକୁ ପ୍ରତିମାସରେ ଯାଞ୍ଚ ପାଇଁ ଲ୍ୟାବ କୁ ପଠା ଯାଉଛି ।ଖାଦ୍ୟର ମାନ ଠିକ୍ ଅଛିକି ନାହିଁ ଜାଣିବା ପ୍ରତି ସ୍କୁଲ କୁ ଯାଇ ମନିଟରିଂ କରୁଥିବା କଥା ସେ ସଫେଇ ଦେଇଛନ୍ତି ।

## ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ

ଆସିକା, ୧୪/୦୭/୨(ଅକ୍ଷର ଓଡିଶା )ଆସିକା ପଞ୍ଚାୟତ ସମିତି ସଭା କକ୍ଷରେ ପଞ୍ଚାୟତ ଡେଭେଲପମେଣ୍ଟ ପ୍ଲାନ୍ ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତର ବିକାଶ ଯୋଜନାକୁ ଅଧିକ ସୁଦୃଢ଼, ଅଂଶଗ୍ରହଣମୂଳକ ଓ ଆବଶ୍ୟକତାଭିତ୍ତିକ କରିବା ଏହି ପ୍ରଶିକ୍ଷଣର ମୂଳ



ଉଦ୍ଦେଶ୍ୟ ଥିଲା। ପଞ୍ଚାୟତ ବିକାଶ ଯୋଜନା ର ପ୍ରକ୍ରିୟା ଗ୍ରାମ ସ୍ତରରେ ଅର୍ଥନୈତିକ ଉନ୍ନତି ଓ ସାମାଜିକ ନ୍ୟାୟକୁ ଆଧାର କରି ପ୍ରସ୍ତୁତ କରାଯାଏ। ଏହି ପ୍ରଶିକ୍ଷଣରେ ଏବିଡିଓ ସୁଶାନ୍ତ କୁମାର ବେହେରା ଜିପିଓ ରାଜଶ୍ରୀ ଦାସ , ସିପି ଦେବେନ୍ଦ୍ର ପାତ୍ର ଏବଂ ପିଇଓ ସୁଶାନ୍ତ କୁମାର ନାୟକ ଉପସ୍ଥିତ ରହି ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି, ଗ୍ରାମସଭାର ଭୂମିକା, ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ, ସ୍ଥାନୀୟ ସମସ୍ୟାର ଚିହ୍ନଟ ଏବଂ ଉନ୍ନୟନ କାର୍ଯ୍ୟର ପ୍ରାଥମିକତା ନିର୍ଦ୍ଧାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।ପ୍ରଶିକ୍ଷଣରେ ଉପସ୍ଥିତ ପଞ୍ଚାୟତ ସ୍ତରର କର୍ମଚାରୀମାନେ ବିଭିନ୍ନ ବିଷୟରେ ସନ୍ଦେହ ନିରସନ କରିବା ସହ ଗ୍ରାମ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ସଠିକ୍ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷଣ ଶେଷରେ ଅଂଶଗ୍ରହଣକାରୀମାନେ ଏଭଳି କାର୍ଯ୍ୟକ୍ରମ ସ୍ଥାନୀୟ ଉନ୍ନୟନ ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବ ବୋଲି ମତ ପ୍ରକାଶ କରିଥିଲେ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ପାଳିତ



ନୂଆପଡ଼ା, - ୧୪/୦୭( ଅକ୍ଷର ଓଡିଶା ) ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଅବସରରେ ନୂଆପଡ଼ା ସଦରମହକୁମାସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ସଂସ୍କୃତି ପରିଷଦ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳମଣିଙ୍କ ଜୀବନାଦର୍ଶ ଓ ଲୋକସେବା ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପ୍ରକୃତ ସାମ୍ବାଦିକମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇ ସମାଜର ବାସ୍ତବ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ପ୍ରଶାସନକୁ ସକାରାତ୍ମକ ସହଯୋଗ କରିଥାନ୍ତି। ଉତ୍କଳମଣିଙ୍କ ଦ୍ୱାରା ପ୍ରତିଷ୍ଠିତ 'ସମାଜ' କେବଳ ଏକ ଖବରକାଗଜ ନ ଥିଲା, ବରଂ ଏହା ଜନଜାଗରଣ ଓ ଲୋକସେବାର ଏକ ସଶକ୍ତ ଆନ୍ଦୋଳନ ଥିଲା। ଆଗାମୀ ପିଢ଼ିକୁ ଗୋପବନ୍ଧୁଙ୍କ ଜୀବନୀ ପଢ଼ିବାକୁ ପ୍ରେରିତ କରିବା ଏବଂ ତାଙ୍କ ଆଦର୍ଶକୁ ଅନୁସରଣ ଓ ଅନୁକରଣ କରିବା ହିଁ ତାଙ୍କ ପ୍ରତି ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରବୋଧ କୁମାର ହୋତା ଯୋଗଦେଇ ଉତ୍କଳମଣିଙ୍କ ଜୀବନଦର୍ଶନ, ସମାଜସେବା, ଶିକ୍ଷା, ସାମ୍ବାଦିକତା ଓ ଜାତି ଗଠନରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, 'ସମାଜ'ର ଜିଲ୍ଲା ପ୍ରତିନିଧି ସୀମାଞ୍ଚଳ ମହାପାତ୍ର ପ୍ରମୁଖ ଗୋପବନ୍ଧୁଙ୍କଆଦର୍ଶ ଓ ମାନବସେବାର ଦର୍ଶନ ଉପରେ ମତବ୍ୟକ୍ତ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କର୍ଲାମୁଣ୍ଡା ବ୍ଲକରେ ମାଲ ମାଲ ଦୁର୍ନୀତି ପ୍ରଶାସନ ଢ଼ାଲ ସାଜିଛି

କଳାହାଣ୍ଡି/୧୪/୭//(ଅକ୍ଷର ଓଡ଼ିଶା)କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ଗ୍ରାମ ପଞ୍ଚାୟତ ସିଲେଟପଡ଼ା ଗ୍ରାମରେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗାଁର ଜନୈକ ବ୍ୟକ୍ତି ତାଙ୍କ ନିଜ ଚାଷ ଜମିରେ ରାସ୍ତା ନ ଥିବା ଏକ ସ୍ଥାନରେ ତିନି ଲକ୍ଷ ଟଙ୍କା ଅଟକଳରେ କମ୍ୟୁନିଟି ହଲ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନରୁ ଆରମ୍ଭ କରିଛନ୍ତି। ଉକ୍ତ ନିର୍ମାଣ କାର୍ଯ୍ୟଟି ଗାଁ ଲୋକଙ୍କ କୌଣସି କାର୍ଯ୍ୟରେ ଆସିବ ନାହିଁ, କାରଣ ନିର୍ମାଣାଧିନ କାର୍ଯ୍ୟ ସ୍ଥଳକୁ ଯିବା ଆସିବା କରିବା ପାଇଁ ରାସ୍ତା ବ୍ୟବସ୍ଥା ନାହିଁ ଓ ନିମ୍ନ ମାନର କାମ ହେଉଥିବା ନେଇ ଗ୍ରାମବାସୀମାନେ ଗତ ମେ' ୧୧ ରେ କର୍ଲାମୁଣ୍ଡା ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନ ଶୁଣାଣୀ ଶିବିରରେ ଓ କର୍ଲାମୁଣ୍ଡା ବିଡ଼ିଓ ସୁଚରିତା ମୁଗ୍ରୀ ଙ୍କୁ ମେ' ୨୨ରେ ଲିଖିତ ଭାବେ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟକୁ ବନ୍ଦ କରିବା ପରିବର୍ତ୍ତେ କାର୍ଯ୍ୟଟି ଚାଲୁ ରହିଛି ବୋଲି ଜଳନ୍ଧର ଭୋଇ, ସତ୍ୟ ନାରାୟଣ ସାହୁ, ଟିକେ ଲାଲ ସାହୁ, ତୁଳସୀ ଲାଲ ଭୋଇ, ହରି ସାହୁ, ହାରାଚନ ବାଗ, ଭାଗିରଥି ବାଗ,, ଶମ୍ଭୁ ସାହୁ, ଦୁର୍ଗା ମାଝି, ପଲସ୍ତି ସାହୁ, ଭୋଳା ସାହୁ ଅଭିଯୋଗ କରିଛନ୍ତି। ସୋମବାର ଏନେଇ




ଗ୍ରାମବାସୀମାନେ ଏକ ଶୋଭଯାତ୍ରାରେ ବ୍ଲକ ସଦର ଶିବ ମନ୍ଦିର ଠାରୁ ବାହାରି ତହସିଲ କାର୍ଯ୍ୟାଳୟକୁ ପହଞ୍ଚି ତହସିଲଦାର ଅରୁଣ କୁମାର ବର୍ଗେ ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଭିଯୋଗଟି ତହସିଲଦାରଙ୍କ ଜରିଆରେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜିଲାପାଳ କଳାହାଣ୍ଡି, କଳାହାଣ୍ଡି ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ତହସିଲଦାର ଅରୁଣ କୁମାର ବର୍ଗେଙ୍କୁ ପଚାରିବାରୁ ଆମେ ଗାଁ ଲୋକଙ୍କ ଅଭିଯୋଗ ପତ୍ରକୁ ମୁଖ୍ୟ ଶାସନ ସଚିବଙ୍କୁ ପଠେଇଦେବୁ ବୋଲି କହିଛନ୍ତି।

## ଆଦର୍ଶ ବିଦ୍ୟାଳୟରୁ ରଣା ସାପ ଉଦ୍ଧାର

ରାଜକନିକା ୧୪/୭ (ନୁରେଇ ଖାନ ) ସକାଳେ ରାଜକନିକାର ଅଚିନ୍ତା ଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟରେ ଏକ ବିରଳ ରଣା ସାପ କଉ



ବନବିଭାଗ ଉଦ୍ଧାର କରିଛି। ସବୁଦିନ ଭଳି ଆଜି ବିଦ୍ୟାଳୟ ଖୋଲିବା ବେଳେ ଶ୍ରେଣୀ ଗୃହ ଭିତରେ ସାପର ଗର୍ଜନ ଶୁଣି ସ୍କୁଲ କର୍ତ୍ତୃପକ୍ଷ ଭୟଭୀତ ହୋଇ ଯାଇଥିଲେ। ଏହି ସାପକୁ ଧରିବା ପାଇଁ ଖୋଳା ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଆସି ବିଦ୍ୟାଳୟ ପରିସରରେ ଥିବା ରଣା ସାପକୁ ଧରି ନେଇଥିଲେ। ପ୍ରକାଶ ଥାଉ କି ବହୁ ଦିନର ଆନ୍ଦୋଳନ ପରେ ଗତ ଦୁଇ ବର୍ଷ ହେବ ଅଚିନ୍ତାର ଏହି ସ୍କୁଲରେ ଶିକ୍ଷାଦାନ କରାଯାଉଛି। ହେଲେ ସ୍କୁଲ ପରିସରକୁ ପରିବେଶ ଅନୁକୂଳ ହେଉ ନ ଥିବାରୁ କେବେ ବାଳିକା ମାନଙ୍କ ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥିତ ନ ଥିବାରୁ ବହୁ ଛାତ୍ରୀ ଶୌଚ ହେବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଆଜି ବିଷାକ୍ତ ରଣା ସାପ ଉଦ୍ଧାର ପରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ଆତଙ୍କ ଖେଳିଯାଇଛି ।

### ଖୋର୍ଦ୍ଧାରେ ଅନ୍ତର୍ଜିଲ୍ଲା ମୋଟରସାଇକେଲ ଚୋର ଗ୍ୟାଙ୍ଗ ଠାବ

# ୪ ଗିରଫ, ୧୬ଟି ଚୋରା ବାଇକ ଜବତ

ଖୋର୍ଦ୍ଧା, ୧୪/୦୭(ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ସହର ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଦୀର୍ଘଦିନ ଧରି ବଢୁଥିବା ମୋଟର ସାଇକେଲ ଚୋରି ପଛରେ ଏକ ସଂଗଠିତ ଅନ୍ତଃଜିଲ୍ଲା ରାକେଟ କାର୍ଯ୍ୟ କରୁଛି । ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଏକ ମାମଲାର ତଦନ୍ତ କରୁଥିବାବେଳେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୬ଟି ଚୋରା ଦୁଇଚକିଆ ଯାନ ଜବତ କରିଛି । ତେବେ ଏହି ଉଦ୍ଧାର କେବଳ ଚୋରି ମାମଲାର ସମାଧାନ ନୁହେଁ, ବରଂ ଏକ ବୃହତ ଗାଡ଼ି ଚୋରି ନେଟୱାର୍କର ସଙ୍କେତ ଦେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜବତ ହୋଇଥିବା ଅନେକ ଗାଡ଼ିରେ ନମ୍ବର ପ୍ଲେଟ୍ ନାହିଁ କିମ୍ବା ପରିଚୟ ଲୁଚାଇବା ପାଇଁ ସେଗୁଡ଼ିକରେ ପରିବର୍ତ୍ତନ କରାଯାଇଛି । ଏହାରୁ ସନ୍ଦେହ କରାଯାଉଛି ଯେ, ଚୋରି ପରେ ଗାଡ଼ିଗୁଡ଼ିକୁ ଅନ୍ୟ ଜିଲ୍ଲାକୁ ଚାଲାଣ କରାଯାଉଥିଲା କିମ୍ବା ଖଣ୍ଡଖଣ୍ଡ କରି ବିକ୍ରି କରାଯାଉଥିଲା । ଏହି ରାକେଟ ସହ ଗାଡ଼ି କ୍ରେତା, ଦଲାଲ କିମ୍ବା ଅନ୍ୟ ସହଯୋଗୀଙ୍କ ସମ୍ପୃକ୍ତି ଅଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି । ଏହି ସମସ୍ତ ଘଟଣାର ଆରମ୍ଭ ହୋଇଥିଲା ଗତ ୧୭ ଜୁନରେ। କଟକ ଜିଲ୍ଲାର ସମରେନ୍ଦ୍ର ମହାରଣା ଖୋର୍ଦ୍ଧା ଗୋଡ଼ିପୋଖରୀସ୍ଥିତ ମାନପୁରମ୍ ଫାଇନାନ୍ସ କାର୍ଯ୍ୟାଳୟ ସମ୍ମୁଖରୁ ତାଙ୍କ ମୋଟରସାଇକେଲ ଚୋରି ହୋଇଥିବା ନେଇ ଖୋର୍ଦ୍ଧା ଆଦର୍ଶ ଥାନା ରେ ଅଭିଯୋଗ କରିଥିଲେ। ପ୍ରଥମେ ଏହାକୁ ସାଧାରଣ ଚୋରି ମାମଲା ଭାବେ ଦେଖାଯାଉଥିଲେ ମଧ୍ୟ ତଦନ୍ତ ଆଗକୁ ବଢ଼ିବା ସହ ଏକ ସଂଗଠିତ ରାକେଟ୍ ର ପୁଲିସ କୁ ସୁରାକ ମିଳିଥିଲା । ଖୋର୍ଦ୍ଧା ଏସ୍.ପି.ପରମାର ସ୍ମିତ ପରୋଷୋତମ ଦାସ ଙ୍କ ନିର୍ଦ୍ଦେଶରେ ଏସ୍.ଡି.ପି.ଓ ପଙ୍କଜ କୁମାର ମାଝୀ ଏବଂ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଗଠିତ ସ୍ୱତନ୍ତ୍ର ଦଳ ବୈଷୟିକ ତଥ୍ୟ, ମୋବାଇଲ ଲୋକେସନ, ସି.ସି.ଟି.ଭି ଫୁଟେଜ୍ ଏବଂ ଗୁଇନ୍ଦା ସୂଚନାକୁ ଆଧାର କରି ବିଭିନ୍ନ ସ୍ଥାନ ରେ ଚଢ଼ାଉ କରିଥିଲା । ପୁଲିସ ଏସ୍.ଆଇ. ଦିନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉ ରେ ୪ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ । ଗିରଫ ଅଭିଯୁକ୍ତମାନେ ଖୋର୍ଦ୍ଧା, ପୁରୀ ଓ ଅନ୍ୟ ଅଂଚଳର ବାସିନ୍ଦା । ଏହାରୁ ସ୍ପଷ୍ଟ ହେଉଛି ଯେ ଏହି ରାକେଟ କେବଳ ଗୋଟିଏ ଥାନା କିମ୍ବା ଗୋଟିଏ ଜିଲ୍ଲା ମଧ୍ୟରେ ସୀମିତ ନଥିଲା । ତଦନ୍ତକାରୀ ସଂସ୍ଥାର ଅନୁମାନ, ଚୋରି ପରେ ଗାଡ଼ିଗୁଡ଼ିକୁ ଅନ୍ୟ ଅଂଚଳକୁ ସ୍ଥାନାନ୍ତର କରି ବିକ୍ରି କରାଯାଉଥିଲା । ଯାହା ଫଳରେ ପ୍ରକୃତ ମାଲିକଙ୍କ ପକ୍ଷରୁ ଗାଡ଼ି ଚିହ୍ନଟ କରିବା କଷ୍ଟକର ହେଉଥିଲା । ଜବତ ହୋଇଥିବା ୧୬ଟି ଗାଡ଼ି ମଧ୍ୟରେ ହିରୋ ଗ୍ଲାମର, ସ୍ପ୍ଲେଣ୍ଡର ପ୍ଲସ୍, ଏଚ୍.ଏଫ୍. ଡିଲକ୍ସ, ସି.ଡି ଡିଲକ୍ସ, ପଲ୍ସର, ବକ୍ସର, ମାଏଷ୍ଟ୍ରୋ ଏବଂ ସ୍କୁଟି-୪ଜି ରହିଛି । ବର୍ତ୍ତମାନ ପୁଲିସ ଇଞ୍ଜିନ ଓ ଚେଚିସ୍ ନମ୍ବର ଯାଂଚ କରି ଗାଡ଼ିଗୁଡ଼ିକ କେଉଁ ଥାନା ଅଂଚଳରୁ ଚୋରି ହୋଇଥିଲା ।

### ଶବ ସତ୍କାର ସାରି ଫେରିବା ବେଳେ ଅଘଟଣ

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଦାନଗଦି, ୧୪/୦୭ (ଅକ୍ଷର ଓଡିଶା )ଦାନଗଦି ଅଞ୍ଚଳରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି। ଶବ ସତ୍କାର ସାରି ଫେରିବା ବେଳେ ପୋଖରୀରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣାଟି ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ରାଛିପୁର ଗାଁରେ ଘଟିଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ସେହି ଗ୍ରାମର ରବୀନ୍ଦ୍ର ପରିଡ଼ା ।ସୂଚନା ଅନୁଯାୟୀରାଛିପୁର ଗାଁର ଜଣେ ବ୍ୟକ୍ତିଙ୍କର ଦେହାନ୍ତ ହୋଇଥିଲା। ରବୀନ୍ଦ୍ର ଅନ୍ୟ ଗ୍ରାମବାସୀଙ୍କ ସହ ମିଶି ସ୍ଥାନୀୟ ଶ୍ମଶାନକୁ ଶବ ସତ୍କାର କରିବାକୁ ଯାଇଥିଲେ। ଶବ ସତ୍କାର କାର୍ଯ୍ୟ ଶେଷ ହେବା ପରେ, ସେ ଗାଁର ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ସେ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ ।ରବୀନ୍ଦ୍ର ପାଣିରେ ବୁଡ଼ିଯାଉଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ହିଁ ଅଗ୍ନିଶମ ବାହିନୀର



୨ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୫ ଘଣ୍ଟାର ବ୍ୟାପକ ଖୋଜାଖୋଜି ପରେ ଶେଷରେ ରବୀନ୍ଦ୍ରଙ୍କୁ ପାଣି ଭିତରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

## ବିଗ୍ରହମାନଙ୍କ ନବ ଯୌବନ ଦର୍ଶନ କଲେ ଶହ ଶହ ଶ୍ରଦ୍ଧାଳୁ

ଖଣ୍ଡପଡା ୧୪।୭ (ଅକ୍ଷର ଓଡିଶା) ଦେବ ସ୍ନାନ ପୂର୍ଣ୍ଣମୀରେ ଜଗତର ନାଥ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ପ୍ରଭୁ ବଳଭଦ୍ର ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡିତ ହେବା ସହ ଗତ ୧୪ ଦିନ କାଳ ଅନବସର ଘରେ ରହିଥିଲେ। ଅନବସର



ଗୃହରୁ ବିଗ୍ରହମାନେ ଜ୍ୱରରୁ ଉଠିବା ପରେ ନବ ଯୌବନ ବେଶରେ ମଙ୍ଗଳବାର ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ।ଏ ଅବସରରେ ଖଣ୍ଡପଡା ରାଜ ପରିବାର ଦ୍ୱାରା ପରିଚାଳିତ ଶୀଜଗନ୍ନାଥ ମନ୍ଦିର ଓ ରାଜ୍ଯ ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରରେ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଥିବା ୩ ବିଗ୍ରହଙ୍କ ନବ ଯୌବନ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।ସେହିପରି ଖଳିସାହି ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ମର୍ଦ୍ଦରାଜପୁର ଗ୍ରାମର ମୁଣ୍ଡିଆ ହନୁମାନଙ୍କ ପୀଠରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ସିଧାମୂଳା ଓ କୁମ୍ଭାରପଡା ଗ୍ରାମସ୍ଥିତ ଶ୍ରୀଜଗନ୍ନାଥଜୀଉଙ୍କ ମନ୍ଦିରରେ ନବଯୌବନ ବେଶ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ରାଜକନିକା ବ୍ଲକରେ ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ଶୌଚାଳୟ, ଷୌଚ ପାଇଁ ମହିଳା ହିନସ୍ତା



ରାଜକନିକା ୧୪/୭(ନୁରେଇ ଖାନ )ରାଜକନିକା ବ୍ଲକ ପରିସରର ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଅକାମୀ ହୋଇ ପଡିବା ଏବଂ ବର୍ଷ ବର୍ଷ ଧରି ଏ ନେଇ ବିଡ଼ିଓ କୌଣସି ପଦକ୍ଷେପ ନ ନେବାରୁ ଶୌଚ ପାଇଁ କର୍ମଚାରୀ ଓ ଲୋକେ ହଇରାଣ ହେଉଛନ୍ତି। ତେବେ ବ୍ଲକର ବିଡ଼ିଓଙ୍କ ପ୍ରକୋଷ୍ଠ, ଅଧକ୍ଷଙ୍କ ପ୍ରକୋଷ୍ଠ, ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ସେମାନଙ୍କର ନିଜସ୍ୱ ଶୌଚାଳୟ ଥିବା ବେଳେ ସାଧାରଣ ଲୋକ ଓ ଅନ୍ୟମାନଙ୍କ ପାଇଁ ଷୌଚ ହେବାର କୌଣସି ସାଧନ ନାହିଁ। ତେବେ ୨୦୨୧ ମସିହାରେ ୧୫ ଶ ଅର୍ଥ କମିଶନ ଯୋଜନା ରେ ୨ ଲକ୍ଷ ୧୦ ହଜାର ଓ ପରେ ୯୦ ହଜାର ଟଙ୍କାରେ ନିର୍ମିତ ଓ ମରାମତି ହୋଇଥିବା ଶୌଚାଳୟ ଲୋକଙ୍କ କାମରେ ଲାଗୁନାହିଁ। ବ୍ଲକ ଜୀବିକା ମିଶନ ପ୍ରକୋଷ୍ଠ ଓ ଗାଡି ଗ୍ୟାରେଜ ପାଖକୁ ଲାଗି ରହିଥିବା ଏହି ଶୌଚାଳୟର ପାଣିଟାଙ୍କି ଫାଟିଯିବା, ପାଣି କନେକ୍ସନ ପାଇପ ଭାଙ୍ଗିବା, ପ୍ୟାନ ଓ କମୋଡ଼ ଭାଙ୍ଗିଯିବା, ହାତଧୁଆ ବେସିନ ଭାଙ୍ଗିଯାଇଥିବା ବେଳେ ଏହାକୁ ଦେଖିବାକୁ କାହାର ନଜର ନାହିଁ। ସାଧାରଣ ଲୋକ ବିଶେଷ କରି ବ୍ଲକକୁ ଆସୁଥିବା ମହିଳା ଏବଂ ମହିଳା କର୍ମଚାରୀ ମାନେ ସାଧାରଣ ଷୌଚ ପାଇଁ ହୀନସ୍ତା ହେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି କିଛି ଦିନ ପୂର୍ବରୁ ବ୍ଲକ ପ୍ରଶାସନ ସ୍ୱଚ୍ଛ ଭାରତ ନାରା ଦେଇ ବ୍ଲକ ଆଗ ପଟ ସହ ବ୍ଲକ ସଂଲଗ୍ନ ମୁଖ୍ୟରାସ୍ତାକୁ ଅଧ ଘଣ୍ଟା ପାଇଁ ପରିଷ୍କାର କରି ଫଟୋ ଉଠାଇ ବାହାବା ନେଇଥିବା ବେଳେ ଖୋଦ ବ୍ଲକ ଭିତରେ ଶୌଚାଳୟ ସୁବିଧା ନଂ ରହିବା ପରିତାପର ବିଷୟ ହୋଇଛି ।

### ମାଲକାନଗିରିରେ ଦିଶା ବୈଠକ

## ୫ ବର୍ଷର ରୋଡମ୍ୟାପ୍ ପ୍ରସ୍ତୁତି

ମାଲକାନଗିରି,୧୪/୭/(ପ୍ରଦୀପ ରାଉଳ)ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ସମୀକ୍ଷା କମିଟି ବୈଠକ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇଥିଲେ ଏବଂ ଏହାପରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟନ୍ୱୟନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ ସାଂସଦ ସମସ୍ତ ବିଭାଗକୁ ଜିଲ୍ଲାର ପ୍ରଗତି ପାଇଁ ଆଗାମୀ ୫ ବର୍ଷର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ବୈଠକରେ ବହୁ ପ୍ରତିକ୍ଷିତ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରାଯାଇ ଏହି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କିଙ୍ଗ ସେବା



କ୍ଷେତ୍ରରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଉଦ୍ଦେଶ୍ୟରେ ଆସନ୍ତା ଶନିବାର ଜିଲ୍ଲାର ୬୫ ଟି ଗ୍ରାମ ପଞ୍ଚାୟତରେ ଏବଂ ତା' ପର ଶନିବାର ଅବଶିଷ୍ଟ ଗ୍ରାମ ପଞ୍ଚାୟତରେ ବିଶେଷ ସଚେତନତା ଶିବିର ଆୟୋଜନ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏସସି କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ପଞ୍ଚାୟତ ମୁଖ୍ୟାଳୟ ଏବଂ ଅନ୍ୟାନ୍ୟ ବଡ଼ ବଡ଼ ଗ୍ରାମରେ ସଚେତନତା ସୃଷ୍ଟି କରି ଉକ୍ତ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବାକୁ କୁହାଯାଇଛି। ଏହା ସହିତ ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ମୁଦ୍ରା ଲୋନ୍ ସମ୍ପର୍କରେ ମଧ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ବେଦାନ୍ତ ପ୍ଲାଣ୍ଟ ସମ୍ମୁଖରେ ଜୟ ହନୁମାନ ଯୁବଶକ୍ତି ଟ୍ରଷ୍ଟ ପକ୍ଷରୁ ଚେତାବନୀ

ଯାଜପୁର୧୪/୦୭ (ଅକ୍ଷର ଓଡ଼ିଶା)ଟମକା ଥାନା ଅନ୍ତର୍ଗତ ପାଟବାଲିଠାରେ ଥିବା ବେଦାନ୍ତ ପ୍ଲାଣ୍ଟ ସମ୍ମୁଖରେ ସ୍ଥାନୀୟ 'ଜୟ ହନୁମାନ ଯୁବଶକ୍ତି ଟ୍ରଷ୍ଟ' ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଟମକା ଥାନା ପୋଲିସର ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି ।ମୁଖ୍ୟ ଦାବିଗୁଡ଼ିକ ହେଲା:ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତିରେ ପ୍ରାଥମିକତା।ସି ଏସ ଆରପାଣ୍ଠି ଦ୍ୱାରା ଅଞ୍ଚଳରେ ରାସ୍ତା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବାର ବିକାଶ।ସ୍ଥାନୀୟ ପରିବହନକାରୀ ଓ ଠିକାଦାରଙ୍କୁ ବ୍ୟବସାୟିକ ସୁଯୋଗ।ଧୂଳି ଓ ପରିବେଶ ପ୍ରଦୂଷଣର ସ୍ଥାୟୀ ସମାଧାନ।ସମସ୍ୟାର ସମାଧାନ ପାଇଁ ନିୟମିତ ଆଲୋଚନା।ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ଏଠାରେ କାର୍ଯ୍ୟରତ ଥିଲେ ମଧ୍ୟ ସ୍ଥାନୀୟ ଲୋକେ ନିଯୁକ୍ତି ଓ ବିକାଶରୁ ବଞ୍ଚିତ ହେଉଛନ୍ତି। ଏହି ଦାବିଗୁଡ଼ିକ ଉପରେ ଶୀଘ୍ର ସକାରାତ୍ମକ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଟ୍ରଷ୍ଟ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦ୍ୱିତୀୟ ସେମିରେ ଇଂଲଣ୍ଡ-ଆର୍ଜେଣ୍ଟିନା ଲଢେଇ



## କ୍ରମାଗତ ଟ୍ରଫି ଜିତିବା ଲକ୍ଷ୍ୟରେ ଆର୍ଜେଣ୍ଟିନା

ଆଟଲାଣ୍ଟା, ୧୪/୦୭ : ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ୍ ବୁଧବାର ରାତି ୧୨.୩୦ରେ ଖେଳାଯିବ। ୩ ଥର ବିଜେତା ଆର୍ଜେଣ୍ଟିନା ସମ୍ମୁଖରେ ରହିଛି ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ତଥା ୧୯୬୬ରେ ଥରେ ମାତ୍ର ଟ୍ରଫି ଜିତିଥିବା ଇଂଲଣ୍ଡ। ମନ ଭିତରେ ଅର୍ଦ୍ଧଶତାବ୍ଦୀର ତିକ୍ତତା ଭରା ପ୍ରତିଶୋଧ ନେବାର ଆଶା ରହିଛି ଏହି ଲଢ଼େଇରେ। ଚଳିତ ସଂସ୍କରଣରେ ଆର୍ଜଣ୍ଟିନା ୬ରୁ ୬ ବିଜୟ ସହ ସେମିଫାଇନାଲ୍‌ରେ ପହଞ୍ଚିଛି। ଇଂଲଣ୍ଡ ୬ରୁ ୫ ଜିତି ଗୋଟିଏ ଡ୍ର' ରଖିଛି। ଉଭୟ ଦେଶ ବିଶ୍ୱକପ୍ ଇତିହାସରେ ୫ ଥର ମୁକାବିଲା କରିଛନ୍ତି। ୟୁରୋପୀୟ ଦେଶ ଇଂଲଣ୍ଡ ୩-୨ରେ ଆଗୁଆ ରହିଛି। ୧୯୬୨, ୧୯୬୬, ୨୦୦୨ରେ ଇଂଲଣ୍ଡ ଜିତିଥିଲା। ୧୯୮୬ ଓ ୧୯୯୮ରେ ଆର୍ଜେଣ୍ଟିନା ବିଜୟ ପାଇଛି ଏହି ଦେଶ ବିପକ୍ଷରେ। ଏବେ ବହୁ ପ୍ରତୀକ୍ଷିତ ସେମିଫାଇନାଲ୍ ପୁରୁଣା ପ୍ରତିଦ୍ୱନ୍ଦ୍ୱିତା, ଶତ୍ରୁତା, ଐତିହାସିକ କ୍ଷଣର ପୁନଃଜାଗରଣ କରିଛି। ଦୁଇ ଦେଶର ଜାତୀୟ ଭାବନା ବି ଏହି ଲଢ଼େଇ ସହ ଯୋଡ଼ି ହୋଇଯାଇଛି। ସେମିଫାଇନାଲ୍‌ରେ କିନ୍ତୁ ପରସ୍ପର ସହ ପ୍ରଥମ ଥର ମୁକାବିଲା କରିବେ। ଯାହାକି ଏକ ନୂଆ ଅଧ୍ୟାୟ ସଂଯୋଗ କରିବ। ୧୯୬୬ରେ ଅଣ୍ଟୋନିଓ ରାଟିନଙ୍କ ନିଲମ୍ବନ ଓ ଇଂଲଣ୍ଡ ପ୍ରଶିକ୍ଷକ ଆଲଫ ରାମସେଙ୍କ 'ପଶୁ' ପ୍ରତିକ୍ରିୟା ବିବାଦ ସୃଷ୍ଟି କରିଥିଲା। ୧୯୮୬ କ୍ୱାର୍ଟର ଫାଇନାଲ୍‌ରେ ଡିଏଗୋ ମାରାଡୋନାଙ୍କ 'ହ୍ୟାଣ୍ଡ୍ ଅଫ୍ ଗଡ' ଗୋଲ୍ ମଧ୍ୟ ଏଥି ସହ ସତେଜ ହୋଇଉଠିଛି। ଦଶନ୍ଧୀ ଦଶନ୍ଧୀ ଲଢ଼େଇ ଏବେ ନୂଆ ସ୍ତର ଛୁଇଁବ ବୋଲି ବିଶ୍ୱାସ ରଖିଛନ୍ତି ପ୍ରଶଂସକ। ନୂଆ ଲଢ଼େଇ ନିଶ୍ଚିତ ପଡ଼ିଆ ଭିତରେ ଲିଓନେଲ୍ ମେସି-ହ୍ୟାରି କେନ୍ ଏବଂ ପଡ଼ିଆ ବାହାରେ ଲିଓନେଲ୍ ସ୍କାଲୋନି-ଥମାସ ଟକେଲଙ୍କ ବ୍ୟକ୍ତିଗତ ଲଢ଼େଇଠାରୁ ଆହୁରି ଉପରକୁ ଉଠିଯିବ। ଦୁଇ ଦେଶ ମଧ୍ୟରେ ଥିବା ମଧୁର ତିକ୍ତ ସମ୍ପର୍କ ବି ଉତ୍ତେଜକ ମୁହୂର୍ତ୍ତମାନଙ୍କୁ ଯୋଡ଼ିଦେବ। ଉନ୍ନବିଂଶ ଶତାବ୍ଦୀରେ ଆର୍ଜଣ୍ଟିନାରେ ଫୁଟ୍‌ବଲ୍ ପ୍ରଣୟନ କରିଥିଲେ ବ୍ରିଟେନ୍‌ବାସୀ। ବିଶେଷ କରି ରେଳବାଇ କର୍ମୀ ଏହା କରିଥିଲେ। ଏବେ ଦୁଇ ଦେଶ ବିଶ୍ୱ ମଇଦାନରେ ପରସ୍ପରକୁ ଟକ୍କର ଦେବାକୁ ପ୍ରସ୍ତୁତ। ଆର୍ଜେଣ୍ଟିନା ଚଳିତ ସଂସ୍କରଣରେ ବିଜେତା ଭାବେ ଖେଳୁଛି। ଲିଓନେଲ୍ ମେସି ୮ ଗୋଲ୍ ସହ ଜବରଦସ୍ତ ଲୟରେ ରହିଛନ୍ତି। କ୍ରମାଗତ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି ଆର୍ଜେଣ୍ଟିନା। ଇଂଲଣ୍ଡ କିନ୍ତୁ ଠିକ ୬୦ ବର୍ଷ ତଳର ସ୍ୱପ୍ନ ଦୋହରାଇବ ବୋଲି ଆଶା ବାନ୍ଧିଛି। ଇଂଲଣ୍ଡ ୧୯୬୬ରେ ଥରେ ମାତ୍ର ବିଜେତା ହୋଇଥିବାବେଳେ ୧୯୯୦ ଓ ୨୦୧୮ରେ ସେମିଫାଇନାଲ୍‌ରେ ଅଟକିଯାଇଥିଲା। ଚତୁର୍ଥ ଥର ପାଇଁ ସେମିଫାଇନାଲ୍ ଖେଳିବାକୁ ଯାଉଛି ଏହି ଦେଶ। ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବା ପରେ ନକ୍ ଆଉଟ୍‌ରେ ଡିଆର୍ କଙ୍ଗୋ, ମେକ୍ସିକୋ ଓ ନରୱେକୁ ପରାହତ କରି ଇଂଲଣ୍ଡ ଏବେ ସେମିରେ ରହିଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ୩-୨ରେ କେପ୍ ଭର୍ଡେ, ୩-୨ରେ ଇଜିପ୍ଟ ଓ ୩-୧ରେ ସ୍ୱିଜରଲାଣ୍ଡକୁ ନକ୍ ଆଉଟ୍ କରି କ୍ରମାଗତ ବିଶ୍ୱକପ୍ ଜିତିବା ଆଶାକୁ କାଏମ ରଖିଛି।

# ଭାରତ ଆଗରେ ୨୫୯ ରନ୍‌ର ଟାର୍ଗେଟ



ବର୍ମିହାମ୍, ୧୪/୦୭ : ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମୁକାବିଲା ମଙ୍ଗଳବାର ବର୍ମିହାମ୍‌ର ଏଜବାଷ୍ଟନ୍‌ରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଟସ୍ ଜିଣି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ଇଂଲଣ୍ଡ ୪୭.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୨୫୮ ରନ୍ ସଂଗ୍ରହ କରିଥିଲା। ଭାରତ ପାଇଁ ଅକ୍ଷର ପଟେଲ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ପ୍ରସିଦ୍ଧ କୃଷ୍ଣା ଏବଂ ଗୁରନୁର ବ୍ରାର୍‌ଙ୍କୁ ୨-୨ ୱିକେଟ୍ ମିଳିଥିଲା ବେଳେ ଜସପ୍ରୀତ ବୁମରା ଏବଂ ଶିବମ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ଦଳ ୧୨.୨ ଓଭରରେ ପ୍ରଥମ ୱିକେଟ ହାସଲ କରିଥିଲା। କିନ୍ତୁ ୨୦ ରନ୍ ଭିତରେ ଟିମ୍ ଆଗଧାଡ଼ିର ୫ଜଣ ଖେଳାଳିଙ୍କୁ ହରାଇଥିଲା। ଦଳୀୟ ସ୍କୋର ୬୩ ରନ୍‌ରେ ବେନ୍ ଡକେଟ୍, ୬୪ ରନ୍‌ରେ ହେରି ବ୍ରୁକ୍, ଜୋସ ବଟଲର ଏବଂ ସାମ୍ କୁରାନ ଆଉଟ୍ ହୋଇଥିଲେ। ୧୦୭ ରନ୍‌ରେ ୱିଲ୍ ଜ୍ୟାକ୍, ୨୨୮ ରନ୍‌ରେ ଲିଆମ ଆର୍ଚ୍ଚର, ୨୫୮ ରନ୍‌ରେ ଆଦିଲ ରସିଦ ଏବଂ ଜୋସ୍ ଟଙ୍ଗ୍ ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଏହି ମୁକାବିଲାରେ ସର୍ବାଧିକ ରନ୍ ଜୋ ରୁଟ ଅପରାଜିତ ୭୬ ରନ୍ ସଂଗ୍ରହ କରିଥିଲେ। ସେ ୭୬ଟି ବଲ୍ ଖେଳି ୭୬ ରନ୍ କରିଥିଲେ। ଏଥିରେ ୬ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ଲିଆମ୍ ୮୩ଟି ବଲ୍ ଖେଳି ୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ୬୮ ରନ୍ ସଂଗ୍ରହ କରିଥିଲେ। ବେନ୍ ଡକେଟ୍ ୪୫ଟି ବଲ୍ ଖେଳି ୬ଟି ଚୌକା ଏବଂ ୨ଟି ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ।

# ଚାମ୍ପିଅନ୍‌ସ ବଲ୍ ଡ୍ୟାନ୍‌ସ ନେଇ ପ୍ରଶଂସକ ଉଲ୍ଲସିତ



ଲଣ୍ଡନ୍, ୧୪/୦୭ : ୱିମ୍ବଲଡନ୍ ଗ୍ରାଣ୍ଡ୍ ସ୍ଲାମ ଟେନିସ୍ ପ୍ରତିଯୋଗିତା ଶେଷ ହେବା ପରେ ଏହାର ପରମ୍ପରାକୁ ବଜାୟ ରଖି ସୋମବାର ରାତିରେ 'ଚାମ୍ପିଅନ୍ସ ବଲ୍ ଡ୍ୟାନ୍ସ' କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଏଥର ନୂଆ ମହିଳା ବିଜୟିନୀ ଚେକ୍ ରିପବ୍ଲିକ୍‌ର ଲିଣ୍ଡା ନୋସ୍କୋଭା ଏବଂ ଦ୍ୱିତୀୟ ଥର ଏଠାରେ ଟ୍ରଫି ଟେକି ଧରିଥିବା ଇଟାଲିର ୟାନିକ ସିନ୍ନରଙ୍କ ନୃତ୍ୟ ପ୍ରଶଂସକଙ୍କୁ ଭାରି ପସନ୍ଦ ଲାଗିଛି। ଏହି ଖବର ପ୍ରକାଶିତ ହେବା ପରେ ପ୍ରଶଂସକମାନେ ଏହାକୁ ଖୁବ ଭାଇରାଲ କରିଛନ୍ତି । ବାସ୍ତବରେ ୱିମ୍ବଲଡନ୍‌ର 'ଚାମ୍ପିଅନ୍ ବଲ୍ ଡ୍ୟାନ୍ସ'କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ପରମ୍ପରା ଭାବେ ବିବେଚନା କରାଯାଇଥାଏ। ପ୍ରତିଯୋଗିତା ଶେଷରେ ଏହାର ପୁରୁଷ ଓ ମହିଳା ଏକକ ବିଜୟନୀ ଏକାଠି ବଲ୍ ଡ୍ୟାନ୍ସ କରିଥାନ୍ତି। କ୍ରମାଗତ ଦ୍ୱିତୀୟ ବର୍ଷ ସିନ୍ନର ଏହି ଟ୍ରଫି ଜିତିବା ପରେ ନୃତ୍ୟ ସମୟରେ ଅଧିକ ସହଜ ମନେ ହେଉଥିଲେ। ବିଶ୍ୱର ଦଶମ ଖେଳାଳି ଭାବେ ୨୪ ବର୍ଷୀୟ ସିନ୍ନର ୱିମ୍ବଲଡନ୍ ଟ୍ରଫି ବଜାୟ ରଖିଥିଲେ। ଅନ୍ୟପକ୍ଷରେ ୨୧ ବର୍ଷୀୟା ନୋସ୍କୋଭା ୨୦୧୧ ମସିହାରେ ପେଟ୍ରା କ୍ୱିତୋଭାଙ୍କ ପରେ ସର୍ବକନିଷ୍ଠା ଭାବେ ୱିମ୍ବଲଡନ୍ ଟ୍ରଫି ଜିତିଛନ୍ତି।

## ଭାରତୀୟ କ୍ରିକେଟ୍ ଦଳ ଛାଡ଼ିବେ

# ଡୋସ୍କାଟେ, ମର୍କେଲ

ନୂଆଦିଲ୍ଲୀ, ୧୪/୦୭ : ଭାରତୀୟ କ୍ରିକେଟ୍ ଦଳର ଚଳିତ ଇଂଲଣ୍ଡ ଗସ୍ତ ପରେ ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫାଷ୍ଟ ବୋଲିଂ ପ୍ରଶିକ୍ଷକ ମର୍ନେ ମର୍କେଲଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ଏକ ରିପୋର୍ଟ ଅନୁସାରେ ଦୁହେଁ ଆଉ ଏହି ଦାୟିତ୍ୱରେ ରହିବାକୁ ଚାହାନ୍ତି ନାହିଁ। ତେଣୁ ବିସିସିଆଇକୁ ଜଲ୍‌ଦି ସେମାନଙ୍କ ସ୍ଥାନରେ ନୂତନ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ନେଦରଲାଣ୍ଡ୍‌ସର ପୂର୍ବତନ ବ୍ୟାଟ୍ସମ୍ୟାନ ଡୋସ୍କାଟେ ଆଉ ଦାୟିତ୍ୱରେ ରହିବାକୁ ଚାହାନ୍ତି ନାହିଁ। କାରଣ ତାଙ୍କୁ ପୂରା ବର୍ଷ ଭାରତୀୟ ଦଳ ସହ ଯାତ୍ରା କରିବାକୁ ପଡୁଛି। ବିସିସିଆଇକୁ ସେ ତାଙ୍କ ସମସ୍ୟା ଜଣାଇ ସାରିଛନ୍ତି। ପୁଣି ଏକ ଆଇପିଏଲ୍ ଫ୍ରାଞ୍ଚାଇଜିର ପ୍ରଶିକ୍ଷକ ହେବା ପାଇଁ ଡୋସ୍କାଟେ ଆଲୋଚନା କରୁଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଫାଷ୍ଟବୋଲର ମର୍ନେ ମର୍କେଲ ଭାରତୀୟ ଦଳର ସହ ତାଙ୍କ ଭବିଷ୍ୟତ ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତଥାପି ଅତ୍ୟଧିକ କ୍ରିକେଟ୍ କାରଣରୁ ତାଙ୍କୁ ପରିବାରଠାରୁ ଦୂରେଇ ରହିବାକୁ ପଡୁଥିବାରୁ ସେ ମଧ୍ୟ ଆଗକୁ ନ ରହିପାରନ୍ତି।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ ଉଦ୍‌ଯାପିତ



ନୂଆପଡା, ୧୪/୦୭ ( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଗତ ଦୁଇ ଦିନ ଧରି ଚାଲିଥିବା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ପକ୍ଷରୁ ଜିଲ୍ଲା ବ୍ୟାଡ଼ମିଣ୍ଟନ ଚ୍ୟାମ୍ପିଅନଶିପ୍ ୨୦୨୬ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ,ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟା ରଞ୍ଜନ ଜୟ ପୁରିଆ,ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ସୁନା, ଗିରିଧାରୀ ବିଭାର, ଡ. ସରୋଜ କୁମାର ପଣ୍ଡା, ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ଅବସରରେ ନୂଆପଡ଼ା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ଉପସଭାପତି ପ୍ରସନ୍ନ ମାହାନା,ସମ୍ପାଦକ ସୁଦୀପ୍ତ ବିଶୋଇଙ୍କ ସମେତ ସାମ୍ବାଦିକ କୁନୁ କରୁଆ, ପ୍ରଭଞ୍ଜନ ସେଠୀ,ଅକ୍ଷୟ ପାଢ଼ୀ,ଦୂର୍ବା ଖମାରୀ,ରିତେଶ ବାବୁ ଏବଂ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତଥିଲେ। ଏହି ପ୍ରତିଯୋଗିତାର ସିନିୟର୍ ବର୍ଗରେ ତୁଷାର ନିଆଲ ଏଣ୍ଡ ରୁଦ୍ର ସାହୁ ଚାମ୍ପିଅନ ହୋଇଛନ୍ତି । ସେହିଭଳି ସୀଙ୍ଗଲ ବିଭାଗରେ ଅଣ୍ଡର -୧ ୩ରେ ସାଇ ଆଦିତ୍ୟ, ଅଣ୍ଡର୧୫ରେ ମୁକେଶ ମିଶ୍ର, ଅଣ୍ଡର ୧୭ ଓ ୧୯-ରେ ଶ୍ରେୟସ ନାଏକ ଚାମ୍ପିଅନ ହୋଇଛନ୍ତି । ଡବଲସ ବିଭାଗରେ ଅଣ୍ଡର-୧୫ରେ ମୁକେଶ ମିଶ୍ର ଏଣ୍ଡ ସାଇ ଆଦିତ୍ୟ, ଅଣ୍ଡର -୧୭ରେ ଶ୍ରେୟସ ନାଏକ ଏଣ୍ଡ ପାର୍ଟନର, ଅଣ୍ଡର -୧୯ରେ ତୁଷାର ଓ ମୋହିତ ଜୈନ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିବା ଖେଳାଳିମାନଙ୍କୁ ଅତିଥି ମାନଙ୍କ କରକମଳରେ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ଉଦୀୟମାନ ବ୍ୟାଡ଼ମିଣ୍ଟନ ପ୍ରତିଭାମାନଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାକୁ ଶୌରଭ କୁମାର ପଣ୍ଡା, ତାପସ କୁମାର ପତି ଓ ଶାଶ୍ୱତ କୁମାର ବେହେରା ରେଫରି ଭାବେ ଖେଳକୁ ପରିଚାଳନା କରିଥିଲେ।

## ଚେନ୍ନାଇରେ ଖେଳାଯିବ 'ବିଗ୍ ବସ୍ ଲିଗ୍'ର ପ୍ରଥମ ମ୍ୟାଚ୍



ନୂଆଦିଲ୍ଲୀ, ୧୪/୦୭: ଅଷ୍ଟ୍ରେଲିଆର ବିଗ୍ ବସ୍ ଲିଗ୍‌ର ୧୬ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ବିବିଏଲ୍ ଆନୁଷ୍ଠାନିକ ଭାବରେ ଆଗାମୀ ସଂସ୍କରଣର କାର୍ଯ୍ୟସୂଚୀ ଘୋଷଣା କରିଛି। ଏଥର ଉଦ୍‌ଘାଟନୀ ମ୍ୟାଚ୍ ଭାରତରେ ଖେଳାଯିବ। କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରୁ ଏହି ଘୋଷଣା କରିଥିଲେ। ପ୍ରଥମ ମ୍ୟାଚ୍ ଡିସେମ୍ବର ୧୨ ତାରିଖରେ ଚେନ୍ନାଇର ଏମଏ ଚିଦାମ୍ବରମ୍ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ମେଲବର୍ଣ୍ଣ ରେନେଗେଡ୍‌ସ ଏବଂ ପର୍ଥ ସ୍କର୍ଚର୍ସ ମୁହାଁମୁହିଁ ହେବେ। ଏହି ଐତିହାସିକ ମ୍ୟାଚ୍‌ରେ ମେଲବର୍ଣ୍ଣ ରେନେଗେଡ୍‌ସ ଘରୋଇ ଦଳ ହେବ। ଭାରତରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବିବିଏଲ୍ ମ୍ୟାଚ୍ ପାଇଁ ଭାରତୀୟ କ୍ରିକେଟ୍ ପ୍ରଶଂସକ ମଧ୍ୟ ଉତ୍ସାହିତ।

# ଉପକନିଷ୍ଠ ୫ଏସ୍ ଏସୀୟ ହକି ଦଳରେ ଓଡ଼ିଶାରୁ ସିଟି, କିରଣ



ଭୁବନେଶ୍ୱର, ୧୪/୦୭ : ପ୍ରଥମ ଥର ଆୟୋଜିତ ହେବାକୁ ଥିବା ଉପକନିଷ୍ଠ (୧୮ ବର୍ଷରୁ କମ୍) ବାଳକ ଓ ବାଳିକା ୫ଏସ୍ ହକି ଏସୀୟ ପ୍ରତିଯୋଗିତା ଲାଗି ଭରତୀୟ ଦଳ ମଙ୍ଗଳବାର ଘୋଷିତ ହୋଇଛି। କେବଳ ବାଳିକା ଦଳରେ ଓଡ଼ିଶାରୁ ୨ ଜଣ ସିଟି କୁଜୁର ଓ କିରଣ ଏକ୍କା ରହିଛନ୍ତି। ସିଟିଙ୍କୁ ଭାରତୀୟ ଅଧିନାୟିକା ଦାୟିତ୍ୱ ମିଳିଛି। ଏହି ପ୍ରତିଯୋଗିତା ଓମାନ୍‌ର ମସ୍କଟ୍‌ରେ ଚଳିତ ମାସ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ବାଳକ ବର୍ଗରେରେ ଭାରତ ସହ ଆୟୋଜକ ଓମାନ, ପାକିସ୍ତାନ, ଇରାନ, ଇରାକ, ସାଉଦି ଆରବ ଓ ବାଂଲାଦେଶ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିଭଳି ମହିଳା ବର୍ଗରେ ଭାରତ, ଓମାନ, ପାକିସ୍ତାନ, ଚୀନ, ଉଜବେକିସ୍ତାନ, କାଜଖସ୍ତାନ ଓ ଇରାନ ଟ୍ରଫି ପାଇଁ ଲଢ଼ିବେ। ବାଳିକା ଦଳ: ଗୋଲି-ଖଲି କୁମାରୀ, ମହକ ପରିହାର, ଡିଫେଣ୍ଡର-ନିଲମ ଟପ୍ପୋ, କିରଣ ଏକ୍କା, ମିଡ୍‌ଫିଲ୍ଡର- ଦିୟା, ପୁଷ୍ପା ମାଝି, ଶ୍ରୁତି କୁମାରୀ, ଫରୱାର୍ଡ-ନୌସିନ୍ ନାଜ, ସନ୍ଦୀପା କୁମାରୀ, ସିଟି କୁଜୁର (ଅଧିନାୟିକା)। ବାଳକ ଦଳ: ଗୋଲି- ସତ୍ୱାନ କୁମାର, ଆୟୁଷ ରଜାକ, ଡିଫେଣ୍ଡର- କରଣ ଗୌତମ, ଆଶିଷ ତାନି ପୂର୍ତ୍ତି, ମିଡ୍‌ଫିଲ୍ଡର-ରାହୁଲ ଯାଦବ, ରୋମିତ ପାଲ, ଫରୱାର୍ଡ- କେତନ କୁଶୱା (ଅଧିନାୟକ), ଅର୍ଶଦୀପ ସିଂହ, ପ୍ରହଲାଦ ରାଜଭର, ଶାହରୁଖ ଅଲୀ।

# ରଥଯାତ୍ରା ଲାଗି ଜାରି ହେଲା ଟ୍ରାଫିକ କଟକଣା

## ସ୍ୱତନ୍ତ୍ର ରୁଟ ଚାର୍ଟ

ପୁରୀ,୧୪ ।୭(ଅକ୍ଷର ଓଡ଼ିଶା): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଚଳିତ ବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଜନସମାଗମକୁ ଦୃଷ୍ଟିରେ ରଖି ସୁଗମ ଯାନବାହାନ ଚଳାଚଳ ଏବଂ ପାର୍କିଂ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି ହେବା ସହ ସ୍ୱତନ୍ତ୍ର ରୁଟ ଚାର୍ଟ ଜାରି କରାଯାଇଛି। ବ୍ରହ୍ମଗିରି, ଭୁବନେଶ୍ୱର ଏବଂ କୋଣାର୍କ ଆଦି ବିଭିନ୍ନ ଦିଗରୁ ଆସୁଥିବା ଯାନବାହାନ ପାଇଁ ପୃଥକ ରୁଟ୍ ଏବଂ ପାର୍କିଂ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରୁ ଆସୁଥିବା ସମସ୍ତ ପର୍ଯ୍ୟଟନ ବସ୍ ଗୁଡ଼ିକ ମାଳତୀପାଟପୁରରେ ପାର୍କିଂପାଇଁ ଅନୁମତି ଦିଆଯିବ। ଭୁବନେଶ୍ୱର ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମାଳତୀପାଟପୁର ଓଭର ବ୍ରିଜ୍, ବୈଦାସନଗର ଛକ, ଗ୍ରୀଡ୍ ଷ୍ଟେସନ୍ ଛକ ଦେଇ ତାଳବଣିଆ ପାର୍ଶ୍ୱରେ ନିର୍ଦ୍ଦିଷ୍ଟ ପାର୍କିଂ ପଏଣ୍ଟକୁ ଆସିପାରିବେ। ତାଳବଣିଆ ପାର୍ଶ୍ୱରେ ସେମାନେ ଯଥାକ୍ରମେ ବିଧାନସଭା ଅତିଥି ଭବନ, ଇଣ୍ଡୋର ଷ୍ଟାଡିୟମ୍, ଉଦ୍ୟାନ କୃଷି ପ୍ରତିଷ୍ଠାନରେ ଓ ହାଇଜେ ନିକ ଫିସ୍ ମାର୍କେଟରେପାର୍କିଂ କରିବେ। ସେଠାରୁ, ସେମାନେ ପିକେ ଆରଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେସନ୍ ,ଭୂଦାନ ଛକ, ବାଲିଘାଟ ଭୂଦାନ ଛକ, ସମଙ୍ଗରା ଓ ବାଟଗାଁ ଭୂଦାନ ଛକ ଦେଇ ଭୁବନେଶ୍ୱର ଫେରିବାକୁ ପରାମର୍ଶ ଦିଆଯାଇଛି ।କୋଣାର୍କରୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ବୈଦାସ ନଗର ଛକ, ଗ୍ରୀଡ୍ ଷ୍ଟେସନ୍ ଏବଂ ତାଳବଣିଆ ଦେଇ ନିର୍ଦ୍ଦିଷ୍ଟ ପାର୍କିଂ ଅଞ୍ଚଳକୁ ଆସିବେ। ତାଳବଣିଆ ପାର୍କିଂ, ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିୟମ୍, ଉଦ୍ୟାନ କୃଷି କ୍ଷେତ୍ର ଏବଂ ତାଜା ମାଛ ବଜାରରେ କ୍ରମାନୁସାରେ ସେମାନଙ୍କର ଯାନଗୁଡ଼ିକ ପାର୍କିଂ କରିବେ। ସେଠାରୁ ସମାନ ରାସ୍ତା ଦେଇ ଫେରିବାକୁ ପରାମର୍ଶ ଦିଆଯାଉଛି ।ବ୍ରହ୍ମଗିରି ଆଡୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନ ଗୁଡ଼ିକ ମଙ୍ଗଳାଘାଟ ଛକରୁ ଷ୍ଟର୍ଲିଂ ଛକକୁ ଯିବେ ଏବଂ ସେଠାରେ ନିର୍ଦ୍ଦିଷ୍ଟ ଯାନ ପାର୍କିଂ ଅଞ୍ଚଳ (ଷ୍ଟର୍ଲିଂ ପାର୍କିଂ)ରେ ପାର୍କିଂ କରିବେ ଓ ସେହି ସମାନ ରାସ୍ତା ଦେଇ ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ ।ସେହିପରି ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ବ୍ରହ୍ମଗିରି ପାର୍ଶ୍ୱରୁ ଦୁଇ ଚକିଆ ଯାନଗୁଡ଼ିକୁ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ମାଟିତୋଟା ହେଲିପ୍ୟାଡ୍ ଗ୍ରାଉଣ୍ଡ ଏବଂ ମଙ୍ଗଳାଘାଟ ଦେଇ ମାଟିତୋଟା ପ୍ଲେ ଗ୍ରାଉଣ୍ଡ ପାର୍କିଂରେ ପହଞ୍ଚିପାରିବେ। ତେବେ ଯେଉଁମାନେ ପ୍ରଥମେ ଆସିବେ ସେମାନଙ୍କୁ ପ୍ରାଥମିକତା ଦିଆଯାଇ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ। ସେମାନେ ମଙ୍ଗଳାଘାଟ ଦେଇ ଫେରିବେ ।ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଦୁଇ ଚକିଆ ଯାନ ଗୁଡ଼ିକ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ମାଟିତୋଟା ହେଲିପ୍ୟାଡ୍ ଗ୍ରାଉଣ୍ଡ ଏବଂ ମାଟିତୋଟା ପ୍ଲେ ଗ୍ରାଉଣ୍ଡ ପାର୍କିଂ ମାଳତୀପାଟପୁର, ବାଟଗାଁ ଏବଂ ମଙ୍ଗଳାଘାଟ ଦେଇ ଯାଇପାରିବେ। ଯେଉଁମାନେ ଭୁବନେଶ୍ୱରରୁ ପ୍ରଥମେ ଆସିଥିବେ ସେମାନଙ୍କୁ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପର୍ଯ୍ୟନ୍ତ ଅନୁମତି ଦିଆଯିବ। ତେବେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନଗୁଡ଼ିକ ଜଟିଆବାବାଜୀ ଛକ, କୁମ୍ଭାରପଡ଼ା ଥାନା ଅଠରନଳା ଏବଂ ବାଟଗାଁ ଦେଇ ଫେରିପାରିବେ। କୋଣାର୍କ ପାର୍ଶ୍ୱରୁ ଆସିବାକୁ ଥିବା ଦୁଇ ଚକିଆ ଯାନଗୁଡ଼ିକୁ ବୈଦାସ ନଗର, ଗ୍ରୀଡ୍ ଷ୍ଟେସନ୍, ହେଲିପ୍ୟାଡ୍, ପେଣ୍ଠକଟା ଛକ, ସିଟି ରୋଡ୍ ଏବଂ ସୁବାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବିଚ୍ ଏବଂ ହୋଟେଲ ନୀଳାଚଳ ଅଶୋକ ନିକଟରେ ପାର୍କିଂ ପାଇଁ ଅନୁମତି ଦିଆଯିବ। ସେହି ଦୁଇ ଚକିଆ ଯାନଗୁଡ଼ିକ ସମାନ ରାସ୍ତା ଦେଇ ଫେରିବ। କିନ୍ତୁ ବୈଦାସନଗର ଛକରୁ କୌଣସି ଯାନକୁ ଆରଓବି ରୋଡ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ନାମରେ ସ୍ପଷ୍ଟ କରାଯାଇଛି।

# ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍‌ର ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା ଅନୁଷ୍ଠିତ



ମାଲକାନଗିରି, ୧୪/୦୭ (ପ୍ରଦୀପ ରାଉଳ)ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସମସ୍ତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସଚେତନତା ଓ ସମନ୍ୱୟ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷତା କରି ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଶିଶୁ ଅଧିକାର ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲ୍ଲା ପୋଲିସ ଅନ୍ୟାନ୍ୟ ସହବନ୍ଧିତ ବିଭାଗ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ସମସ୍ତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି ଜିଲ୍ଲା ସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଣି ଡ଼ା ମିନତୀ ମହାନ୍ତି ଏବଂ ଆଇନ ସହାୟକ ପରିଚାଳକ ସୂର୍ଯ୍ୟ ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି (ଲିଙ୍ଗ ଚୟନ ନିଷେଧ ଅଧିନିୟମ ୧୯୯୪) ଏବଂ ଗର୍ଭବସ୍ଥାର ଚିକିତ୍ସାଗତ ସମାପନ ଅଧିନିୟମ (ସଂଶୋଧନ) ୨୦୧୧ ଆଧାରରେ ପୋଲିସ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକର ଆଇନଗତ ଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାକୁ ସେମାନେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।ଆରକ୍ଷୀ ଅଧିକ୍ଷକଙ୍କ ପରାମର୍ଶ କ୍ରମେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସରକାରଙ୍କ ଦ୍ୱାରା ପ୍ରଣୀତ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଯଥା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫, ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ ଅଧିନିୟମ ୨୦୧୨, ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬, ଅନୈତିକ ବ୍ୟବସାୟ (ନିବାରଣ) ଅଧିନିୟମ ୧୯୫୬ ଏବଂ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬ ଉପରେ ଆଲୋଚନା କରିଥିଲେ। ଏହି ସମସ୍ତ ଅଧିନିୟମଗୁଡ଼ିକର ସଠିକ୍ ଏବଂ ଦୃଢ଼ କାର୍ଯ୍ୟକାରିତା ଦ୍ୱାରା ହିଁ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ, ଶିଶୁ ଶ୍ରମିକ ମୁକ୍ତ ଏବଂ ଏକ ଆଦର୍ଶ ଶିଶୁ ସୁଲଭ ଜିଲ୍ଲା ଭାବେ ଗଢ଼ିତୋଳା ଯାଇପାରିବ ବୋଲି ସେ ମତାମତ ପ୍ରଦାନ କରିଥିଲେ। ଏହି ସମନ୍ୱୟ ସମାବେଶରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଗୋପାଳ କୃଷ୍ଣ ରଥଙ୍କ ସମେତ ସମିତିର ସମସ୍ତ ସଦସ୍ୟ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଟି. ଜୟାଲକ୍ଷ୍ମୀ ଓ ମିନାକ୍ଷୀ ପ୍ରଧାନ, ଅତିରିକ୍ତ ଶ୍ରମ ଅଧିକାରୀ, ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ, ସମସ୍ତ ବାଲ୍ୟ ବିବାହ ନିଷେଧ ଅଧିକାରୀ ଏବଂ ସମସ୍ତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହିତ ଶିଶୁ ସହାୟକ ହେଲ୍‌ପଲାଇନ, ମହିଳା ସହାୟତା ହେଲ୍‌ପଲାଇନ, 'ସଖି' ଏବଂ 'ଶକ୍ତି ସଦନ'ର କର୍ମକର୍ତ୍ତା ତଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁଦେସ୍ନା ରାଉତ, ରୀନା ମାଢ଼ି, ସୌମ୍ୟରଂଜନ ସାଇଁ, ଶିବ ପ୍ରସାଦ ନାୟକ ଓ ଚକ୍ରପାଣି ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera